- Vol.- 46, Issue No. 192
- Sunday, 11 October 2026
- ରବିବାର, ୧୧ ଅକ୍ଟୋବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com







# ଜ୍ଞାନେଶଙ୍କ ବିରୋଧରେ ତେଜୁଛି ବିଦ୍ରୋହ



- ଜୋର୍ ଧରିଲା ଇସ୍ତଫା ଦାବି
- ସିଜେପିର ମୁଖ୍ୟ ସମେତ ୩ କର୍ମକର୍ତ୍ତା ପୋଲିସ ହେପାଜତରେ
- ଆନ୍ଦୋଳନକୁ ସୁପ୍ରିମକୋର୍ଟ ଓକିଲଙ୍କ ସମର୍ଥନ
- ୪ ହଜାରରୁ ଅଧିକ ବିକ୍ଷୋଭକାରୀଙ୍କୁ ଉଠାଇନେଲା ପୋଲିସ
- ମମତା ବାନାର୍ଜୀ, ଅରବିନ୍ଦ କେଜ୍ରିୱାଲ, ପିନରାୟୀ ବିଜୟନ ଅଟକ
- ୩୦ ହଜାରରୁ ଅଧିକ ସୁରକ୍ଷାକର୍ମୀଙ୍କୁ ମୁତୟନ

ନୂଆଦିଲ୍ଲୀ, ୧୦।୧୦: ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସିଜେପି ଓ ବିଭିନ୍ନ ଛାତ୍ର ସଂଗଠନ ଅକ୍ଟୋବର ୧୦ରେ ଜନ୍ତର ମନ୍ତରରେ ଆନ୍ଦୋଳନର ଆହ୍ୱାନ ଦେଇଥିଲେ। ହେଲେ ଦିଲ୍ଲୀ ପୋଲିସ ଏହି ପ୍ରଦର୍ଶନ ପାଇଁ ଅନୁମତି ଦେବାକୁ ମନା କରି ଦେଇଥିଲା। ଆନ୍ଦୋଳନ ପାଇଁ ବିଳମ୍ବରେ ଆବେଦନ କରିବା ଏବଂ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଥିବା ପୋଲିସ ପ୍ରକାଶ କରିଛି।ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଦିଲ୍ଲୀରେ ୩୦ ହଜାରରୁ ଅଧିକ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଛି। ରାଜଧାନୀର ଅନେକ ଅଞ୍ଚଳରେ ବ୍ୟାରିକେଡିଂ କରାଯାଇଛି ଏବଂ ଯାତାୟତ ଉପରେ କଟକଣା ଲଗାଯାଇଛି। ମେଟ୍ରୋ ଷ୍ଟେସନ ଓ ରେଳ ସେବା ଉପରେ ମଧ୍ୟ କଟକଣା ଲଗାଯାଇଥିଲା।ଏହା ପୂର୍ବରୁ କକରୋଚ ଜନତା ପାର୍ଟି(ସିଜେପି)ର ପ୍ରମୁଖ ତଥା ରାଷ୍ଟ୍ରୀୟ ସଂଯୋଜକ ଅଭିଜିତ ଦୀପକେଙ୍କୁ ଉଠାଇ ନେଇଛି ଦିଲ୍ଲୀ ପୋଲିସ। ଦୀପକେଙ୍କ ସହ ସିଜେପିର ସହସଂଯୋଜକ ଆଶୁତୋଷ ରାଙ୍କା ଏବଂ ସୌରଭ ଦାସଙ୍କୁ ମଧ୍ୟ ନିଜ ହେପାଜତକୁ ନେବାରେ ସଫଳ ହୋଇଛି ପୋଲିସ। ତିନି ଜଣ ମୁମ୍ବାଇରୁ ବିମାନ ଯୋଗେ ଦିଲ୍ଲୀ ବନ୍ଦରରେ ପହଞ୍ଚିବା ମାତ୍ରେ ଦିଲ୍ଲୀ ପୋଲିସ ବିମାନ ଭିତରେ ପଶି ସମସ୍ତଙ୍କୁ ନିଜ ହେପାଜତକୁ ନେଇ ଯାଇଛି। ଏହି ସମୟରେ ଅଭିଜିତ ଦୀପକେ କହିଛନ୍ତି ଯେ, ସେ ଗିରଫ ହେବା ପାଇଁ ହିଁ ଆସିଛନ୍ତି।ଏଭଳି ସ୍ଥିତି ବେଳେ କକରୋଚ ଜନତା ପାର୍ଟି(ସିଜେପି)ର ପ୍ରଦର୍ଶନକୁ ସୁପ୍ରିମକୋର୍ଟ ଓକିଲଙ୍କ ସମର୍ଥନ ମିଳିଛି।ଫଳରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ଜାରି ଆନ୍ଦୋଳନ ଆହୁରି ତୀବ୍ର ହୋଇଛି। ଶନିବାର ଓକିଲମାନେ ସୁପ୍ରିମକୋର୍ଟରୁ ଜନ୍ତର ମନ୍ତରର ଅଭିମୁଖେ ରାଲି ବାହାରିଛନ୍ତି। ହେଲେ ଦିଲ୍ଲୀ ପୋଲିସ ରାସ୍ତାରୁ ହିଁ ସେମାନଙ୍କୁ ଉଠାଇ ନେଇଛି। ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ସୁପ୍ରିମକୋର୍ଟ ବାର ଆସୋସିଏସନ।ବାର୍ ଆସୋସିଏସନ ଭାତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କୁ ଦିଲ୍ଲୀ ପୋଲିସ ଏବଂ କେନ୍ଦ୍ରୀୟ ବଳ ଦ୍ୱାରା ଓକିଲଙ୍କୁ ଅଟକ ରଖିବା ମାମଲାରେ ହସ୍ତକ୍ଷେପ କରିବାକୁ ଅପିଲ୍ କରିଛି। ସୁପ୍ରିମକୋର୍ଟ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନ କରୁଥିବା ବରିଷ୍ଠ ଓ ଯୁବ ଓକିଲ ବିଶେଷ କରି ମହିଳା ଓକିଲଙ୍କ ବିରୋଧରେ ପୋଲିସର ଆବଶ୍ୟକତାଠୁ ଅଧିକ ବଳ ପ୍ରୟୋଗ ଏବଂ ସେମାନଙ୍କୁ ଅଟକ ରଖିବାକୁ କଡ଼ା ଶବ୍ଦରେ ନିନ୍ଦା କରିଛି ସୁପ୍ରିମକୋର୍ଟ ବାର୍ ଆସୋସିଏସନ। ଦିଲ୍ଲୀରେ ସିଜେପିର ଆନ୍ଦୋଳନ ପୂର୍ବରୁ ବ୍ୟାପକ ଅଟକଦାରି ହଇଚଇ ସୃଷ୍ଟି କରିଛି। ଯନ୍ତରମନ୍ତରରେ ଆନ୍ଦୋଳନ ପାଇଁ ଚାହୁଁଥିବା ୪ ହଜାରରୁ ଅଧିକ ବିକ୍ଷୋଭକାରୀଙ୍କୁ ପୋଲିସ ଉଠାଇ ନେଇଛି।ଅଟକଦାରୀଙ୍କ ମଧ୍ୟରେ ୩ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଛାତ୍ର ନେତା ଓ ସାଧାରଣ ଯୁବକ ଯୁବତୀ ରହିଛନ୍ତି। ପୋଲିସ ଆନ୍ଦୋଳନ ପାଇଁ ଅନୁମତି ନ ଦେଇ ବିକ୍ଷୋଭକାରୀଙ୍କୁ ଉଠାଉଥିବାରୁ ଏହାକୁ ସମାଲୋଚନା କରିଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି। ସେ ଲଢ଼େଇ ଜାରି ରହିବ ବୋଲି ଦମ୍ଭୋକ୍ତି କରିବା ସହ ମୋଦି ସରକାରଙ୍କୁ ଗିରଫଦାରି ପାଇଁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି।ସେ କହିଛନ୍ତି,ସବୁ ନେତାଙ୍କୁ ଗିରଫ କରିନିଅ। ସମସ୍ତ ଯୁବଗୋଷ୍ଠୀଙ୍କୁ ଗିରଫ କର। ଆମ ସମସ୍ତଙ୍କୁ ଗିରଫ କରି ନିଅନ୍ତୁ। ଆଦୌ ଡରନ୍ତୁ ନାହିଁ। ଆମେ ଆପଣଙ୍କୁ ଚାରି ଆଡୁ ଘେରିବାକୁ ଲାଗିଛୁ। ଆମେ ପଛକୁ ହଟିବାର ନାହିଁ। ଆମ କଥା ମନେ ରଖନ୍ତୁ। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସିଜେପି ଦେଇଥିବା ଆନ୍ଦୋଳନକୁ ସମର୍ଥନ କରୁଥିବା ଜଣଙ୍କ ପରେ ଜଣେ ବିରୋଧୀ ଦଳର ନେତାଙ୍କୁ ଉଠାଇବାରେ ଲାଗିଛି ପୋଲିସ।ପ୍ରଥମେ ପୋଲିସ ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ଓ ଦଳର ୫ ଜଣ ସାଂସଦଙ୍କୁ ବସ୍‌ରେ ଭର୍ତ୍ତି କରି ଉଠାଇ ନେଇଥିଲା। ଏବେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ମଧ୍ୟ ପୁଲିସ ଉଠାଇ ନେଇ ଅଟକ ରଖିଛି। କେରଳମର ପୂର୍ବତନ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନଙ୍କୁ ମଧ୍ୟ ଅଟକ ରଖାଯାଇଛି । ସିଜେପିର ଏହି ଆନ୍ଦୋଳନକୁ ଫ୍ଲପ୍ ସୋ' ବୋଲି ବିଜେପି ସମାଲୋଚନା କରିଛି ।

# ସିଜେପି ଆନ୍ଦୋଳନ: ଆଜି ବି କମ୍ପିବ ଦିଲ୍ଲୀ !

## 'ସିଜେପି ନେତା ମୁକ୍ତ ନ ହେବା ପର୍ଯ୍ୟନ୍ତ ନେତୃତ୍ୱ ନେବେ ଆଜିଙ୍କ୍ୟ'



ନୂଆଦିଲ୍ଲୀ, ୧୦।୧୦: ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ କକ୍ରୋଚ ଜନତା ପାର୍ଟି (ସିଜେପି) ଆନ୍ଦୋଳନ ପରେ ଚର୍ଚ୍ଚାକୁ ଆସିଛନ୍ତି ସିଜେପିର ଜାତୀୟ ସଂଗଠନ ପ୍ରଭାରୀ ଆଜିଙ୍କ୍ୟ ସିନ୍ଦେ। ୩୫ ବର୍ଷୀୟ ସିନ୍ଦେ ମହାରାଷ୍ଟ୍ରର ଲାଟୁରର ବାସିନ୍ଦା ଓ ରାଇଗଡର ଲୋନେରେସ୍ଥିତ ଡକ୍ଟର ବାବାସାହେବ ଆମ୍ବେଦକର ଟେକ୍ନୋଲୋଜିକାଲ ୟୁନିଭରସିଟିରୁ ବିଟେକ୍ ଡିଗ୍ରୀ ହାସଲ କରିଛନ୍ତି। ପୁଣେର ଏକ ଆଇଟି କମ୍ପାନୀରେ ସେ ବହୁ ବର୍ଷ ଧରି କାର୍ଯ୍ୟ କରିଥିଲେ। ସିନ୍ଦେ ପୂର୍ବରୁ ଆମ ଆଦମୀ ପାର୍ଟି (ଆପ୍) ସହିତ ଜଡିତ ଥିଲେ। ୨୦୧୬ ଗୋଆ ବିଧାନସଭା ନିର୍ବାଚନ ସମୟରେ ସିନ୍ଦେ ଆପ୍ ପାଇଁ ପ୍ରଚାର କରିଥିଲେ। ପରବର୍ତ୍ତୀ ସମୟରେ ସେ ମହାରାଷ୍ଟ୍ରରେ ଦଳ ପାଇଁ କାମ କରିଥିଲେ। ସିନ୍ଦେ ଆପ୍‌ରେ ଯୋଗଦେବା ପାଇଁ ଆଇଟି କ୍ଷେତ୍ରରେ ଭଲ ଦରମା ଯୁକ୍ତ ଚାକିରି ମଧ୍ୟ ଛାଡି ଦେଇଥିଲେ।ସିଜେପି ପ୍ରତିଷ୍ଠା ହେବା ପରଠାରୁ ସେ ଏହା ସହିତ ଜଡିତ ଅଛନ୍ତି। ଗତ ଜୁନ୍ ଓ ଜୁଲାଇରେ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ବିରୋଧରେ ଦିଲ୍ଲୀରେ ହୋଇଥିବା ପ୍ରତିବାଦରେ ଅଂଶଗ୍ରହଣ କରିଥିଲେ। ସିଜେପିର ୩ ପ୍ରମୁଖ ନେତାଙ୍କ ଅଟକ ପରେ ଦୀପକେ ପୂର୍ବରୁ ରେକର୍ଡ ହୋଇଥିବା ଏକ ଭିଡିଓରେ କହିଛନ୍ତି ଯେ, ଦଳର ଜାତୀୟ ସଂଗଠନ ପ୍ରଭାରୀ ସିନ୍ଦେ ସେମାନେ ମୁକ୍ତ ନ ହେବା ପର୍ଯ୍ୟନ୍ତ ଯନ୍ତରମନ୍ତରରେ ପ୍ରତିବାଦର ନେତୃତ୍ୱ ନେବେ। ସମ୍ଭାବ୍ୟ ଗିରଫଦାରି ଆଶଙ୍କାରେ ଦୀପକେ ଶୁକ୍ରବାର ଭିଡିଓ ରେକର୍ଡ କରିଥିଲେ। ଆଜିଙ୍କ୍ୟଙ୍କ ଶନିବାରର ଇସାରା ଅନୁଯାୟୀ ଜ୍ଞାନେଶ କୁମାର ଇସ୍ତଫା ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଏହି ସୂଚାଇଛି ଯେ ଯନ୍ତରମନ୍ତରରେ ସିଜେପିର ଆନ୍ଦୋଳନ ରବିବାର ମଧ୍ୟ ଜାରି ରହିପାରେ।

### ଦିଲ୍ଲୀ ପୋଲିସକୁ ଶୁଣାଇଲେ ୱାଙ୍ଗଚୁକ

## ଗିରଫ ପ୍ରତିବାଦକାରୀଙ୍କୁ ଖଲାସ କର

### ନୋହିଲେ ଅନଶନ ଅବା ପଦଯାତ୍ରା

ନୂଆଦିଲ୍ଲୀ, ୧୦।୧୦: ସିଜେପି ଲଦାଖର ପରିବେଶ କର୍ମୀ ସୋନମ ୱାଙ୍ଗଚୁକ ସରକାରକୁ ଦେଇଛନ୍ତି କଡ଼ା ଚେତାବନୀ। ଦିଲ୍ଲୀରେ ସିଜେପି ପ୍ରତିବାଦ ସମୟରେ ଗିରଫ ହୋଇଥିବା ନେତାମାନଙ୍କୁ ଶୀଘ୍ର ମୁକ୍ତ କରିବାକୁ ସେ ଦାବି କରିଛନ୍ତି। ରବିବାର ସୁଦ୍ଧା ଗିରଫ ନେତାମାନଙ୍କୁ ଛଡ଼ା ନ ଗଲେ, ସେ ଅନଶନ କିମ୍ବା ପଦଯାତ୍ରା ଆରମ୍ଭ କରିବାକୁ ବିଚାର କରିବେ ବୋଲି କହିଛନ୍ତି। ସୋନମ ୱାଙ୍ଗଚୁକ ସୋସିଆଲ ମିଡିଆରେ ଜାରି କରିଥିବା ବାର୍ତ୍ତାରେ ଦାବି କରିଛନ୍ତି ଯେ ଦେଶରେ "ଅଘୋଷିତ ଜରୁରୀକାଳୀନ ପରିସ୍ଥିତି" ଭଳି ଅବସ୍ଥା ସୃଷ୍ଟି ହୋଇଛି। ସେ କହିଛନ୍ତି, ପ୍ରତିବାଦ ପୂର୍ବରୁ ସେ ଶାନ୍ତି ଓ ଏକତା ରକ୍ଷା ପାଇଁ ଆହ୍ୱାନ କରିଥିଲେ। କିନ୍ତୁ ଆନ୍ଦୋଳନର ନେତୃତ୍ୱ ନେଇଥିବା ନେତାମାନଙ୍କୁ ଗିରଫ କରାଯାଇଥିବାରୁ ସେ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

---

## ରିଲ୍ସ ନେଉଛି ଜୀବନ

### ନାଗ ସାପ ମାରିଲା ଚୋଟ, ଅନ୍ୟ ଜଣେ କଟିଲା ଟ୍ରେନରେ

ପୁରୀ/ବୌଦ୍ଧ ୧୦।୧୦(ନିପ୍ର): ଯୁବକ ସବୁବେଳେ ନାଗ ସାପକୁ ଧରି ଖେଳ କରନ୍ତି। ଶନିବାର ନାଗ ସାପକୁ ଧରି ରିଲ୍ସ କରୁଥିବା ବେଳେ ସାପ କାମୁଡ଼ି ଦେବାରୁ ସେ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକ ସଦର ଥାନା ଅନ୍ତର୍ଗତ କଣ୍ଟପୁର ଗ୍ରାମର ବୋଲି ଜଣାଯାଇଛି। ସେହିପରି ଶୁକ୍ରବାର ସନ୍ଧ୍ୟାରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥରେ ରେଳ ଧାରଣା ନିକଟରେ ରିଲ୍ ତିଆରି କରୁଥିବା ସମୟରେ ଏକ ଟ୍ରେନ୍ ଧକ୍କାରେ ଜଣେ ନାବାଳକର ମୃତ୍ୟୁ ଘଟିଛି। ମୃତକ ଜଣକ ବୌଦ୍ଧ ଜିଲ୍ଲା ଅନ୍ତର୍ଗତ ବାଉଁଶୁଣି ଥାନା ଅଞ୍ଚଳର ତାଲୁପାଲି ଗ୍ରାମର ବାସିନ୍ଦା । ରେଳ ଧାରଣା ନିକଟରେ ସେ ରିଲ୍ ତିଆରି କରୁଥିବା ସମୟରେ ଏହି ଘଟଣା ଘଟିଥିଲା।

# ଅବ୍ୟବସ୍ଥାର ପ୍ରତିବାଦ : ଛାତ୍ରଛାତ୍ରୀ ୭ କିମି ଚାଲିଲେ

- ଜାତୀୟ ରାଜପଥ ୪୯ କଲେ ଅବରୋଧ
- ଅଧକ୍ଷଙ୍କୁ ତୁରନ୍ତ ବଦଳି ଦାବି



ବାଙ୍ଗିରିପୋଷି, ୧୦।୧୦: ବାଙ୍ଗିରିପୋଷି ବ୍ଲକ ଶ୍ୟାମସୁନ୍ଦରପୁର ଏକଲବ୍ୟ ବିଦ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା ପ୍ରତିବାଦ ନେଇ ଛାତ୍ରଛାତ୍ରୀ ପଦଯାତ୍ରା କରିଛନ୍ତି। ହାତରେ ପ୍ଲାକାର୍ଡ ଧରି ୪୦୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପ୍ରାୟ ୭ କିଲୋମିଟର ପାଦରେ ଚାଲି ପରେ ବାଙ୍ଗିରିପୋଷି ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ଉପୁଜିଥିବା ବିଭିନ୍ନ ଅବ୍ୟବସ୍ଥା ଓ ସମସ୍ୟାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ବିଦ୍ୟାଳୟର ସମସ୍ୟା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା। ଫଳରେ ବିଦ୍ୟାଳୟର ଏହି ଛାତ୍ରଛାତ୍ରୀ ହାତରେ ପ୍ଲାକାର୍ଡ ଧରି ଶ୍ୟାମସୁନ୍ଦରପୁରରୁ ବାଙ୍ଗିରିପୋଷି ବ୍ଲକ କାର୍ଯ୍ୟାଳୟ ଅଭିମୁଖେ ଚାଲି ଚାଲି ବାହାରି ବାଙ୍ଗିରିପୋଷି ଜାତୀୟ ରାଜପଥ ୪୯କୁ ଅବରୋଧ କରିଥିବା କହିଛନ୍ତି । ବ୍ଲକ ପ୍ରଶାସନ ତଥା ଉପ ଜିଲ୍ଲାପାଳଙ୍କ ନିକଟରେ ନିଜର ଦାବି ଉପସ୍ଥାପନ କରିବା ସହ ବିଦ୍ୟାଳୟର ଅଧକ୍ଷଙ୍କୁ ତୁରନ୍ତ ବଦଳି ପାଇଁ ଜିଦ୍ ଧରି ବସିବା ସହ ସମସ୍ୟାର ତୁରନ୍ତ ସମାଧାନ ଦାବି କରିଥିଲେ । ବାଙ୍ଗିରିପୋଷି ବିଧାୟିକା ସେଠାରେ ପହଞ୍ଚି ଛାତ୍ରଛାତ୍ରୀମାନଙ୍କୁ ବୁଝାସୁଝା କରିବା ସହ ବିଦ୍ୟାଳୟର ଅଧକ୍ଷଙ୍କୁ ତୁରନ୍ତ ବଦଳି ପାଇଁ ପ୍ରତିଶ୍ରୁତି ଦେଇଥିବା ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ସୂତ୍ରରୁ ପ୍ରକାଶ।

## ୩୩,୫୧୫ଟି ଫର୍ମ-୬ ଆବେଦନପତ୍ର

ଭୁବନେଶ୍ୱର : ୧୦ ।୧୦ : ଭାରତ ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ଭୋଟର ତାଲିକାରେ ନାମ ସାମିଲ କରିବା ଉଦ୍ଦେଶ୍ୟରେ ଅକ୍ଟୋବର ୭ ରୁ ୯ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏକ ସ୍ୱତନ୍ତ୍ର ଅଭିଯାନ ଆୟୋଜନ କରାଯାଇଥିଲା। ଏହି ତିନିଦିନିଆ ସ୍ୱତନ୍ତ୍ର ଅଭିଯାନ ଅଧୀନରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ମୋଟ ୨୬,୪୪୬ଟି ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇଥିଲା। ଶିବିରଗୁଡ଼ିକ ମାଧ୍ୟମରେ ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ସମ୍ପର୍କରେ ସଚେତନ କରିବା ସହ ଆବଶ୍ୟକ ଆବେଦନପତ୍ର ଦାଖଲ କରିବାର ସୁବିଧା ଯୋଗାଇ ଦିଆଯାଇଥିଲା। ଅଭିଯାନ ସମୟରେ ଭୋଟର ତାଲିକାରେ ନାମ ସାମିଲ ହୋଇପାରି ନଥିବା ଯୋଗ୍ୟ ଭୋଟରମାନଙ୍କଠାରୁ ୧,୪୪୮ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ କରାଯାଇଥିବା ବେଳେ ନୂତନ ଓ ଯୁବ ଭୋଟରମାନଙ୍କ ଠାରୁ ୩୨,୦୬୭ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ କରାଯାଇଛି। ଏହିପରି ମୋଟ ୩୩,୫୧୫ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ କରାଯାଇଛି।

### ସୁରକ୍ଷା କଟକଣାକୁ ନେଇ ଆଇନଗତ ଲଢ଼େଇ

## ସୁପ୍ରିମକୋର୍ଟରେ ଆଜି ସ୍ୱତନ୍ତ୍ର ଶୁଣାଣି

ନୂଆଦିଲ୍ଲୀ, ୧୦।୧୦: ଜାତୀୟ ରାଜଧାନୀର ସମଗ୍ର ଅଞ୍ଚଳରେ ଲାଗୁ କରାଯାଇଥିବା କଠୋର ସୁରକ୍ଷା କଟକଣାକୁ ନେଇ ଚାଲିଥିବା ଆଇନଗତ ଲଢ଼େଇ ମଧ୍ୟରେ, ସୁପ୍ରିମକୋର୍ଟ ୨୦୨୬ ମସିହା ଅକ୍ଟୋବର ୧୧ତାରିଖ ରବିବାର ଏକ ସ୍ୱତନ୍ତ୍ର ଶୁଣାଣି ଅନୁଷ୍ଠିତ କରିବାକୁ ଘୋଷଣା କରିଛନ୍ତି।ବିଚାରପତି ଜୟମାଲ୍ୟ ବାଗଚି ଏବଂ ଭି. ମୋହନାଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଦୁଇଟି ପ୍ରମୁଖ ଆବେଦନର ଶୁଣାଣି କରିବେ। ଏହି ଆବେଦନଗୁଡ଼ିକ ମୁଖ୍ୟତଃ ନ୍ୟାୟିକ ନିର୍ଦ୍ଦେଶର ଉଲ୍ଲଂଘନ ଏବଂ 'କକରୋଚ୍ ଜନତା ପାର୍ଟି' (ସିଜେପି)ର 'ସିଇସି' ବିରୋଧୀ ବିକ୍ଷୋଭ ସମୟରେ ବିରୋଧୀ ଦଳର ପ୍ରମୁଖ ନେତାମାନଙ୍କୁ ବ୍ୟାପକ ଭାବେ ପ୍ରତିଷେଧକମୂଳକ ଭାବେ ଅଟକ ରଖାଯିବା ଘଟଣା ସହ ଜଡ଼ିତ।ପ୍ରଥମ ମାମଲାଟି ହେଉଛି ଅଦାଲତ ଅବମାନନା ସମ୍ବନ୍ଧୀୟ, ଯାହାକୁ ଆଇନଜୀବୀ ଶୈଳେନ୍ଦ୍ର ମଣି ତ୍ରିପାଠୀ କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ, ଦିଲ୍ଲୀ ପୋଲିସ କମିଶନର ଅନୁରାଗ କୁମାର ଏବଂ ଡିଏମଆରସି ଅଧକ୍ଷା ଡି. ଥାରାଙ୍କ ବିରୋଧରେ ଦାୟର କରିଛନ୍ତି।ଏହି ଆବେଦନରେ କର୍ତ୍ତୃପକ୍ଷଙ୍କ ବିରୋଧରେ ସୁପ୍ରିମକୋର୍ଟଙ୍କ ଅକ୍ଟୋବର ୯ ତାରିଖର ନିର୍ଦ୍ଦେଶାବଳୀକୁ ଜାଣିଶୁଣି ଅମାନ୍ୟ କରିବା ଏବଂ କାର୍ଯ୍ୟକାରୀ ନ କରିବାର ଅଭିଯୋଗ ଅଣାଯାଇଛି।

ନବପ୍ରଭାତ





# ଶାରଦୀୟ ନବରାତ୍ରି

## ଘଟସ୍ଥାପନାର ଶୁଭ ମୁହୂର୍ତ୍ତ

**ହିନ୍ଦୁ ଧର୍ମରେ ଶାରଦୀୟ ନବରାତ୍ରିର ରହିଛି ବିଶେଷ ମହତ୍ତ୍ୱ। ମା' ଦୁର୍ଗାଙ୍କ ଆରାଧନା ପାଇଁ ଚଳଚଞ୍ଚଳ ହୋଇଉଠିବ ଘରଠାରୁ ଆରମ୍ଭ କରି ପୂଜା ମଣ୍ଡପ । ହିନ୍ଦୁ ଧର୍ମରେ ଶାରଦୀୟ ନବରାତ୍ରିର ରହିଛି ବିଶେଷ ମହତ୍ତ୍ୱ। ମା' ଦୁର୍ଗାଙ୍କ ଆରାଧନା ପାଇଁ ଚଳଚଞ୍ଚଳ ହୋଇଉଠିବ ଘରଠାରୁ ଆରମ୍ଭ କରି ପୂଜା ମଣ୍ଡପ । ନଅ ଦିନ ଧରି ଚାଲିବ ଶକ୍ତିସ୍ୱରୂପିଣୀ ମା'ଙ୍କ ପୂଜାର୍ଚ୍ଚନା । ଚଳିତ ବର୍ଷ ଅକ୍ଟୋବର ୧୧ ତାରିଖ ରବିବାରଠାରୁ ଆରମ୍ଭ ହେଉଛି ଶାରଦୀୟ ନବରାତ୍ରି ।**

ହିନ୍ଦୁ ଧର୍ମରେ ଶାରଦୀୟ ନବରାତ୍ରିର ରହିଛି ବିଶେଷ ମହତ୍ତ୍ୱ। ମା' ଦୁର୍ଗାଙ୍କ ଆରାଧନା ପାଇଁ ଚଳଚଞ୍ଚଳ ହୋଇଉଠିବ ଘରଠାରୁ ଆରମ୍ଭ କରି ପୂଜା ମଣ୍ଡପ । ହିନ୍ଦୁ ଧର୍ମରେ ଶାରଦୀୟ ନବରାତ୍ରିର ରହିଛି ବିଶେଷ ମହତ୍ତ୍ୱ। ମା' ଦୁର୍ଗାଙ୍କ ଆରାଧନା ପାଇଁ ଚଳଚଞ୍ଚଳ ହୋଇଉଠିବ ଘରଠାରୁ ଆରମ୍ଭ କରି ପୂଜା ମଣ୍ଡପ । ନଅ ଦିନ ଧରି ଚାଲିବ ଶକ୍ତିସ୍ୱରୂପିଣୀ ମା'ଙ୍କ ପୂଜାର୍ଚ୍ଚନା । ଚଳିତ ବର୍ଷ ଅକ୍ଟୋବର ୧୧ ତାରିଖ ରବିବାରଠାରୁ ଆରମ୍ଭ ହେଉଛି ଶାରଦୀୟ ନବରାତ୍ରି ।

ଶାରଦୀୟ ନବରାତ୍ରି ହେଉଛି ଶକ୍ତି ଉପାସନାର ଏକ ପବିତ୍ର ପର୍ବ । ଆଶ୍ୱିନ ମାସର ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ଆରମ୍ଭ ହେଉଥିବା ଏହି ପର୍ବରେ ମା' ଦୁର୍ଗାଙ୍କ ନଅଟି ସ୍ୱରୂପର ପୂଜା କରାଯାଏ । ଘରେ ଘରେ କଳସ ସ୍ଥାପନା ସହ ବିଭିନ୍ନ ପୂଜା ମଣ୍ଡପରେ ମା'ଙ୍କ ଆରାଧନା ପାଇଁ ପ୍ରସ୍ତୁତି କରାଯାଏ । ନବରାତ୍ରିର ପ୍ରଥମ ଦିନରେ ଘଟସ୍ଥାପନା ପାଇଁ ରହିଛି ବିଶେଷ ଶୁଭ ମୁହୂର୍ତ୍ତ । ଦିଆଯାଇଥିବା ମୁହୂର୍ତ୍ତ ଅନୁଯାୟୀ, ସକାଳ ୮ଟା ୫ ମିନିଟରୁ ଦିନ ୧୨ଟା ୨୪ ମିନିଟ୍ ପର୍ଯ୍ୟନ୍ତ ଘଟସ୍ଥାପନା କରାଯାଇପାରିବ। ସକାଳ ୮ଟା ୫ ମିନିଟରୁ ୯ଟା ୩୧ ମିନିଟ୍ ପର୍ଯ୍ୟନ୍ତ ଚଞ୍ଚଳ ବେଳା ଏବଂ ସକାଳ ୯ଟା ୩୧ ମିନିଟରୁ ଦିନ ୧୨ଟା ୨୪ ମିନିଟ୍ ପର୍ଯ୍ୟନ୍ତ ଅମୃତ ବେଳା ରହିଛି । ସେହିପରି ସକାଳ ୧୧ଟା ୩୬ ମିନିଟରୁ ଦିନ ୧୨ଟା ୨୪ ମିନିଟ୍ ପର୍ଯ୍ୟନ୍ତ ଅଭିଜିତ ମୁହୂର୍ତ୍ତ ରହିଛି ।



ଧାର୍ମିକ ମାନ୍ୟତା ଅନୁଯାୟୀ, ନବରାତ୍ରି ଆରମ୍ଭ ହେଉଥିବା ବାର ଆଧାରରେ ମା' ଦୁର୍ଗାଙ୍କ ବାହନ ନିର୍ଣ୍ଣୟ କରାଯାଏ । ଚଳିତ ବର୍ଷ ନବରାତ୍ରି ରବିବାର ଆରମ୍ଭ ହେଉଥିବାରୁ ମା' ଦୁର୍ଗା ହାତୀ ଉପରେ ବିରାଜମାନ ହୋଇ ଆସିବେ ବୋଲି ବିଶ୍ୱାସ ରହିଛି । ମା'ଙ୍କ ହାତୀ ଉପରେ ଆଗମନକୁ ଶୁଭ ସଙ୍କେତ ଭାବେ ଗ୍ରହଣ କରାଯାଏ । ଏହା ଭଲ ବର୍ଷା, ଉତ୍ତମ ଫସଲ, ଧନଧାନ୍ୟ ବୃଦ୍ଧି ଏବଂ ସୁଖସମୃଦ୍ଧିର ପ୍ରତୀକ ବୋଲି ଧାର୍ମିକ ବିଶ୍ୱାସ ରହିଛି । ଅନ୍ୟପକ୍ଷରେ, ମା'ଙ୍କ ବିଦାୟର ବାହନକୁ ନେଇ ମଧ୍ୟ ବିଭିନ୍ନ ଧାର୍ମିକ ମାନ୍ୟତା ରହିଛି। ଅକ୍ଟୋବର ୧୧ ତାରିଖରେ ଘଟସ୍ଥାପନା ହେବାକୁ ଥିବାବେଳେ ଅକ୍ଟୋବର ୧୮ ତାରିଖରେ ମହାଷ୍ଟମୀ ବ୍ରତ ପାଳନ କରାଯିବ । ଅକ୍ଟୋବର ୨୦ ତାରିଖ ମଙ୍ଗଳବାର ସକାଳ ୯ଟା ୩୫ ମିନିଟ୍ ପରେ ବ୍ରତ ପାରଣ କରିବାର ସମୟ ଦିଆଯାଇଛି ।

ଘଟସ୍ଥାପନା ପାଇଁ ପ୍ରଥମେ ପୂଜାସ୍ଥଳକୁ ସଫା କରି ଗଙ୍ଗାଜଳ ଛିଞ୍ଚିବା ସହ ଏକ କାଠ ପିଢ଼ା ଉପରେ ନାଲି କପଡ଼ା ବିଛାଯାଏ । ଏହାପରେ ମା' ଦୁର୍ଗାଙ୍କ ମୂର୍ତ୍ତି କିମ୍ବା ଫଟୋ ସ୍ଥାପନ କରାଯାଏ । ତମ୍ବା କିମ୍ବା ମାଟିର କଳସରେ ଜଳ ଭରି ସେଥିରେ ଗୁଆ, ମୁଦ୍ରା, ଅକ୍ଷତ ଚାଉଳ ଓ ଦୁବ ଘାସ ରଖାଯାଏ । କଳସ ମୁହଁରେ ଆମ୍ବ କିମ୍ବା ଅଶୋକ ପତ୍ର ରଖି ନାଲି କପଡ଼ାରେ ଗୁଡ଼ାଯାଇଥିବା ନଡ଼ିଆ ସ୍ଥାପନ କରାଯାଏ । ଏହା ସହ ଏକ ମାଟି ପାତ୍ରରେ ପବିତ୍ର ମାଟି ଭରି ଯଅ ବୁଣାଯାଏ । ନଅ ଦିନ ଧରି ଏହାର ଯତ୍ନ ନିଆଯାଏ । ଏହିପରି ଭାବେ ଆରମ୍ଭ ହେବ ଶକ୍ତି ଉପାସନାର ମହାପର୍ବ ଶାରଦୀୟ ନବରାତ୍ରି । ତେବେ ଘଟସ୍ଥାପନାର ଶୁଭ ମୁହୂର୍ତ୍ତ ଓ ତିଥି ସ୍ଥାନ ଅନୁଯାୟୀ ଭିନ୍ନ ହୋଇପାରୁଥିବାରୁ ପୂଜା ପୂର୍ବରୁ ସ୍ଥାନୀୟ ପଞ୍ଜିକା କିମ୍ବା ପୁରୋହିତଙ୍କ ପରାମର୍ଶ ନେବା ଜରୁରୀ ।

# ବିରଜା ଦେବୀଙ୍କ ଶାରଦୀୟ ପୂଜା ଓ ରଥଯାତ୍ରା

ଶକ୍ତି ସଂସ୍କୃତିରେ ବିରଜା ଦେବୀଙ୍କର ଶାରଦୀୟ ପୂଜା ବିଶେଷ ମହତ୍ତ୍ୱ ଓ ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିଥାଏ। ମହନୀୟତା ହେଉଛି ଯେ ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦଠାରୁ ମହାଳୟା ଅମାବାସ୍ୟ ପର୍ଯ୍ୟନ୍ତ ପ୍ରଚଳିତ ପିତୃପକ୍ଷରେ ଦେବୀ ବିରଜା ପିତୃକନ୍ୟାରୂପେ ପୂଜା ପାଇଥାନ୍ତି । କିନ୍ତୁ ଶୁକ୍ଳପକ୍ଷରେ ତାଙ୍କର ପୂଜା ମହିଷମର୍ଦ୍ଦିନୀ ଦୁର୍ଗା ରୂପରେ କରାଯାଇଥାଏ। ଶକ୍ତିପୂଜାର ପରମ୍ପରାଗତ ବିଧି ଅନୁସାରେ ମୂଳାଷ୍ଟମୀଠାରୁ ମହାନବମୀ ପର୍ଯ୍ୟନ୍ତ ଦେବୀଙ୍କର ଷୋଡ଼ଶ ଦିବସୀୟ ପୂଜା ଅନୁଷ୍ଠିତ ହୁଏ । ଏହି ଅବସରରେ ତିନୋଟି ବିଶେଷତ୍ୱ ପରିଲକ୍ଷିତ ହୁଏ । ପ୍ରଥମତଃ ଦେବୀଙ୍କର ବିଭିନ୍ନ ବେଶ ସହିତ ମନ୍ତ୍ରର ପରିବର୍ତ୍ତନ ହୋଇଥାଏ । ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ବନଦୁର୍ଗା ମନ୍ତ୍ରରେ, ମହାଷ୍ଟମୀ ରାତ୍ରିରେ ଉଗ୍ରଚଣ୍ଡ ମନ୍ତ୍ରରେ ଓ ମହାନବମୀରେ ମହାମାରୀ ମନ୍ତ୍ରରେ ଦେବୀଙ୍କର ଉପାସନା କରାଯାଇଥାଏ । ଏହା ଶକ୍ତି ଉପାସନାର ଏକ ବିରଳ ପରମ୍ପରା । ଦ୍ୱିତୀୟତଃ ଶାରଦୀୟ ପୂଜାରେ ଦେବୀଙ୍କର ରଥଯାତ୍ରା ଶୁକ୍ଳ ପ୍ରତିପଦଠାରୁ ମହାନବମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ଶକ୍ତିପୀଠରେ ରଥଯାତ୍ରା ଅନ୍ୟତ୍ର ଦେଖାଯାଏ ନାହିଁ । ତୃତୀୟତଃ ମହାନବମୀର ନିଶାର୍ଦ୍ଧରେ ମା'ଙ୍କର ବିଜେ ପ୍ରତିମା ରଥରୁ ଅବତରଣ କରି ଲକ୍ଷ୍ୟଭେଦ ପାଇଁ ଦୋଳାରେ ଆରୋହଣପୂର୍ବକ ବିଭିନ୍ନ ମଙ୍ଗଳ ବାଦ୍ୟ ଧ୍ୱନି ସହିତ ଲାଖବିନ୍ଧା ପଡ଼ିଆକୁ ଯାତ୍ରା କରନ୍ତି । ଏହି ତିନିପ୍ରକାର ବିଶେଷତ୍ୱ ବହନ କରି ମା' ବିରଜାଙ୍କର ଶାରଦୀୟ ପୂଜା ମହାସମାରୋହରେ ପାଳନ କରାଯାଏ । ଏହି ଅବସରରେ ଷୋହଳଟି କଳସ, ଷୋହଳ ଉପଚାର, ଷୋହଳ ଦିବସରେ ଷୋହଳ ଜଣ ବ୍ରାହ୍ମଣ ପୂଜା ସମ୍ପାଦନ କରିଥାନ୍ତି । ଏତଦ୍ ବ୍ୟତୀତ ପ୍ରତିଦିନ ବୈତରଣୀର ପବିତ୍ର ଜଳରେ ମହାସ୍ନାନ ସହିତ ପଞ୍ଚମୀ ତିଥିରୁ ଆରମ୍ଭ ହୋଇଥିବା ମହାହୋମର ପରିସମାପ୍ତି ମହାଷ୍ଟମୀ ତିଥିରେ ଘଟିଥାଏ । ଶକ୍ତି ସଂସ୍କୃତିରେ ରଥଯାତ୍ରା ବିରଜାକ୍ଷେତ୍ରର ମହନୀୟତାକୁ ବହୁ ଭାବରେ ପ୍ରତିପାଦନ କରିଥାଏ । ବନଯାଗ ବିଧି ସମାପନ ହେବାପରେ ଶୁଭ ସୁନିଆଁରୁ ରଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ମହାଳୟା ଅମାବାସ୍ୟ ତିଥିରେ ସମାପ୍ତ ହୋଇଥାଏ । ଏହି ରଥର ଉଚ୍ଚତା ୩୪ ହାତ ୧୬ ଆଙ୍ଗୁଳି । ଦୈର୍ଘ୍ୟ ୧୪ ହାତ ୪ ଆଙ୍ଗୁଳି ଓ ପ୍ରସ୍ଥ ୧୧ ହାସ ୯ ଆଙ୍ଗୁଳି ହୋଇଥାଏ । ଏହି ରଥର ନାମ ସିଂହଧ୍ୱଜ କାରଣ ରଥର ଧ୍ୱଜରେ ସିଂହଚିହ୍ନ ବିରାଜମାନ ହୋଇଥାଏ । ଶାସ୍ତ୍ରରେ ଅଛି–

*ଦେବ୍ୟା ରଥ ପିନାକି ତ୍ୱଂ ବ୍ରହ୍ମଣା ନିର୍ମିତଃ ପୁରା*
*ମମ ପାପ ବିନାଶାୟ ସିଂହଧ୍ୱଜ ନମୋଽସ୍ତୁତେ।*

ଏହି ରଥ ବାର ଚକ ଓ ତେର ଥାକ ବିଶିଷ୍ଟ । ଏଥିରେ ଛଅଟି ଅଂଶ, ଚବିଶଟି ଧାରଣା ଓ ଚଉଷଠି ଖୁଣ୍ଟି ଥାଏ । ସମୁଦାୟ ୮୯୮ ଖଣ୍ଡ କାଠ ରଥ ନିର୍ମାଣରେ ବ୍ୟବହୃତ ହୋଇଥାଏ । ମହାଳୟା ଅମାବାସ୍ୟା ତିଥିରେ ରଥର ନିର୍ମାଣରେ ବ୍ୟବହୃତ ହୋଇଥାଏ । ମହାଳୟା ଅମାବାସ୍ୟା ତିଥିରେ ରଥର ଅଧିବାସ କର୍ମ ଓ ପ୍ରତିପଦ ତିଥିରେ ପ୍ରତିଷ୍ଠା କର୍ମ ସମ୍ପାଦିତ ହୁଏ । ପ୍ରତିଷ୍ଠା ମଣ୍ଡପରେ ଦ୍ୱାରପାଳ ପୂଜା, ତୋରଣ ପୂଜା, ରଥ ଦେବତାଙ୍କର ଆବାହନ, ପାର୍ଶ୍ୱ ଦେବାଙ୍କର ପୂଜା ଓ ଯଜ୍ଞକାର୍ଯ୍ୟ କରାଯାଇଥାଏ । ଏହି ରଥରେ ନବଗ୍ରହ, ଅଷ୍ଟଦିକ୍‌ପାଳ, ନବଦୁର୍ଗା ତଥା ସିଦ୍ଧ, ଚାରଣ, ଗନ୍ଧର୍ବ ପ୍ରଭୃତି ଅବସ୍ଥାନ କରିଥାନ୍ତି । ଏହି ରଥରେ ସାରଥି ସ୍ୱୟଂ ଚତୁର୍ମୁଖ ବ୍ରହ୍ମା । ରଥରେ ଅଶ୍ୱ, ସିଂହ ତଥା ଦୁଇଟି ହାତୀ ସଂଯୁକ୍ତ ହୋଇଥାନ୍ତି । ପ୍ରତିପଦ ତିଥିରେ ରଥ ପ୍ରତିଷ୍ଠା ପରେ ଦେବୀଙ୍କର ବିଜେ ପ୍ରତିମା ରଥରେ ବିରାଜମାନ କରନ୍ତି । ତାହାପରେ ଅପରାହ୍ଣରେ ଦେବୀଙ୍କର ରଥ ମନ୍ଦିର ବେଢ଼ା ପରିକ୍ରମା କରନ୍ତି । ମହାନବମୀ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ନବଦିନାତ୍ମକ ରଥଯାତ୍ରା ବିରଜାକ୍ଷେତ୍ରର ଏକ ଅନନ୍ୟ ପରମ୍ପରା । ଏହି ସମୟରେ ଦେବୀଙ୍କୁ ରଥରେ ଦର୍ଶନ କଲେ ମନୁଷ୍ୟ ପଞ୍ଚସୁନା ପାପରୁ ମୁକ୍ତ ହୋଇ ଦେବୀଙ୍କର ସ୍ୱରୂପ ଲାଭ କରିଥାଏ । ରଥଯାତ୍ରାର ପରିସମାପ୍ତି ପରେ ଶ୍ରଦ୍ଧାଳୁମାନେ ବିଜେ ପ୍ରତିମାକୁ ଦୋଳାରେ ବସାଇ ମନ୍ଦିରର ପୂର୍ବ ଦିଗରେ ଅବସ୍ଥିତ ଡାକେଶ୍ୱରୀଙ୍କ ନିକଟରେ ବେଦୀ ଉପରେ ସ୍ଥାପନ କରନ୍ତି । ପୂଜକ ବିଧି ଅନୁସାରେ ପୂଜା କରି ଦେବୀଙ୍କ ହସ୍ତରେ ଧନୁଶର ଅର୍ପଣ କରନ୍ତି । ଦେବୀଙ୍କ ପ୍ରତିନିଧିରୂପେ ନିଜେ ଚାରିଦିଗକୁ ଚାରୋଟି ଶର ନିକ୍ଷେପ କରନ୍ତି । ତାହାପରେ ଦେବୀ ଦୋଳାରେ ବସି ମନ୍ଦିରର ସିଂହାସନରେ ପୂର୍ବପରି ସ୍ଥାପିତ ହୁଅନ୍ତି । ତାହାପରେ ସୁମିଷ୍ଟ ପଣା ଅର୍ପଣପୂର୍ବକ ଦେବୀଙ୍କୁ ବିଶ୍ରାମ ଦିଆଯାଏ । ଏହି ଶାରଦୀୟ ପୂଜାର ସମସ୍ତ ବିଧିବିଧାନ ଶକ୍ତିପଲ୍ଲବ ନାମକ ତନ୍ତ୍ରର ଆଧାରରେ ସମ୍ପାଦିତ ହୋଇଥାଏ ।

**ବିରଜାରତ୍ନ ପଣ୍ଡିତ ଭୂପତି ଭୂଷଣ ମିଶ୍ର**
ସଭାପତି, ବିରଜାମଣ୍ଡଳ ଗଣକମଣ୍ଡଳୀ
ପଣ୍ଡିତ ସଭା, ଯାଜପୁର
ମୋ - ୯୪୩୮୫୬୧୦୮୯



# ମୃତ୍ୟୁ ଭୟରୁ ରାଜା ପରୀକ୍ଷିତଙ୍କୁ ଉଦ୍ଧାର

ପୌରାଣିକ କଥା ଅନୁସାରେ ମୃତ୍ୟୁ ଭୟରୁ ରାଜା ପରୀକ୍ଷିତଙ୍କୁ ଉଦ୍ଧାର କରିବାକୁ ଶୁକମୁନି ତାଙ୍କୁ ଭଗବାନ ଶ୍ରୀକୃଷ୍ଣଙ୍କର ଯେଉଁ ଅମୃତ ଆଖ୍ୟାନ ସାତଦିନ ଧରି ଶୁଣାଇଥିଲେ ତାହା ହେଉଛି 'ଶ୍ରୀମଦ୍‌ଭାଗବତ' । ବ୍ୟାଖ୍ୟାକାରମାନଙ୍କ କଥନରେ ଏବଂ ଲୋକ ପରମ୍ପରାରେ ପ୍ରଚଳିତ ଅଛି, ଯେ ରାଜା ପରୀକ୍ଷିତଙ୍କୁ ଶୁକମୁନି ଭାଦ୍ରବ ଶୁକ୍ଳ ନବମୀ ଦିନ ଭଗବାନଙ୍କର ସେହି ଅମୃତ ଆଖ୍ୟାନ ଶୁଣାଇବା ଆରମ୍ଭ କରିଥିଲେ ଏବଂ ତାହା ଭାଦ୍ରବ ପୂର୍ଣ୍ଣିମା ଦିନ ସଂପୂର୍ଣ୍ଣ ହୋଇଥିଲା। ସେଇଥିପାଇଁ 'ଭାଦ୍ରବ ପୂର୍ଣ୍ଣମୀ'କୁ 'ଭାଗବତ ଜନ୍ମ' ଭାବରେ କାହିଁ କେଉଁ କାଳରୁ ପାଳିନ କରାଯାଉଛି। ଶ୍ରୀମଦ ଭାଗବତ ଭଗବାନଙ୍କ ମୁଖ ନିସୃତବାଣୀ ବୋଲି ସମସ୍ତେ ପ୍ରାୟତଃ ଜାଣନ୍ତି । ଭାଗବତ ପାଠ କଲେ ସମସ୍ତ ପାପ ତାପ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଆସିଛି । ଭାଗବତରେ ଭଗବାନଙ୍କ ଲୀଳା, ରୂପ, ଧାମ ଓ ମାହାତ୍ମ୍ୟ ଆଦିର ବର୍ଣ୍ଣନା କରାଯାଇଛି । ଓଡ଼ିଆ ଭାଗବତକୁ କେବଳ ଧର୍ମତତ୍ତ୍ୱ ସମ୍ବଳିତ ଏକ ପୁରାଣ ଭାବରେ ଗ୍ରହଣ କରାଯାଇ ନପାରେ । ଏହା ଭକ୍ତିଭାବ, ଜନଚେତନା, ସାହିତ୍ୟିକ ବୈଶିଷ୍ଟ୍ୟ ବହନକାରୀ ଏକ ଗ୍ରନ୍ଥ ମଧ୍ୟ । କବିତ୍ୱ ଚାତୁରୀ, ଛନ୍ଦ ସଂଯୋଜନା, ଅଳଙ୍କାର, ଶବ୍ଦ ନିର୍ବାଚନ, ସୁଭାଷିତ ପଦାବଳୀ ଏକ ଐନ୍ଦ୍ରଜାଲିକ ବିଭୂତି ଆହରଣ କରିଛି ଏହି ଗ୍ରନ୍ଥ । ଏଥିରେ ଯେଉଁ ରୂପଲୋକ, ଭାବଲୋକ ସୃଷ୍ଟି ହୋଇପାରିଛି, ତାହା ସବୁ ବିଚାର ଓ ବିଶ୍ଳେଷଣର ଉର୍ଦ୍ଧ୍ୱରେ ଏକ ଅପୂର୍ବ କାବ୍ୟ ସୁଷମାର ଗନ୍ତାଘର । ଏହାର ମୌଳିକତା ଅନନ୍ୟ ।କାବ୍ୟମୟ କୋମଳତା ହିଁ 'ଓଡ଼ିଆ ଭାଗବତ' । ପାଠକର ଭାବଲୋକରେ କେବଳ ଉପଲବ୍ଧି କରାଯାଇପାରେ ଭାଗବତକୁ।



- ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

## ଅର୍ଜୁନଙ୍କ ନିକଟରେ କୃତଜ୍ଞତା ଅର୍ପଣ

# ଗନ୍ଧର୍ବ ଅଙ୍ଗାରବର୍ଣ୍ଣ କଥା

ମହାଭାରତରେ ଉଲ୍ଲେଖ ରହିଛି, ଲାକ୍ଷାଗୃହ (ଜଉଘର)ରୁ ମୁକ୍ତି ପାଇବାର ପାଖାପାଖି ୫ ବର୍ଷ ପର୍ଯ୍ୟନ୍ତ ପାଣ୍ଡବମାନେ ଜଙ୍ଗଲରେ ବୁଲିଥିଲେ। ହେଲେ ଦିନେ ସେମାନେ ଭାବିଲେ ଯେ ଏବେ ସେମାନଙ୍କର ବାହାରକୁ ବାହାରିବାର ଆବଶ୍ୟକତା ରହିଛି। କାରଣ ସମସ୍ତେ ଭାବୁଛନ୍ତି ଯେ ସେମାନେ ମୃତ୍ୟୁବରଣ କରିଛନ୍ତି ବୋଲି। ଏମିତିରେ ସେମାନଙ୍କୁ ଯେ'କେହି ବି ବଧ କରିପାରେ। ଏହାଭାବି ଜଙ୍ଗଲରେ ବୁଲୁ ବୁଲ ମାତା କୁନ୍ତୀଙ୍କ ସହିତ ପାଞ୍ଚପାଣ୍ଡବ ଏକ ଝରଣା ନିକଟରେ ପହଞ୍ଚିଲେ। ସେଠାରେ ସେମାନେ ଏକ ପାଣି ପିଇବାକୁ ଚାହିଁଲେ। ହେଲେ ସେହି ଝରଣା ନିକଟରେ ଅଙ୍ଗାରବର୍ଣ୍ଣ ନାମରେ ଏକ ଗନ୍ଧର୍ବ ରହୁଥିଲା। ଝରଣାଟି ତା'ର ବୋଲି ସେ ଭାବୁଥିଲା। ତେଣୁ ପାଣ୍ଡବମାନଙ୍କୁ ଆସୁଥିବା ଦେଖି ସେ ସେମାନଙ୍କ ସମ୍ମୁଖରେ ପ୍ରକଟ ହେଲା। ଅର୍ଜୁନ ଜଣେ ଧନୁର୍ଦ୍ଧାରୀ ବୋଲି ଜାଣିସୁଦ୍ଧା ସେ ତାଙ୍କୁ ମଲ୍ଲଯୁଦ୍ଧ ପାଇଁ ଆହ୍ୱାନ କଲା। ଦୀର୍ଘ ସମୟ ଧରି ଘମାଘୋଟ ଲଢ଼େଇ ପରେ ଅର୍ଜୁନଙ୍କ ପରାକ୍ରମରେ ଧରାଶାୟୀ ହେଲା ଅଙ୍ଗାରବର୍ଣ୍ଣ। ଅର୍ଜୁନ ତା'ର ପ୍ରାଣ ନେବା ଲାଗି ଚାହିଁଲେ। କାରଣ ସେତେବେଳେ କୌଣସି ଯୋଦ୍ଧାକୁ ପରାଜିତ କରିବା ପରେ ଜୀବିତ ଛାଡ଼ିଦେବା ଅଧର୍ମ ଥିଲା। ଜଣେ କ୍ଷତ୍ରିୟ ପାଇଁ ପରାଜୟ ମୃତ୍ୟୁ ଠାରୁ ମଧ୍ୟ ଅପମାନଜନକ ବୋଲି ଧରାଯାଉଥିଲା। ସେଥିପାଇଁ ଯୁଦ୍ଧରେ ପରାଜିତ କୌଣସି କ୍ଷତ୍ରିୟକୁ ଜୀବିତ ରଖାଯାଉନଥିଲା। ଏହି କାରଣରୁ ଅର୍ଜୁନ ଅଙ୍ଗାରବର୍ଣ୍ଣର ମୁଣ୍ଡକାଟ ପାଇଁ ଉଦ୍ୟତ ହେଲେ। ମାତ୍ର ଏହି ସମୟରେ ଅଙ୍ଗାରବର୍ଣ୍ଣର ପତ୍ନୀ କୁମ୍ଭନାଶୀ ଆସି ଅର୍ଜୁନଙ୍କ ପାଦତଳେ ପଡ଼ି ନିଜ ପତିର ଜୀବନ ଭୀକ୍ଷା କଲା। ସେ କହିଲା, ତା'ର ପତି କ୍ଷତ୍ରିୟ ନୁହନ୍ତି। ତେଣୁ ପରାଜିତ ହୋଇ ବଞ୍ଚିବାରେ ତାଙ୍କର କୌଣସି ଆପତ୍ତି ନାହିଁ। ଅର୍ଜୁନ ତା'କୁ ଜୀବନଦାନ ଦେଲେ। ଚେତା ଫେରିବା ପରେ ଅଙ୍ଗାରବର୍ଣ୍ଣ ନିଜ ଜୀବନ ପାଇଁ ଅର୍ଜୁନଙ୍କ ନିକଟରେ କୃତଜ୍ଞତା ଅର୍ପଣ କଲା। ସେ ତାଙ୍କୁ ୧୦୦ ଘୋଡ଼ା ଏବଂ କ୍ଷତ୍ରିୟଙ୍କ କାମ ଆସିବା ଭଳି ଅନେକ ଉପହାର ଦେଲା। ଏଥିସହିତ ସେ ପାଣ୍ଡବମାନଙ୍କୁ ବୁଦ୍ଧିମତା ଏବଂ ଚତୁରତା ସମ୍ପର୍କରେ ୧୦୦ଟି କାହାଣୀ ଶୁଣାଇଥିଲା।



**ଅର୍ଜୁନ ଜଣେ ଧନୁର୍ଦ୍ଧାରୀ ବୋଲି ଜାଣିସୁଦ୍ଧା ସେ ତାଙ୍କୁ ମଲ୍ଲଯୁଦ୍ଧ ପାଇଁ ଆହ୍ୱାନ କଲା। ଦୀର୍ଘ ସମୟ ଧରି ଘମାଘୋଟ ଲଢ଼େଇ ପରେ ଅର୍ଜୁନଙ୍କ ପରାକ୍ରମରେ ଧରାଶାୟୀ ହେଲା ଅଙ୍ଗାରବର୍ଣ୍ଣ। ଅର୍ଜୁନ ତା'ର ପ୍ରାଣ ନେବା ଲାଗି ଚାହିଁଲେ।**



# ଦେବୀ ସୀତା

**ତପସ୍ୱୀଙ୍କ ଭୂମି ହୋଇଥିବା କାରଣରୁ ଉକ୍ତ ସ୍ଥାନରେ ପାପର ପ୍ରଭାବ ରହିନଥିଲା । ସୀତା ଦେବୀ ଏଠାରେ ନିଜ କୁଡ଼ିଆ ନିର୍ମାଣ କରିଥିଲେ । ସେହି ସ୍ଥାନ ଏବେ ସୀତା କୁଟି ବା ସୀତା ସୈଣ ନାମରେ ପ୍ରସିଦ୍ଧ । ଏଠାରୁ ସେ ଋଷି ବାଲ୍ମିକୀଙ୍କ ଆଶ୍ରମକୁ ଚାଲିଯାଇଥିଲେ । ଯାହା ବର୍ତ୍ତମାନ କୋଟ ମହାଦେବ ମନ୍ଦିର ନିକଟରେ ରହିଛି...**

ରାମାୟଣରେ ଥିବା ବର୍ଣ୍ଣନା ଏବଂ ଭୌଗୋଳିକ ପ୍ରମାଣକୁ ଆଖିଆଗରେ ରଖିଲେ ଦେବୀ ସୀତାଙ୍କ ଜୀବନର ଅନ୍ତିମ ସମୟ ଏକ ବିଶେଷ ସ୍ଥାନରେ ଅତିବାହିତ ହୋଇଥିବା ଜଣାଯାଏ । ରାମାୟଣ ଅନୁଯାୟୀ, ଧୋବଣୀର କହିବା କ୍ଷଣି ଭଗବାନ ଶ୍ରୀରାମଚନ୍ଦ୍ର ଦେବୀ ସୀତାଙ୍କୁ ତ୍ୟାଗ କରିବା ସହ ତାଙ୍କୁ ବନବାସ ପଠାଇବାକୁ ପ୍ରସ୍ତୁତ ହୋଇଗଲେ । ଏହାପରେ ଦେବୀ ସୀତାଙ୍କୁ ଉତ୍ତରାଖଣ୍ଡର ଦେବଭୂମୀରେ ଛାଡ଼ି ଆସିବା ଲାଗି କନିଷ୍ଠ ଭ୍ରାତା ଲକ୍ଷ୍ମଣଙ୍କୁ ଆଦେଶ ଦେଲେ । ଦେବୀ ସୀତାଙ୍କୁ ଦେବପ୍ରୟାଗର ଠାରୁ ଚାରି କିଲୋମିଟର୍ ଆଗରେ ଥିବା ଏକ ସ୍ଥାନରେ ଛାଡ଼ି ଆସିଲେ ଲକ୍ଷ୍ମଣ । ସେହି ସ୍ଥାନ ବଦ୍ରିନାଥ ଧାମ ଯିବା ବାଟରେ ପଡ଼ିଥାଏ । ଏହି ସ୍ଥାନ ଏବେ ସୀତାୱିଦା ନାମରେ ପ୍ରସିଦ୍ଧ । ଗଙ୍ଗାମାତା ଏହି ସ୍ଥାନରେ ପ୍ରଥମେ ପାଦ ରଖି ପୃଥିବୀରେ ପଡ଼ିଥିବାରୁ ଉକ୍ତ ସ୍ଥାନରେ ହିଁ ଦେବୀ ସୀତାଙ୍କୁ ଛାଡ଼ିବାକୁ ରାମଚନ୍ଦ୍ର ନିଷ୍ପତ୍ତି ନେଇଥିଲେ । ଏହି ସ୍ଥାନରେ ୩୩ କୋଟି ଦେବତା ଏକତ୍ର ହୋଇଥିଲେ । ତପସ୍ୱୀଙ୍କ ଭୂମି ହୋଇଥିବା କାରଣରୁ ଉକ୍ତ ସ୍ଥାନରେ ପାପର ପ୍ରଭାବ ରହିନଥିଲା । ସୀତା ଦେବୀ ଏଠାରେ ନିଜ କୁଡ଼ିଆ ନିର୍ମାଣ କରିଥିଲେ । ସେହି ସ୍ଥାନ ଏବେ ସୀତା କୁଟି ବା ସୀତା ସୈଣ ନାମରେ ପ୍ରସିଦ୍ଧ । ଏଠାରୁ ସେ ଋଷି ବାଲ୍ମିକୀଙ୍କ ଆଶ୍ରମକୁ ଚାଲିଯାଇଥିଲେ । ଯାହା ବର୍ତ୍ତମାନ କୋଟ ମହାଦେବ ମନ୍ଦିର ନିକଟରେ ରହିଛି । କେଦାରଖଣ୍ଡ ନାମକ ଗ୍ରନ୍ଥରେ ଉଲ୍ଲେଖ ରହିଛି ଯେ କିଛି ସମୟ ପର୍ଯ୍ୟନ୍ତ ରାଜ୍ୟ ଚଳାଇବା ପରେ ଭଗବାନ ରାମଚନ୍ଦ୍ର ଏବଂ ଲକ୍ଷ୍ମଣ ମଧ୍ୟ ଦେବପ୍ରୟାଗ ଚାଲି ଆସିଥିଲେ । ରାବଣକୁ ହତ୍ୟା କରିଥିବାରୁ ଏଠାରେ ଦେବୀ ସୀତା ଏବଂ ରାମ, ଲକ୍ଷ୍ମଣ ମିଶି ବ୍ରହ୍ମହତ୍ୟା ଦୋଷରୁ ମୁକ୍ତି ପାଇବା ଲାଗି ତପସ୍ୟା କରିଥିଲେ । ସେମାନେ ଏଠାରେ ବିଶ୍ୱେଶ୍ୱର ଲିଙ୍ଗର ସ୍ଥାପନା କରିଥିଲେ ।

**ଗଙ୍ଗାମାତା ଏହି ସ୍ଥାନରେ ପ୍ରଥମେ ପାଦ ରଖି ପୃଥିବୀରେ ପଡ଼ିଥିବାରୁ ଉକ୍ତ ସ୍ଥାନରେ ହିଁ ଦେବୀ ସୀତାଙ୍କୁ ଛାଡ଼ିବାକୁ ରାମଚନ୍ଦ୍ର ନିଷ୍ପତ୍ତି ନେଇଥିଲେ । ଏହି ସ୍ଥାନରେ ୩୩ କୋଟି ଦେବତା ଏକତ୍ର ହୋଇଥିଲେ ।**



## ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଉନ୍ମୋଚିତ



କଟକ,(ନିପ୍ର): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ବିଶିଷ୍ଟ ରାଜନୀତିଜ୍ଞ, ସାହିତ୍ୟିକ ତଥା ଗବେଷକ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସ୍ମୃତି ଓ ଅବଦାନକୁ ଚିରସ୍ମରଣୀୟ କରିବା ଉଦ୍ଦେଶ୍ୟରେ କଟକ ମହାନଗର ନିଗମ ପକ୍ଷରୁ ଏକ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଛି । କଟକର ବିଜୁ ପଟ୍ଟନାୟକଙ୍କ ସ୍ମୃତି ସହ ଜଡ଼ିତ ଦୟା ଆଶ୍ରମ ପାର୍କଠାରେ ସ୍ଥାପିତ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଶୁକ୍ରବାର ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଅନଙ୍ଗ ପଟ୍ଟନାୟକଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ କଟକ ମହାନଗର ନିଗମର ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା । ସଭାରେ ସ୍ୱର୍ଗତ ପଟ୍ଟନାୟକଙ୍କ ଜୀବନ, ଆଦର୍ଶ, ରାଜନୈତିକ ଦୂରଦୃଷ୍ଟି ଓ ଓଡ଼ିଶାର ବିକାଶ ପ୍ରତି ତାଙ୍କର ଅବଦାନକୁ ସ୍ମରଣ କରାଯାଇଥିଲା ।

## ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ

କଣ୍ଟିଲୋ,(ନି.ପ୍ର): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୯ ତମ ଜୟନ୍ତୀ ଉତ୍ସବ ଖଣ୍ଡପଡ଼ା ଠାରେ ଶୁକ୍ରବାର ପାଳିତ ହୋଇଯାଇଛି । ଖଣ୍ଡପଡ଼ା ସମାଜ ପରିବାର ପକ୍ଷରୁ ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଗହଣରେ ବରିଷ୍ଠ ଶିକ୍ଷାବିତ ଗୋପୀନାଥ ପ୍ରଧାନ,ବରିଷ୍ଠ ସାମ୍ବାଦିକ ଅଖିଳ ବିହାରୀ ପାଣିଗ୍ରାହୀ,ବାଳକୃଷ୍ଣ ରାଉତ, ସଦାଶିବ ପାତ୍ର, ରବୀନ୍ଦ୍ର ଚନ୍ଦ୍ର ବେହେରା,ସଂଗ୍ରାମ କେଶରୀ ଦେଓ, ବିରଞ୍ଚି ନାୟକଙ୍କ ସମେତ ବ୍ୟକ୍ତିମାନେ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁଙ୍କ ସୁଦୁର ପ୍ରସାରୀ ପ୍ରତିଭା ସଂପର୍କରେ ଆଲୋକପାତ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ ।

## ଦୁଇ ମହାବିଦ୍ୟାଳୟ ଛାତ୍ରସଂସଦ ନିର୍ବାଚନ ବାତିଲ କଲେ ଜିଲ୍ଲାପାଳ

ଭାପୁର,(ନିପ୍ର): ଖଣ୍ଡପଡା ଓ ଭାପୁର ଅଞ୍ଚଳର ସବୁଠାରୁ ବଡ଼ ମହାବିଦ୍ୟାଳୟ ରୂପେ ପରିଚିତ ଲାଭ କରିଥିବା ପଠାଣି ସାମନ୍ତ ମହାବିଦ୍ୟାଳୟରେ ଦୀର୍ଘ ୪୮ ବର୍ଷ ପରେ ପ୍ରଥମ ଥର ଛାତ୍ରସଂସଦ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ପଦ୍ମାବତୀ ଗ୍ରାମସ୍ଥ ବାଲୁଙ୍କେଶ୍ୱର ଦେବ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ,ଟିକିରିପଡା ୩୨ ବର୍ଷ ପରେ ନିର୍ବାଚନ ହୋଇଥାନ୍ତା କିନ୍ତୁ, ଆଇନ ପରିସ୍ଥିତି ଓ



ଗଣ୍ଡଗୋଳକୁ ଆଖି ଆଗରେ ରଖି ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ନିର୍ବାଚନକୁ ବାତିଲ କରିଛନ୍ତି ।ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଦୁଇ ମହାବିଦ୍ୟାଳୟରେ ପୋଲିସ ମୁତୟନ ହୋଇଛନ୍ତି । ଉଲ୍ଲେଖଯୋଗ୍ୟ, ପ୍ରାର୍ଥୀପତ୍ର ଦାଖଲପରେ ନିର୍ବାଚନ ପରିଚାଳନା କରୁଥିବା ଅଧ୍ୟକ୍ଷ,ଅଧ୍ୟାପକ ଏବଂ ଅନ୍ୟ କର୍ମଚାରୀମାନେ ନିର୍ବାଚନ ସମ୍ପର୍କିତ କାଗଜପତ୍ର ଧରି ଜିଲ୍ଲା ଅଧିକାରୀଙ୍କ ନିକଟକୁ ଯାଇ ଶୁକ୍ରବାର ପ୍ରଦାନ କରିଥିଲେ । ଅପରାହ୍ନ ୫ ଟା ପର୍ଯ୍ୟନ୍ତ ମହାବିଦ୍ୟାଳୟ ନୋଟିସ ବୋର୍ଡ଼ରେ ପ୍ରାର୍ଥୀଙ୍କ ନାମ ଘୋଷଣା ନ ହେବାରୁ ଛାତ୍ରଛାତ୍ରୀମାନେ ଅଧ୍ୟକ୍ଷଙ୍କୁ ଏ ସମ୍ପର୍କରେ ପଚାରିଥିଲେ । ଆଇନ ଏବଂ ଗଣ୍ଡୋଗଳକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ନିର୍ବାଚନ ସ୍ଥଗିତ ରଖିଛନ୍ତି ବୋଲି ଅଧ୍ୟକ୍ଷ କହିବାରୁ ପରିସ୍ଥିତି ଅଶାନ୍ତ ହୋଇପଡ଼ିଥିଲା ।

## ମାନସିକ ବିକାଶ ଉପରେ ଗୁରୁତ୍ୱ

ପୁରୀ,(ନିପ୍ର): ଆଇନ ସେବା ପ୍ରାଧିକରଣ ତରଫରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି କାର୍ଯ୍ୟକ୍ରମକୁ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ଉଦ୍ଘାଟନ କରିବା ସହ ନିଜ ବକ୍ତବ୍ୟରେ ସେଠାକାର ରହୁଥିବା ଅନ୍ତେବାସୀ ମାନଙ୍କର ମାନସିକ ସ୍ୱାସ୍ଥ୍ୟ, ତାର ନିରାକରଣ ଏବଂ ମାନସିକ ବିକାଶ ଉପରେ ଧ୍ୟାନ ଦେବାକୁ ଉକ୍ତ ଅନୁଷ୍ଠାନର ଅଧୀକ୍ଷକ ସମେତ ନିୟୋଜିତ ହୋଇଥିବା କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ । ମାନସିକ ବ୍ୟକ୍ତି ମାନଙ୍କର ସୁରକ୍ଷା ଏବଂ ଯତ୍ନ ସମସ୍ତଙ୍କର କର୍ତ୍ତବ୍ୟ ବୋଲି ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅନୁଷ୍ଠାନର ଅଧୀକ୍ଷକ ରୁବେନ କେରକେଟା , ଅନ୍ତେବାସୀ ଏବଂ ସେଠାକାର ଉପସ୍ଥିତ କର୍ମକର୍ତ୍ତା ମାନଙ୍କୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ପୁରୀ ତରଫରୁ ଧନ୍ୟବାଦ ଅର୍ପଣ ସହ ଟିଫିନ ପ୍ୟାକେଟ ବଣ୍ଟାଯାଇଥିଲା ।

## ପୁଲିସ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଯାପିତ

କଟକ,(ନିପ୍ର): ଗତ ତିନିଦିନ ଧରି କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୁଲିସ ପଡ଼ିଆରେ ଚାଲିଥିବା ୭୧ତମ ରାଜ୍ୟ ପୁଲିସ ବୃତ୍ତିଗତ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକ ବର୍ଣ୍ଣାଢ୍ୟ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ ।

# ଧାନ ଫସଲର ସୁରକ୍ଷା ନେଇ ଚିନ୍ତାରେ ଚାଷୀ

## ଲଖନପୁର ବ୍ଲକରେ ଚାଷୀଙ୍କ ଅସନ୍ତୋଷ, ମୁଖ୍ୟାଳୟରେ କୃଷି ଅଧିକାରୀ ରହୁନଥିବା ଅଭିଯୋଗ

ଝାରସୁଗୁଡ଼ା,(ନିପ୍ର): ଖରିଫ ଧାନ ଚାଷର ଗୁରୁତ୍ୱପୂର୍ଣ୍ଣ ସମୟରେ ରୋଗପୋକ ଆକ୍ରମଣ ଓ ପୁଷ୍ଟିସାର ଅଭାବକୁ ନେଇ ଚାଷୀମାନେ ଚିନ୍ତିତ ଥିବାବେଳେ ଲଖନପୁର ବ୍ଲକରେ କୃଷି ବିଭାଗର କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ ଦେଖାଦେଇଛି । ଚାଷୀଙ୍କୁ ଠିକ୍ ସମୟରେ ବୈଷୟିକ ପରାମର୍ଶ ମିଳୁନଥିବା ଏବଂ ସମ୍ପୃକ୍ତ କୃଷି ଅଧିକାରୀମାନେ ନିଜ ନିଜ ମୁଖ୍ୟାଳୟରେ ନିୟମିତ ରହୁନଥିବା ନେଇ ଅଭିଯୋଗ ହୋଇଛି । ଏହାଦ୍ୱାରା ଚାଷୀମାନେ ଫସଲର ସୁରକ୍ଷା ସହ ଆବଶ୍ୟକ କୃଷି ସାମଗ୍ରୀ ସଂଗ୍ରହ କରିବାରେ ମଧ୍ୟ ସମସ୍ୟା ଭୋଗୁଥିବା ଜଣାପଡ଼ିଛି । ଏହି ସମସ୍ୟାର ସମାଧାନ ପାଇଁ ଭିକମପାଲି ଅଞ୍ଚଳର ସରପଞ୍ଚ, ସମିତି ସଭ୍ୟ ଓ ସ୍ଥାନୀୟ ଚାଷୀମାନେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଲଖନପୁର ବ୍ଲକ କୃଷି ଅଧିକାରୀ ଅମିତ ପଟେଲ ସୁନ୍ଦରଗଡ଼ରୁ ଯାତାୟାତ କରୁଥିବାରୁ ନିଜ କାର୍ଯ୍ୟାଳୟ ମୁଖ୍ୟାଳୟ ଲଖନପୁରରେ ନିୟମିତ ଉପସ୍ଥିତ ରହୁନାହାନ୍ତି । ସେହିପରି ବେଲପାହାଡ଼ରୁ ସହକାରୀ କୃଷି ଅଧିକାରୀ ଅଜିତ ନାଏକ, ନିର୍ମିରରୁ ଲଖନପୁର ବିହନ ବିକ୍ରୟ କେନ୍ଦ୍ରର କୃଷି ଅଧିକାରୀ ସୁରଲି ପଟେଲ ଏବଂ ବାମରାରୁ ଭିକମପାଲିର କୃଷି ଅଧିକାରୀ ପୂର୍ଣ୍ଣିମା ଯାତାୟାତ କରୁଥିବା ଅଭିଯୋଗ ହୋଇଛି । ଏହି ଅଧିକାରୀମାନେ ନିଜ ନିଜ ନିର୍ଦ୍ଧାରିତ ମୁଖ୍ୟାଳୟରେ ନିୟମିତ ରହୁନଥିବାରୁ ଚାଷୀମାନେ ଆବଶ୍ୟକ ସମୟରେ ସେମାନଙ୍କ ସହ ଯୋଗାଯୋଗ କରିପାରୁନଥିବା ଦର୍ଶାଇଛନ୍ତି ।



ବର୍ତ୍ତମାନ ଖରିଫ ଧାନ ଫସଲର ବୃଦ୍ଧି ଓ ବିକାଶ ପାଇଁ ନିୟମିତ ଯତ୍ନ ଆବଶ୍ୟକ ହେଉଥିବାବେଳେ ବିଭିନ୍ନ ଅଞ୍ଚଳରେ ରୋଗପୋକ ଆକ୍ରମଣ ସହ ପୁଷ୍ଟିସାର ଅଭାବ ଦେଖାଦେଉଥିବା ଚାଷୀମାନେ କହିଛନ୍ତି । କୃଷି ବିଭାଗର କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ଅନୁପସ୍ଥିତି ଯୋଗୁଁ ଚାଷୀମାନେ ଠିକ୍ ସମୟରେ ଏହି ସହାୟତା ପାଇପାରୁନଥିବା ଅଭିଯୋଗ କରିଛନ୍ତି ।

ଅନ୍ୟପକ୍ଷରେ, ଲଖନପୁର ବିହନ ବିକ୍ରୟ କେନ୍ଦ୍ରରୁ ଆବଶ୍ୟକ କୃଷି ସାମଗ୍ରୀ ସଂଗ୍ରହ କରିବା ସମୟରେ ମଧ୍ୟ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି । ଚାଷ କାର୍ଯ୍ୟରେ ସାମାନ୍ୟ ବିଳମ୍ବ ମଧ୍ୟ ଫସଲର ଉତ୍ପାଦନ ଓ ଗୁଣବତ୍ତାକୁ ପ୍ରଭାବିତ କରିପାରେ । ତେଣୁ ରୋଗପୋକ ଆକ୍ରମଣର ଆଶଙ୍କା ଥିବା ସମୟରେ କୃଷି ଅଧିକାରୀଙ୍କ ଉପଲବ୍ଧତା ଓ ତ୍ୱରିତ ପରାମର୍ଶ ଚାଷୀଙ୍କ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି । ଚାଷୀମାନଙ୍କ କହିବା ଅନୁଯାୟୀ, ଏହି ସମସ୍ୟାର ସମୟୋଚିତ ସମାଧାନ କରାନଗଲେ ରୋଗପୋକ ଆକ୍ରମଣ ଯୋଗୁଁ ଧାନ ଫସଲର କ୍ଷତି ହେବା ସହ ଚାଷୀଙ୍କ ଆର୍ଥିକ ସ୍ଥିତି ମଧ୍ୟ ପ୍ରଭାବିତ ହୋଇପାରେ । ଚାଷ ପାଇଁ ଋଣ, ବିହନ, ସାର ଓ ଔଷଧ ଆଦିରେ ଅର୍ଥ ବ୍ୟୟ କରିଥିବା ଚାଷୀମାନେ ଯଦି ଉପଯୁକ୍ତ ଫସଲ ଉତ୍ପାଦନ ପାଇନପାରନ୍ତି, ତେବେ ସେମାନଙ୍କ ଆର୍ଥିକ ବୋଝ ବୃଦ୍ଧି ପାଇବାର ଆଶଙ୍କା ରହିଛି । ଏପରି ସ୍ଥିତିରେ କୃଷି ବିଭାଗର ଦାୟିତ୍ୱ କେବଳ କାର୍ଯ୍ୟାଳୟରେ ସୀମିତ ନ ରହି କ୍ଷେତ୍ରସ୍ତରରେ ଚାଷୀଙ୍କୁ ସହାୟତା ଯୋଗାଇଦେବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସ୍ଥାନୀୟ ଚାଷୀମାନେ ମତ ଦେଇଛନ୍ତି ।

ଏହି ପରିପ୍ରେକ୍ଷୀରେ ସମ୍ପୃକ୍ତ କୃଷି ଅଧିକାରୀମାନେ ନିଜ ନିଜ ମୁଖ୍ୟାଳୟରେ ନିୟମିତ ରହୁଛନ୍ତି କି ନାହିଁ, ସେ ସମ୍ପର୍କରେ ତୁରନ୍ତ ତଦନ୍ତ କରିବାକୁ ଚାଷୀମାନେ ଦାବି କରିଛନ୍ତି । ଏଥିସହ ବିଭାଗୀୟ ନିୟମ ଅନୁଯାୟୀ ମୁଖ୍ୟାଳୟରେ ରହିବା ଓ ନିୟମିତ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ଧାନ ଫସଲର ରୋଗପୋକ ନିୟନ୍ତ୍ରଣ ଓ ପୁଷ୍ଟିସାର ଅଭାବ ଦୂର କରିବା ଲାଗି ତୁରନ୍ତ କ୍ଷେତ୍ରସ୍ତରରେ ବୈଷୟିକ ପରାମର୍ଶ ଯୋଗାଇଦେବାକୁ ଦାବି ହୋଇଛି । ଭିକମପାଲି ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ସ୍ଥାନୀୟ ଚାଷୀମାନେ ଏନେଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ ଜଣାଇଛନ୍ତି । ଅଭିଯୋଗର ଗୁରୁତ୍ୱକୁ ବିଚାରକୁ ନେଇ କୃଷି ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସହ ଚାଷୀଙ୍କ ସମସ୍ୟାର ସମାଧାନ କରିବ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି ।

## 'ନିଶାମୁକ୍ତ ଯୁବ – ବିକଶିତ ଭାରତ' କାର୍ଯ୍ୟକ୍ରମ

ନୟାଗଡ,(ନିପ୍ର): ନବ ଚୌଧୁରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେନ୍ଦୁଡିପି, ନୟାଗଡ଼ର ଜାତୀୟ ସେବା ଯୋଜନା ୟୁନିଟ୍ ପକ୍ଷରୁ ଅନୁଷ୍ଠାନର ପୋଷ୍ୟ ଗ୍ରାମ କେନ୍ଦୁଡିପି ଠାରେ 'ନିଶାମୁକ୍ତ ଯୁବ – ବିକଶିତ ଭାରତ' ଶୀର୍ଷକରେ ଏକ ଦିବସୀୟ ଶିବିର ଓ ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଯୁବପିଢ଼ି ଓ ସାଧାରଣ ଜନତାଙ୍କ ମଧ୍ୟରେ ନିଶା ସେବନର କୁପରିଣାମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଏକ ସୁସ୍ଥ, ସୁନ୍ଦର ଓ ନିଶାମୁକ୍ତ ସମାଜ ଗଠନ କରିବା ଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଏନ୍‌ଏସଏସ କାର୍ଯ୍ୟକ୍ରମ ଅଧିକାରୀ ଓ ସ୍ୱେଚ୍ଛାସେବୀମାନେ କେନ୍ଦୁଡିପି ଗ୍ରାମରେ ଏକ ସଚେତନତା ରାଲି ଆୟୋଜନ କରିଥିଲେ । ରାଲି ମାଧ୍ୟମରେ ଗ୍ରାମବାସୀଙ୍କୁ ନିଶା ସେବନର ଭୟାବହ ପରିଣାମ ବିଷୟରେ ସଚେତନ କରାଯାଇଥିଲା । ଏଥିସହ ଯୁବପିଢ଼ିଙ୍କୁ ନିଶାଠାରୁ ଦୂରେଇ ରହି ଏକ ସୁସ୍ଥ ଓ ଶୃଙ୍ଖଳିତ ଜୀବନଯାପନ କରିବାକୁ ଆହ୍ୱାନ ଦିଆଯାଇଥିଲା । ରାଲି ପରେ କେନ୍ଦୁଡିପି ଗ୍ରାମ ପଞ୍ଚାୟତ ନିକଟରେ ଏକ ସଚେତନତା ସଭା ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ନବ ଚୌଧୁରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଯୋଗଦାନ କରି ସଭାପତିତ୍ୱ କରିଥିଲେ । ସେ ନିଜ ଅଭିଭାଷଣରେ ନିଶାମୁକ୍ତ ସମାଜ



ଗଠନ ପାଇଁ ଶିକ୍ଷାନୁଷ୍ଠାନ, ପରିବାର ଓ ସମାଜର ସମସ୍ତ ସଦସ୍ୟଙ୍କ ମିଳିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶେଷରେ ଏକ ସୁସ୍ଥ, ସୁରକ୍ଷିତ ଓ ବିଦ୍ୟାସମୃଦ୍ଧ ଭାରତ ଗଠନ ପାଇଁ ସମସ୍ତେ ନିଶାମୁକ୍ତ ଜୀବନଯାପନ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବାକୁ ଆହ୍ୱାନ ଦିଆଯାଇଥିଲା । ଏନ୍ ଏସ ଏସ ୟୁନିଟ୍‌ର ପ୍ରୟାସ ସମାଜରେ ସଚେତନତା ବୃଦ୍ଧି କରିବା ସହ 'ନିଶାମୁକ୍ତ ଯୁବ – ବିକଶିତ ଭାରତ' ଲକ୍ଷ୍ୟ ପୂରଣ ଦିଗରେ ଏକ ପ୍ରଶଂସନୀୟ ପଦକ୍ଷେପ ଥିଲା ବୋଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୁଖ୍ୟ ନାରାୟଣ ଚୌଧୁରୀ ପ୍ରକାଶ କରିଛନ୍ତି ।

## ସାନସୀମା ଉଚ୍ଚ ବିଦ୍ୟାଳୟ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

କୃଷ୍ଣପ୍ରସାଦ,(ନିପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାନସୀମା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଖୋ ଖୋ, କବାଡ଼ି ଓ ଭଲିବଲ୍ ପ୍ରତିଯୋଗିତା ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଅଧୀନରେ ଥିବା ଯୁକ୍ତ ଦୁଇ ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟର ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ନିଜ ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ ।ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର୍ଷଣ ଦାଶଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା । ସଭାରେ ବିଆରସିସି ସିଦ୍ଧେଶ୍ୱର କରଣ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସାଂସଦଙ୍କ ପ୍ରତିନିଧି ହରିହର ଦାଶ, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ପୂର୍ବତନ ଛାତ୍ର ସଂଘ (ଆଲୁମିନି) ସଭାପତି ତଥା ଅଧ୍ୟାପକ ମଧୁସୂଦନ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିକ୍ରମ ତରେଇ, ସିଆଣ୍ଡି ପଞ୍ଚାୟତର ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇ ଓ ସମିତି ସଭ୍ୟ ଲଳିତ କୁମାର ତରେଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

## କଂଗ୍ରେସର ସାଙ୍ଗଠନିକ ସମାବେଶ, ଦଳକୁ ତୃଣମୂଳସ୍ତରରେ ମଜଭୁତ କରିବାକୁ ଗୁରୁତ୍ୱ




କେନ୍ଦ୍ରାପଡ଼ା,(ନିପ୍ର): କେନ୍ଦ୍ରାପଡ଼ା ବ୍ଲକ କଂଗ୍ରେସ ପକ୍ଷରୁ ଏକ ବ୍ଲକସ୍ତରୀୟ ସାଙ୍ଗଠନିକ ସମାବେଶ ବାରଙ୍ଗଠାରେ ଅନୁଷ୍ଠିତ ହୋଇଯାଇଛି । ଦଳକୁ ତୃଣମୂଳ ସ୍ତରରେ ଅଧିକ ସକ୍ରିୟ ଓ ସୁଦୃଢ଼ କରିବା ସହ ଆଗାମୀ ପଞ୍ଚାୟତ ଏବଂ ୨୦୨୯ ବିଧାନସଭା ନିର୍ବାଚନରେ ଦଳର ଉନ୍ନତ ପ୍ରଦର୍ଶନ ଲକ୍ଷ୍ୟରେ ଏହି ସମାବେଶ ଆୟୋଜିତ ହୋଇଥିଲା । କେନ୍ଦ୍ରାପଡ଼ା ବ୍ଲକସ୍ତରୀୟ କଂଗ୍ରେସର ଏହି ସାଙ୍ଗଠନିକ ସମାବେଶରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ ଯୋଗଦେଇଥିଲେ । ଏଥିସହ କଂଗ୍ରେସର ବହୁ ବରିଷ୍ଠ ନେତା ଓ କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସମାବେଶରେ କେନ୍ଦ୍ରାପଡ଼ା ବ୍ଲକ ଅଧୀନରେ ଥିବା ବିଭିନ୍ନ ପଞ୍ଚାୟତର କଂଗ୍ରେସ ସଭାପତିମାନେ ଯୋଗଦେଇଥିଲେ । ଦଳୀୟ ସଂଗଠନକୁ ତୃଣମୂଳସ୍ତରରେ ଅଧିକ ସକ୍ରିୟ କରିବା ଏବଂ ପଞ୍ଚାୟତସ୍ତରରେ କଂଗ୍ରେସର ଭିତ୍ତିଭୂମିକୁ ମଜଭୁତ କରିବା ଉପରେ ଏଠାରେ ଗୁରୁତ୍ୱ ଦିଆଯାଇଥିଲା । ଡ. ସିପ୍ରା ମଲ୍ଲିକ ବିଭିନ୍ନ ପଞ୍ଚାୟତର କଂଗ୍ରେସ ସଭାପତିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଦଳର ସାଙ୍ଗଠନିକ ସ୍ଥିତିକୁ ମଜବୁତ କରିବା ସହ କର୍ମୀଙ୍କ ମଧ୍ୟରେ ଏକତା ସମନ୍ୱୟ ଓ ସକ୍ରିୟତା ବୃଦ୍ଧି କରିବା ଏହି ସମାବେଶର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

# ଆରମ୍ଭ ହେଲା ସୋନପୁରର ବଳୀଯାତ୍ରା

ସୋନପୁର,(ନିପ୍ର): ସୁବର୍ଣ୍ଣପୁର ତନ୍ତ୍ର, ମନ୍ତ୍ର ଓ ଯନ୍ତ୍ରର ସାଧନା ପରମ୍ପରାରେ ପ୍ରସିଦ୍ଧ । ଏହା ଏକ ପବିତ୍ର ଦେବଭୂମି ଓ ମନ୍ଦିରମାଳିନୀ ନଗରୀ । ଆଶ୍ୱିନ ମାସ ଆସିଲେ ଏଠାରେ ସୃଷ୍ଟି ହୁଏ ଏକ ନିଆରା ଆଧ୍ୟାତ୍ମିକ ଆବେଶ । ଅମାବାସ୍ୟା ରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରାୟ ପନ୍ଦର ଦିନ ଧରି ପାଳିତ ପ୍ରସିଦ୍ଧ ବଳୀଯାତ୍ରା ଭକ୍ତି, ଆସ୍ଥା ଓ ପ୍ରାଚୀନ ପରମ୍ପରାର ଏକ ଅନନ୍ୟ ପ୍ରତୀକ । ଦହି-ଦହନାର ମହମହ ସୁଗନ୍ଧ, ଘଣ୍ଟି ଓ ବାଦ୍ୟର ଗମ୍ଭୀର ନାଦ ଏବଂ ଦେବୀଙ୍କ ଆରାଧନାରେ ସମଗ୍ର ସହର ହୋଇଉଠେ ଭକ୍ତିମୟ । ଚୌହାନ ଶାସନକାଳରୁ ଚାଲିଆସିଥିବା ଏହି ପରମ୍ପରା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ; ଏହା ସୁବର୍ଣ୍ଣପୁରର ଇତିହାସ, ସଂସ୍କୃତି ଓ ସାମୂହିକ ଚେତନାର ଜୀବନ୍ତ ପରିଚୟ ।

**୩୬ ପାଟକର ଏକତାର ପର୍ବ:**

ବଳୀଯାତ୍ରାର ପ୍ରମୁଖ ବିଶେଷତ୍ୱ ହେଉଛି ୩୬ ପାଟକର ସାମୂହିକ ସମ୍ପୃକ୍ତି । ବିଭିନ୍ନ ବର୍ଗ ଓ ସମ୍ପ୍ରଦାୟର ଲୋକ ଏକତ୍ର ହୋଇ ନିଜ ନିଜ ଭୂମିକା ନିର୍ବାହ କରନ୍ତି । ଏହା ସାମାଜିକ ସମନ୍ୱୟ, ଭାଇଚାରା ଓ ପରସ୍ପର ସହଯୋଗର ଏକ ଉଜ୍ଜ୍ୱଳ ଉଦାହରଣ ।

**ତନ୍ତ୍ର-ମନ୍ତ୍ର ଓ ପଞ୍ଚ ମହାଶବ୍ଦ:**

ବଳୀଯାତ୍ରାର ଆଚାର-ବିଧିରେ ତନ୍ତ୍ର, ମନ୍ତ୍ର ଓ ଯନ୍ତ୍ରର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି । ଢୋଲ, ମହୁରୀ, ଘଣ୍ଟି, ଗିନି ଓ



ବୁବିର ନାଦ ସହ କଳା ଓ ଧଳା ଛତ୍ର ଏହି ଯାତ୍ରାର ପାରମ୍ପରିକ ପରିଚୟକୁ ଅଧିକ ସ୍ୱତନ୍ତ୍ର କରିଥାଏ । ବୁଢ଼ାରଜା ବଳୀରୁ ଆରମ୍ଭ ହେଉଥିବା ଯାତ୍ରାରେ ନିଶାବଳୀ, ଖଉଲଫିଟା, ପଞ୍ଚମୀ ବଳୀ, ଗାଇନ ଓ ଡାଙ୍ଗୁଆବଳୀ ଆଦି ପର୍ବର ରହିଛି ବିଶେଷ ମହତ୍ତ୍ୱ ।

**ଖଉଲଫିଟା : ରହସ୍ୟ ଓ ଆସ୍ଥାର ରାତ୍ରି**

ଚତୁର୍ଥୀର ଖଉଲଫିଟା ବଳୀଯାତ୍ରାର ଏକ ରହସ୍ୟମୟ ଧାର୍ମିକ ପର୍ବ । ଏହି ରାତ୍ରିରେ ବରୁଆଙ୍କ ସହ ସମ୍ପୃକ୍ତ ବିଶେଷ ପୂଜାବିଧି ନିଷ୍ଠାର ସହ ସମ୍ପନ୍ନ ହୁଏ । ଲୋକବିଶ୍ୱାସ ଓ ପ୍ରାଚୀନ ପରମ୍ପରା ସହ ଜଡ଼ିତ ଏହି ଆଚାର ସମୟରେ ଅନ୍ଧକାର ରକ୍ଷା କରାଯିବା ଏହାର ଏକ ବିଶେଷ ଦିଗ । ଏହା ପରେ ପଞ୍ଚମୀ ବଳୀ ସହ ଯାତ୍ରା ଆଗକୁ ବଢ଼େ ।

**ନବମୀ ବଳୀ : ଭକ୍ତିର ମହାସମାଗମ**

ନବମୀ ବଳୀରେ ହଜାର ହଜାର ଭକ୍ତଙ୍କ ସମାଗମ ଘଟେ । ଧୂପଧୂଆଁ, ଦହି-ଦହନାର ସୁଗନ୍ଧ, ମନ୍ଦିରର ଘଣ୍ଟି ଓ ଢୋଲର ନାଦରେ ସହର ଦେବୀମୟ ହୋଇଉଠେ । ଦଶହରା ପରେ ପୂର୍ଣ୍ଣିମା ବଳୀ ସହ ଆଧ୍ୟାତ୍ମିକ ଯାତ୍ରାର ପରିସମାପ୍ତି ଘଟେ । କିନ୍ତୁ ଭକ୍ତି ଓ ଆସ୍ଥାର ଅନୁଭୂତି ଜନମାନସରେ ରହିଯାଏ ।

**ଐତିହ୍ୟରୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ:**

ବଳୀଯାତ୍ରା ଆମକୁ ଦେବୀ ଆରାଧନା ସହିତ ଏକତା, ସହଯୋଗ ଓ ସାମୂହିକ ଚେତନାର ମହତ୍ତ୍ୱ ଶିଖାଏ । ଏହାର ଇତିହାସ, ଆଚାର-ବିଧି ଓ ଲୋକବିଶ୍ୱାସକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବା ଆମ ସମସ୍ତଙ୍କ ସାଂସ୍କୃତିକ ଉତ୍ତରଦାୟିତ୍ୱ ବୋଲି କୁହାଯାଇଛି ।

## 'ସୁରଭି' କାର୍ଯ୍ୟକ୍ରମ, କ୍ଲଷ୍ଟରସ୍ତରକୁ ୩ ଛାତ୍ରଛାତ୍ରୀ ମନୋନୀତ

ନିରାକାରପୁର,(ନିପ୍ର) : ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ କାଶୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ଅନ୍ୱେଷଣ ଉଦ୍ଦେଶ୍ୟରେ ବିଦ୍ୟାଳୟ ସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଉତ୍ସାହ ଓ ଆନନ୍ଦର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀମାନେ ଗୀତ-ନାଚ, ଭାଷଣ, କୁଇଜ୍, ଶ୍ରୁତଲିଖନ, ଚିତ୍ରାଙ୍କନ ଆଦି ବିଭିନ୍ନ




ପ୍ରତିଯୋଗିତାରେ ଭାଗନେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ ।ଏହି ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ପଞ୍ଚମ ଶ୍ରେଣୀର ଛାତ୍ରୀ ତେଜସ୍ୱିନୀ ଦଳାଇ ଓ ଧରିତ୍ରୀ ପରିଡ଼ା ଏବଂ ଚତୁର୍ଥ ଶ୍ରେଣୀର ଛାତ୍ରୀ ଗୀତାଞ୍ଜଳି ପରିଡ଼ା କ୍ଲଷ୍ଟର ସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମକୁ ମନୋନୀତ ହୋଇଛନ୍ତି । ଏହି ତିନି ଛାତ୍ରୀ ରାମେଶ୍ୱର ବିଦ୍ୟାଳୟଠାରେ ହେବାକୁ ଥିବା କ୍ଲଷ୍ଟର ସ୍ତରୀୟ କାର୍ଯ୍ୟକ୍ରମରେ ଭାଗନେବେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅନିତା ନାୟକଙ୍କ ନେତୃତ୍ୱରେ ସମସ୍ତ ପ୍ରତିଯୋଗିତା ସୁଚାରୁ ରୂପେ ପରିଚାଳିତ ହୋଇଥିଲା । ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ବରିଷ୍ଠ ବର୍ଗର ଛାତ୍ରଛାତ୍ରୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ପ୍ରଥମରୁ ତୃତୀୟ ଶ୍ରେଣୀର କନିଷ୍ଠ ବର୍ଗର ଅଂଶଗ୍ରହଣକାରୀଙ୍କୁ ଅନ୍ୟାନ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା ।'ସୁରଭି' କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନଙ୍କ ମଧ୍ୟରେ ସୃଜନଶୀଳତା, ଆତ୍ମବିଶ୍ୱାସ ଓ ପ୍ରତିଯୋଗିତାମୂଳକ ମନୋଭାବର ବିକାଶ ହେବା ସହ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଉଚିତ ମଞ୍ଚ ମିଳିପାରୁଛି ।

## ବିଭିନ୍ନ କଲେଜରେ ଛାତ୍ର ସଂସଦ ନିର୍ବାଚନ : ନାମାଙ୍କନ ଦାଖଲ

**ଆସିକା,(ନିପ୍ର):** ଛାତ୍ର ସଂସଦ ନିର୍ବାଚନ ପାଇଁ ସରଗରମ ହୋଇଛି କଲେଜ କ୍ୟାମ୍ପସ । ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା । ରାଲିରେ ବାହାରି ନାମାଙ୍କନ ପତ୍ର ଦାଖଲ କଲେ ଦୁଇ ଦଳର ଛାତ୍ର ସଂସଦ ପ୍ରାର୍ଥୀ । ନାରୀ ସୁରକ୍ଷା, ଶିକ୍ଷା ଓ କଲେଜର ବିଭିନ୍ନ ସମସ୍ୟାକୁ ମୁଦା କରି ନିର୍ବାଚନ ଲଢ଼ିବେ କହିଛନ୍ତି ଦୁଇ ଦଳର ପ୍ରାର୍ଥୀ । ଅପର ପକ୍ଷରେ ଛାତ୍ର ସଂସଦ ନାମାଙ୍କନ ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ପ୍ରଦକ୍ଷେପ ଗ୍ରହଣ କରାଯାଇଛି ।

**ଧାମନଗର :** ଧାମନଗର କଲେଜରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଉତ୍ସାହ ଦେଖାଦେଇଛି । ଚଳିତ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ୧୧ ଟି ପଦବୀରେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛି । ମୋଟ ୨୩ ଟି ପଦବୀ ପାଇଁ ନିର୍ବାଚନ ହେଉଛି । ଉଭୟ ଏବିଭିପି ଓ ବିସିଜେଡି ଛାତ୍ର ସଙ୍ଗଠନ ପକ୍ଷରୁ ପଟୁଆରରେ ଯାଇଥିଲେ । ଏଥିପାଇଁ ଏବିଭିପି ପକ୍ଷରୁ ୨୩ ଜଣ ଓ ବିସିଜେଡି ପକ୍ଷରୁ ୧୧ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ । ଏବିଭିପିର ୧୧ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀ ଇତିଶ୍ରୀ ସାମଲଙ୍କ ନାମାଙ୍କନ ଅଧିକ ବୟସ କାରଣରୁ ନାକଚ ହୋଇଥିବା ଜଣାପଡ଼ିଛି । ଅବଶିଷ୍ଟ ୧୧ଟି ପଦବୀ ପାଇଁ ଆସନ୍ତା ୧୫ ତାରିଖରେ ମତଦାନ ହେବ । ଏଥିରେ ଏବିଭିପି ଓ ବିସିଜେଡି ପ୍ରାର୍ଥୀଙ୍କ ମଧ୍ୟରେ ସିଧାସଳଖ ଲଢ଼େଇ ହେବ ।

**କୃଷ୍ଣପ୍ରସାଦ:** ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ରୁକୁଣୀଦେବୀ ଚିଲିକା ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ମହାବିଦ୍ୟାଳୟର ସଭାପତି ପଦ ପାଇଁ ମୋଟ ୪ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ଆଶୁତୋଷ ପରିଡାଙ୍କ ନାମାଙ୍କନ ନାକଚ ହୋଇଛି । ନିର୍ବାଚନ ମୈଦାନରେ ସଭାପତି ପଦବୀ ପାଇଁ ଶୁଭଶ୍ରୀ ପହାନ, ପିଙ୍କି ଜେନା ଏବଂ ବିଷ୍ଣୁ ପ୍ରସାଦ ସାହୁ ୩ ଜଣ ପ୍ରତିଦ୍ୱନ୍ଦ୍ୱିତା କରିବା ନିର୍ବାଚନ ଅଧିକାରୀ ତଥା ଅଧ୍ୟକ୍ଷ ନଳିନୀକାନ୍ତ ପାହାଣଙ୍କ ଠାରୁ ଜଣାପଡିଛି । ନିର୍ବାଚନକୁ ପରିଚାଳନା କରିବେ ଅଧ୍ୟାପକ ଗୋପାଳ କୃଷ୍ଣ ଜେନା, ମନୋଜ କୁମାର ପ୍ରଧାନ,ସୁକାନ୍ତ କୁମାର ମାନସିଂହ ଏବଂ ଅଧ୍ୟାପିକା ରୁବିବାଳା ମହାନ୍ତି । ସଭାପତି ପଦ ସହ ମୋଟ ୨୭ ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ୩ ଜଣଙ୍କର ନାକଚ ହୋଇଛି । ସଭାପତି ପ୍ରାର୍ଥିନୀ ଶୁଭଶ୍ରୀ ପହାଣ ନାମାଙ୍କନ ଦାଖଲ ପୂର୍ବରୁ ଚଣ୍ଡୀ ମନ୍ଦିରରେ ମା'ଙ୍କ ଆଶୀର୍ବାଦ ନେଇଥିଲେ ।

**ଜଳେଶ୍ୱର:** କଲେଜ ନିର୍ବାଚନକୁ ନେଇ ସରଗରମ ଜଳେଶ୍ୱରର ଦୀନକୃଷ୍ଣ ମହାବିଦ୍ୟାଳୟ । ଆଜି ନିର୍ବାଚନ ନିମନ୍ତେ ନାମାଙ୍କନ ଦାଖଲ ତାରିଖ ଥିବାରୁ ବିଭିନ୍ନ ରାଜନୈତିକ ଦଳ ସମର୍ଥିତ ଛାତ୍ରଛାତ୍ରୀମାନେ ନିଜ ନିଜର ନାମାଙ୍କନ ପାତ୍ର ଦାଖଲ କରିଛନ୍ତି । ଦୀର୍ଘ ୮ ବର୍ଷ ପରେ ପୁଣି ମହାବିଦ୍ୟାଳୟ ନିର୍ବାଚନ ଅନୁଷ୍ଠିତ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଉତ୍କଣ୍ଠା ଦେଖିବାକୁ ମିଳିଛି ।ବିଜୁ ଛାତ୍ର ଜନତା ଦଳ, ଏ ବି ଭି ପି, ଏନ ଏସ ୟୁ ଆଇ ଓ ଅନ୍ୟ ପ୍ରମୁଖ ଛାତ୍ର ସଂଗଠନର ପ୍ରାର୍ଥୀମାନେ ମହାବିଦ୍ୟାଳୟର ଉନ୍ନତି ନିମନ୍ତେ ବିଭିନ୍ନ ମୁଦା ନେଇ ନିର୍ବାଚନକୁ ଓହ୍ଲାଇଥିବା ପ୍ରକାଶ କରିଛନ୍ତି । ତେବେ ଦୀନକୃଷ୍ଣ ମହାବିଦ୍ୟାଳୟର ବିଭିନ୍ନ ଛାତ୍ର ସଂଗଠନରୁ ମୋଟ ୭୩ ଜଣ ଛାତ୍ରଛାତ୍ରୀ ନାମାଙ୍କନ ଦାଖଲ କରିଥିବା ବେଳେ ବିଭିନ୍ନ କାରଣରୁ ୩ ଜଣ ପ୍ରାର୍ଥୀଙ୍କର ନାମାଙ୍କନ ଖାରଜ ହୋଇଥିବା ବେଳେ ୭୦ ଜଣ ପ୍ରାର୍ଥୀଙ୍କର ନାମାଙ୍କନ କାଏମ ରହିଛି ।

**ନିରାକାରପୁର:** ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ କ୍ଷେତ୍ରବାସୀ ଡି.ଏ.ଭି. ମହାବିଦ୍ୟାଳୟରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଛାତ୍ର ସଂସଦ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ।



ନିର୍ବାଚନ କମିଟି ପକ୍ଷରୁ ମନୋନୟନ ପତ୍ର ଯାଞ୍ଚ ଶେଷ ହେବା ପରେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ଦ୍ୱାରା ବୈଧ ମନୋନୀତ ପ୍ରାର୍ଥୀମାନଙ୍କର ତାଲିକା (ବିଜ୍ଞପ୍ତି ସଂଖ୍ୟା: ୦୮/୨୬, ତା: ୦୯.୧୦.୨୦୨୬) ପ୍ରକାଶ ପାଇଛି । ଲିଙ୍ଗଡୋ କମିଟିର ସୁପାରିଶ, ଉଚ୍ଚଶିକ୍ଷା ବିଭାଗ ଓ ମହାବିଦ୍ୟାଳୟର ନିର୍ବାଚନ ନିୟମାବଳୀ ଅନୁସାରେ ଦାଖଲ ହୋଇଥିବା ପ୍ରାର୍ଥୀପତ୍ରଗୁଡ଼ିକୁ ଯାଞ୍ଚ କରାଯାଇ ବୈଧ ଘୋଷଣା କରାଯାଇଛି । ନିର୍ବାଚନ ନିୟମାବଳୀ ଅନୁଯାୟୀ ଆଗାମୀ ଦିନରେ ମନୋନୟନ ପତ୍ର ପ୍ରତ୍ୟାହାର ଏବଂ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମ୍ପାଦନ କରିବା ପାଇଁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଓ ନିର୍ବାଚନ କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି ।

**ବାଙ୍କୀ:** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନକୁ ନେଇ ଚଳଚଞ୍ଚଳ ହୋଇଉଠିଛି କଲେଜ ପରିସର । ନିର୍ବାଚନ ପାଇଁ ବିଭିନ୍ନ ପଦବୀରେ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବା ପରେ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି । ଏହାପରେ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି ।

ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ମା' ଚର୍ଚ୍ଚିକାଙ୍କ ପୀଠରୁ ଶୋଭାଯାତ୍ରାରେ ଆସି ପ୍ରାର୍ଥୀମାନେ କଲେଜ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଥିଲେ । ସଭାପତି



ପଦ ପାଇଁ ବିନୟ କୁମାର ରଣା, ସୁମିତ ଛାଟୋଇ, ବିବିନ୍ଦ୍ର ରଣା, ବର୍ଷା ପ୍ରିୟଦର୍ଶିନୀ ସାହୁ, ଅଭିଜିତ ମହାପାତ୍ର ଓ ଆକାଶ କୁମାର ଗୋଛି ପ୍ରାର୍ଥୀ ହୋଇଛନ୍ତି । ଉପସଭାପତି ପଦ ପାଇଁ ବରକତ ଅଲ୍ଲୀ, ଚିନ୍ମୟୀ ରାଉତ, ଲକ୍ଷ୍ମୀପ୍ରିୟା ସ୍ୱାଇଁ ଓ ସ୍ମିତି ପ୍ରଜ୍ଞା ସ୍ୱାଇଁ ନିର୍ବାଚନ ମଇଦାନରେ ଅଛନ୍ତି ।

ତିଥି :(ପ୍ରତିପଦ): (ଚିତ୍ରା କନ୍ୟା)
ଅମୃତ ବେଳା: ଦିବା ଘ ୬ ।୩୧ ମଧ୍ୟେ ଘ୮ ।୫୫ ମଧ୍ୟେ

## ଆଜିର ଅନୁଚିନ୍ତନ

ସେ ଜ୍ଞାନ ସ୍ୱରୂପ ଓ ସମସ୍ତଙ୍କ ହୃଦୟରେ ବିରାଜିତ ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଶାସନତନ୍ତ୍ର ଓ ଜନଭାଗିଦାରିତା

ସୂଚନା ସେବା କ୍ଷେତ୍ରରେ ରାଜ୍ୟ ଅଗ୍ରସର ହେଉ। ସୂଚନା କ୍ରାନ୍ତିକୁ ଆଗକୁ ନେଇ ପାଇଁ ସାମାଜିକ ଗଣମାଧ୍ୟମ ପ୍ରତି ସୂଚନା ଅଧିକାରୀମାନେ ଧ୍ୟାନକେନ୍ଦ୍ରିତ କରନ୍ତୁ। ନିକଟରେ ଏକ ସମାରୋହରେ ରାଜ୍ୟ ମୁଖ୍ୟମନ୍ତ୍ରୀ ଏପରି ମର୍ମରେ ଗୁରୁତ୍ୱାରୋପ କରିଛନ୍ତି ଯାହାକି ବର୍ତ୍ତମାନର ଶାସନତନ୍ତ୍ର ସହିତ ଲୋକଙ୍କ ସମ୍ପର୍କ ରକ୍ଷା ନିମିତ୍ତ ପ୍ରାଧାନ୍ୟ ରଖେ। ତେବେ ଏହା ବହୁ ଆଗରେ କରାଯିବାର ଥିଲା। ଏକଥା ସତ ଯେ ପ୍ରେସ୍ ବିଜ୍ଞପ୍ତି ଏକ ଗତାନୁଗତିକ କାର୍ଯ୍ୟ। କିନ୍ତୁ ତାହା ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ଲୋକଙ୍କ ସହ ଯୋଗାଯୋଗ। ସର୍ବୋପରି ଲୋକଙ୍କ ମତ ସରକାରଙ୍କ ନିକଟରେ ପହଞ୍ଚାଇବାରେ ସର୍ବପ୍ରାଥମିକତା। କାରଣ ବିକଶିତ ଓଡ଼ିଶା -୨୦୩୬ର ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ ଶାସନ ବ୍ୟବସ୍ଥାରେ ଯେତେ ଜନଭାଗିଦାରିତା ଯୋଡ଼ି ହୋଇ ରହିବ ତାହାଦ୍ୱାରା ସାଧାରଣ ଲୋକେ ଅଧିକ ଉପକୃତ ହୋଇପାରିବେ।

ଏମିତି ଏକ ସମୟ ଥିଲା ଦେଶରେ ବହୁ ଯୋଜନା ଥିଲା ଯୋଜନ ଯୋଜନ ଦୂରରେ। କଥା ବି ଏକଦା ଉଠିଥିଲା କେନ୍ଦ୍ରୀୟ ଯୋଜନାର ହିତାଧିକାରୀଙ୍କୁ କେନ୍ଦ୍ର ୧୦୦ ପଇସା ପଠାଉଥିବାବେଳେ ହିତାଧିକାରୀଙ୍କ ପାଖରେ ପହଞ୍ଚିବା ବେଳକୁ ତାହା ୨୫ ପଇସା ହୋଇଯାଉଥିଲା।ଅର୍ଥାତ୍ ବାଟମାରଣା ହେଉଥିଲା। ସେତେବେଳେ ସୂଚନା କ୍ରାନ୍ତିର ଏକ ପ୍ରକାର ଉନ୍ମେଷ କାଳ। ତେବେ ବର୍ତ୍ତମାନ ବିଭିନ୍ନ ଯୋଜନା ବା ସ୍କିମରେ ହିତାଧିକାରୀଙ୍କୁ ଅର୍ଥ ସିଧାସଳଖ ଡିବିଟି ଯୋଗେ ମିଳିପାରୁଛି ଯାହା ସୂଚନା କ୍ରାନ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଅର୍ଥାତ୍ ଏହା ସ୍ୱଚ୍ଛତା ଓ ପାରଦର୍ଶୀ ବ୍ୟବସ୍ଥାକୁ ସୂଚିତ କରେ। ହିତାଧିକାରୀମାନେ ବିଭିନ୍ନ ସୁବିଧା ପାଇବା ପାଇଁ ଆଧାର କାର୍ଡ ଅପରିହାର୍ଯ୍ୟ ହେଉଥିବା ଜଣାଶୁଣା। କିନ୍ତୁ ତଥ୍ୟଗତ ତ୍ରୁଟି ହେଉ ଅବା ଆନୁଷଙ୍ଗିକ ଅସୁବିଧା କାରଣରୁ ଉପଯୁକ୍ତ ଆଧାର କାର୍ଡ ନ ପାଇ ଦୁର୍ଗମ ଅଞ୍ଚଳର ବହୁ ଲୋକ ଏବେ ବି ଦୁର୍ଦ୍ଦଶା ଘେରରେ ଥିବାର ଅଭିଯୋଗ ଆଧାରିତ ଦୃଶ୍ୟ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ଜରିଆରେ ଜାଣିବାକୁ ମିଳୁଛି। ସେ କ୍ଷେତ୍ରରେ ସେମାନଙ୍କୁ ସହାୟତାର ହାତ ବଢ଼ାଇବା ଉଚିତ କି ନୁହେଁ? ଏ ଦିଗରେ ସରକାରୀ ବାବୁମାନେ ଆନ୍ତରିକତା ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି। ସେମିତି ପ୍ରାକୃତିକ ବିପର୍ଯ୍ୟୟ ଦୃଷ୍ଟିରୁ ଦେଖିଲେ ଆମ ରାଜ୍ୟ ବାତ୍ୟା ଓ ବନ୍ୟାର ଚିର ସହଚର। ଏ ପରିପ୍ରେକ୍ଷୀରେ ବିପନ୍ନଙ୍କ ନିକଟରେ ରିଲିଫ ଓ ବନ୍ୟା ସହାୟତା ପହଞ୍ଚିବା ଯଥେଷ୍ଟ ହୋଇଗଲା ବୋଲି ଭାବିବା ଠିକ୍ ନୁହେଁ। ଲୋକଙ୍କୁ ସୁରକ୍ଷିତ ଉଦ୍ଧାର ସର୍ବପ୍ରଥମ। ଏହା ନିରାକରଣ ପାଇଁ ବା ବାତ୍ୟା ଓ ବନ୍ୟା ଯଥେଷ୍ଟ ପୂର୍ବରୁ ଭିତ୍ତିଭୂମି ନିର୍ମାଣ ଅବା ରକ୍ଷଣାବେକ୍ଷଣ ପ୍ରତି ଯେତେ ସମ୍ଭବ ଧ୍ୟାନ ଦିଆଯିବା ଜରୁରୀ। ଜଳବାୟୁ ସହନଶୀଳ ବିକାଶ ସହ ପାଦ ମିଳାଇ ଚାଲିବାକୁ ହେଲେ ରାଜ୍ୟ ସରକାର ବନ୍ୟାପ୍ରବଣ ଅଞ୍ଚଳର ମାନଚିତ୍ର ଏଭଳି ପ୍ରସ୍ତୁତ କରିବା ଦରକାର ଯାହାଦ୍ୱାରା ମୁକାବିଲା ବେଳେ ଅଧିକ ଅସୁବିଧା ଉପୁଜିବ ନାହିଁ। ଅଧିକ ନିର୍ମାଣ ହେଉ କି ତଥାକଥିତ ବିକାଶର ପରିଣାମ କେତେ ଭୟାବହ ହୋଇପାରେ ନେପାଳରେ ସଂଘଟିତ ଉତ୍ତାଳ ବନ୍ୟାଜଳ ପ୍ରବାହର ବିଭୀଷିକା ଏକ ଚେତାବନୀ। ଏ ପରିପ୍ରେକ୍ଷୀରେ ଆମ ରାଜ୍ୟରେ ମଧ୍ୟ ଯେଉଁଠି ପରିବେଶ ପ୍ରତିକୂଳ ନିର୍ମାଣ ରହିଛି ତାହାକୁ ହଟାଇବା ଏବଂ ପରିବେଶ ଅନୁକୂଳ ଭିତ୍ତିଭୂମି ତିଆରି କରିବା ସମୟର ଆହ୍ୱାନ। ସଂକ୍ଷେପରେ କହିଲେ ନଦୀକୁ ପରାଜିତ କରିବା ଅପେକ୍ଷା ନଦୀ ବଞ୍ଚିବାର ଯୋଜନା ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ। ମନେ ରଖିବାକୁ ହେବ ଯେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାଧାରଣ ଲୋକ ହେଉଛନ୍ତି ମୂଳାଧାର। ସମାଜର ଶେଷତମ ବ୍ୟକ୍ତି ନିକଟରେ ଯଦି ବିକାଶ ଅବା ଯଥାର୍ଥ ଯୋଜନା ପହଞ୍ଚିପାରିଲା ତେବେ ଜନସହଭାଗିତା ଉତ୍ତମସ୍ତରରେ ପହଞ୍ଚିଛି ବୋଲି ନିଶ୍ଚୟ ମନେ କରାଯିବ।

ସ୍ମରଣ କରାଯାଇପାରେ ଯେ ଏକଦା ନାଗରିକ କୈନ୍ଦ୍ରିକ ସେବା ବ୍ୟବସ୍ଥା ପାଇଁ ଆରମ୍ଭ ହୋଇଥିବା 'ଆମ ଶାସନ'ର ୱେବ ପୋର୍ଟାଲ, ହ୍ୱାଟସଅପ୍, ଟୋଲଫ୍ରି ନମ୍ବର ମାଧ୍ୟମରେ ଯୋଜନା ଲୋକଙ୍କ ନିକଟରେ କେତେ ପହଞ୍ଚିଛି ତାହାକୁ ପରଖିବା ଆରମ୍ଭ କରାଯାଇଥିଲା। ତାହାର ଅଗ୍ରଗତି ଯେ ଆଶାନୁରୂପ ରହିଛି ତାହା ମନେହେଉନାହିଁ। ସୁତରାଂ ଏ ଦିଗରେ ସମୀକ୍ଷା ସାଙ୍ଗକୁ ସୂଚନା ସେବା ଯେତେ ଲୋକାଭିମୁଖୀ ହେବ ପ୍ରତ୍ୟକ୍ଷ ଯୋଗାଯୋଗ ସେତେ ବଢିବ, ତାହା ହେଲେ ଯାଇ ତ୍ରୁଟିବିଚ୍ୟୁତିମାନ ଆଗକୁ ଆସିପାରିବ। ଏବଂ ତାହା ଆଧାରରେ ଜନଭାଗିତା ଶାସନତନ୍ତ୍ର ସହ ଅଧିକ ନିଶ୍ଚୟ ଯୋଡ଼ି ହୋଇପାରିବ।

# ସୋସିଆଲ ମିଡିଆରେ ଯୁଦ୍ଧ ନୁହେଁ, ଦେଶ ଗଢ଼ିବାରେ ଯୁବ ଶକ୍ତି

**ଡ.ଏଚ୍. ପାର୍ଥସାରଥୀ**

> **"ତେଣୁ ପ୍ରଶ୍ନ ମୋବାଇଲର ନୁହେଁ—ପ୍ରଶ୍ନ ଆମର ବ୍ୟବହାରର। ଆମ ଯୁବପିଢ଼ି ଯଦି ଗାଳିର ବଦଳରେ ଯୁକ୍ତି, ଘୃଣାର ବଦଳରେ ସମ୍ମାନ, ଆକ୍ଷେପର ବଦଳରେ କାର୍ଯ୍ୟ, ଅପପ୍ରଚାରର ବଦଳରେ ସତ୍ୟ ଏବଂ ଅଭିଯୋଗର ବଦଳରେ ନିଜ ଅବଦାନକୁ ବାଛିନିଏ—ତେବେ ଏହି ଯୁବ ଶକ୍ତି ଭାରତର ସବୁଠାରୁ ବଡ଼ ସମ୍ପଦ ହୋଇପାରିବ। ବିକଶିତ ଭାରତର ସ୍ୱପ୍ନ କେବଳ ସରକାରଙ୍କ ଦାୟିତ୍ୱ ନୁହେଁ; ଏହା ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ।**
> **ଆଜି ଆମ ଯୁବପିଢ଼ି ନିଷ୍ପତ୍ତି ନେଉ- ସୋସିଆଲ ମିଡିଆରେ ଆମର ପରିଚୟ ଗାଳି ଦେଉଥିବା ଲୋକ ଭାବରେ ହେବ ନା ଦେଶ ପାଇଁ କିଛି କରୁଥିବା ନାଗରିକ ଭାବରେ? କାରଣ ଦେଶର ଭବିଷ୍ୟତ ହ୍ୟାସଟ୍ୟାଗ୍‌ରେ ନୁହେଁ, ଯୁବ ପିଢ଼ିର କର୍ମରେ ଲେଖାଯିବ।**

ଭାରତ ଆଜି ଏକ ବଡ଼ ପରିବର୍ତ୍ତନର ଦ୍ୱାରଦେଶରେ ଠିଆ ହୋଇଛି। ଦେଶକୁ ବିକଶିତ ଭାରତରେ ପରିଣତ କରିବାର ସ୍ୱପ୍ନ ଦେଖାଯାଉଛି। ଅର୍ଥନୀତି, ପ୍ରଯୁକ୍ତି, ଶିକ୍ଷା, ଷ୍ଟାର୍ଟଅପ୍, ଗବେଷଣା, ଡିଜିଟାଲ ଭିତ୍ତିଭୂମି ଓ ଆତ୍ମନିର୍ଭରତା—ପ୍ରତ୍ୟେକ କ୍ଷେତ୍ରରେ ଭାରତ ଆଗକୁ ବଢ଼ିବାର ସ୍ୱପ୍ନ ଦେଖୁଛି। କିନ୍ତୁ ଏହି ସ୍ୱପ୍ନକୁ ବାସ୍ତବରେ ପରିଣତ କରିବ କିଏ? ନିଶ୍ଚିତ ଭାବରେ ଆଜିର ଯୁବପିଢ଼ି।

କିନ୍ତୁ ଏଠି ଗୋଟିଏ ଗମ୍ଭୀର ପ୍ରଶ୍ନ ଉଠେ - ବିକଶିତ ଭାରତ ପାଇଁ ଆମ ଯୁବ ପିଢ଼ି କେତେ ଉତ୍ତରଦାୟୀ?

ଆଜି ଆମ ହାତରେ ସ୍ମାର୍ଟଫୋନ୍ ଅଛି, ଇଣ୍ଟରନେଟ୍ ଅଛି, ସୂଚନାର ଅସୀମ ଭଣ୍ଡାର ଅଛି। ଗୋଟିଏ ଘଟଣା ଘଟିଲେ କିଛି ମିନିଟ୍ ମଧ୍ୟରେ ତାହା ହଜାର ହଜାର ଲୋକଙ୍କ ପାଖରେ ପହଞ୍ଚିଯାଉଛି। ଏହା ଯୁବପିଢ଼ିକୁ ଏକ ଅଭୂତପୂର୍ବ ଶକ୍ତି ଦେଇଛି। କିନ୍ତୁ ପ୍ରଶ୍ନ ହେଉଛି- ଆମେ ଏହି ଶକ୍ତିକୁ କେଉଁ ଦିଗରେ ବ୍ୟବହାର କରୁଛୁ? ସୋସିଆଲ ମିଡିଆ ଖୋଲିଲେ ଅନେକ ସମୟରେ ଦେଖାଯାଏ-ଗୋଟିଏ ପୋଷ୍ଟକୁ ନେଇ ତୀବ୍ର ଆକ୍ଷେପ, ତାହାର ପ୍ରତିଆକ୍ଷେପ, ପୁଣି ତାହାର ଉତ୍ତର। କିଏ କାହାକୁ 'ଅନ୍ଧଭକ୍ତ' କହିଲା, କିଏ କାହାକୁ 'ଚାମଚା' କହିଲା, କିଏ କାହାକୁ ଅସଭ୍ୟ ଭାଷାରେ ଗାଳି କଲା, ଆଉ କିଏ ତାହାର ପ୍ରତି ଉତ୍ତରରେ ଆହୁରି ଅଶ୍ଳୀଳ ଶବ୍ଦ ବ୍ୟବହାର କଲା—ଏମିତି ଏକ ଅସୁସ୍ଥ ବାକ୍‌ଯୁଦ୍ଧରେ ଆମର ଅନେକ ଯୁବକ-ଯୁବତୀଙ୍କ ମୂଲ୍ୟବାନ ସମୟ ଓ ଶକ୍ତି ନଷ୍ଟ ହେଉଛି।



ମତଭେଦ ରହିବା ସ୍ୱାଭାବିକ। ଗଣତନ୍ତ୍ରରେ ପ୍ରଶ୍ନ କରିବା, ଆକ୍ଷେପ କରିବା, ନୀତିକୁ ସମାଲୋଚନା କରିବା ଏବଂ ନିଜର ମତ ରଖିବା ନାଗରିକ ଅଧିକାର। କିନ୍ତୁ ମତଭେଦ କେବେ ଶତ୍ରୁତାରେ ପରିଣତ ହେବା ଉଚିତ ନୁହେଁ। ଯୁକ୍ତିର ସ୍ଥାନରେ ଗାଳି, ତଥ୍ୟର ସ୍ଥାନରେ ଅପପ୍ରଚାର ଏବଂ ଆଲୋଚନାର ସ୍ଥାନରେ ବ୍ୟକ୍ତିଗତ ଆକ୍ରମଣ- ଏହା କୌଣସି ସୁସ୍ଥ ସମାଜର ଲକ୍ଷଣ ନୁହେଁ।

ଆମେ ନିଜକୁ ପଚାରିବା ଦରକାର- ଦିନକୁ ଘଣ୍ଟା ଘଣ୍ଟା ସୋସିଆଲ ମିଡିଆରେ କାହାକୁ ଗାଳି ଦେଇ ଆମେ ଦେଶ ଗଢୁଛୁ କି? ଦେଶ ଗଢ଼ିବା କେବଳ ରାଜନୈତିକ ପୋଷ୍ଟ କରିବାରେ ନୁହେଁ। ଦେଶ ଗଢ଼ିବା ହେଉଛି ନିଜ କାମକୁ ସଚ୍ଚୋଟ ଭାବେ କରିବା। ଜଣେ ଛାତ୍ର ନିଷ୍ଠାର ସହ ପାଠ ପଢ଼ିଲେ, ଜଣେ ଯୁବକ ନୂଆ ଦକ୍ଷତା ଶିଖିଲେ, ଜଣେ ଇଞ୍ଜିନିୟର ନୂଆ ପ୍ରଯୁକ୍ତି ଉଦ୍ଭାବନ କଲେ, ଜଣେ ଡାକ୍ତର ନିଷ୍ଠାର ସହ ରୋଗୀ ସେବା କଲେ, ଜଣେ ଚାଷୀ ଆଧୁନିକ କୃଷି କଲେ, ଜଣେ ଉଦ୍ୟୋଗୀ ଚାକିରି ସୃଷ୍ଟି କଲେ-ଏସବୁ ହେଉଛି ଦେଶ ଗଢ଼ିବାର ପ୍ରକୃତ ଅବଦାନ।

ଆଜିର ଯୁବପିଢ଼ି ପାଖରେ ଯେଉଁ ସୁଯୋଗ ଅଛି, ପୂର୍ବ ପିଢ଼ିର ହାତରେ ସେତେ ସୁବିଧା ନ ଥିଲା। ଆଜି ଜଣେ ଛୋଟ ସହରର ଯୁବକ ମଧ୍ୟ ଅନଲାଇନ୍‌ରେ ବିଶ୍ୱସ୍ତରୀୟ ଶିକ୍ଷା ପାଇପାରୁଛି। ନୂଆ ଦକ୍ଷତା ଶିଖିପାରୁଛି। ନିଜର ବ୍ୟବସାୟ ଆରମ୍ଭ କରିପାରୁଛି। ବିଶ୍ୱର ଯେକୌଣସି ସ୍ଥାନ ସହ ଯୋଡ଼ି ହୋଇପାରୁଛି। ତେଣୁ ଏହି ପିଢ଼ିର ଦାୟିତ୍ୱ ମଧ୍ୟ ଅଧିକ।

କେବଳ ସରକାର କ'ଣ କଲା ନାହିଁ, ତାହା ନେଇ ପ୍ରଶ୍ନ କରିବା ଯେତିକି ଆବଶ୍ୟକ, ମୁଁ ଦେଶ ପାଇଁ କ'ଣ କରୁଛି?—ଏହି ପ୍ରଶ୍ନ ମଧ୍ୟ ସେତିକି ଆବଶ୍ୟକ। ଆମେ ଯଦି ରାସ୍ତାରେ ଅଳିଆ ପକାଇ ପୁଣି ସୋସିଆଲ ମିଡିଆରେ ସ୍ୱଚ୍ଛ ଭାରତ ଉପରେ ଭାଷଣ ଦେବା, ତାହାର ମୂଲ୍ୟ କଣ? ଯଦି ଟ୍ରାଫିକ୍ ନିୟମ ଭାଙ୍ଗି ପୁଣି ସରକାରକୁ ଦୋଷ ଦେବା, ତାହାର ଅର୍ଥ କଣ? ଯଦି ପରୀକ୍ଷାରେ ନକଲ କରି ଦେଶର ଦୁର୍ନୀତିକୁ ନେଇ ବଡ଼ ବଡ଼ ଭାଷଣ ଦେବା, ତେବେ ପରିବର୍ତ୍ତନ କେଉଁଠୁ ଆସିବ?

ଦେଶ ପରିବର୍ତ୍ତନର ପ୍ରଥମ ପଦକ୍ଷେପ ସବୁବେଳେ ନିଜଠାରୁ ଆରମ୍ଭ ହୁଏ। ଆମ ଯୁବପିଢ଼ିଙ୍କୁ ରାଜନୀତି ବିଷୟରେ ଆଲୋଚନା କରିବା ଉଚିତ, କିନ୍ତୁ ତଥ୍ୟ ସହିତ। ସରକାରଙ୍କୁ ପ୍ରଶ୍ନ କରିବା ଉଚିତ, କିନ୍ତୁ ଯୁକ୍ତି ସହିତ। ନୀତିକୁ ସମାଲୋଚନା କରିବା ଉଚିତ, କିନ୍ତୁ ବ୍ୟକ୍ତିଗତ ଅପମାନ ନକରି। ନିଜ ପସନ୍ଦର ନେତାଙ୍କୁ ସମର୍ଥନ କରିବା ଅଧିକାର ଅଛି, କିନ୍ତୁ ତାହା ପାଇଁ ଅନ୍ୟ ମତର ଲୋକଙ୍କୁ ଶତ୍ରୁ ଭାବିବା ଆବଶ୍ୟକ ନାହିଁ।

କାରଣ ଆଜି ଯେଉଁ ଯୁବକ ଆମ ସହ ମତଭେଦ କରୁଛି, ସେ ମଧ୍ୟ ଆସନ୍ତାକାଲିର ଭାରତର ନାଗରିକ। ଆମେ ଭିନ୍ନ ମତର ହୋଇପାରୁ, କିନ୍ତୁ ଦେଶ ଆମ ସମସ୍ତଙ୍କର। ବିକଶିତ ଭାରତ କେବଳ ବଡ଼ ରାସ୍ତା, ଉଚ୍ଚ ଅଟ୍ଟାଳିକା ଓ ଆଧୁନିକ ପ୍ରଯୁକ୍ତିର ନାମ ନୁହେଁ। ଏହା ଏମିତି ଏକ ସମାଜର ସ୍ୱପ୍ନ, ଯେଉଁଠି ଯୁବକଙ୍କ ପାଖରେ ଦକ୍ଷତା ଅଛି, ନାଗରିକଙ୍କ ପାଖରେ ଦାୟିତ୍ୱବୋଧ ଅଛି, ମତଭେଦରେ ମଧ୍ୟ ପରସ୍ପର ସମ୍ମାନ ଅଛି ଏବଂ ସୋସିଆଲ ମିଡିଆ ଘୃଣା ବଢ଼ାଇବାର ମାଧ୍ୟମ ନୁହେଁ, ସଚେତନତା ଓ ସୃଜନଶୀଳତାର ମାଧ୍ୟମ ହୋଇଛି। ଆଜିର ଯୁବକ ହାତରେ ମୋବାଇଲ ଧରିଛି। ସେହି ମୋବାଇଲରେ ସେ ଗାଳି ଲେଖିପାରେ, ପୁଣି ଜ୍ଞାନ ମଧ୍ୟ ବାଣ୍ଟିପାରେ। ଅପପ୍ରଚାର କରିପାରେ, ପୁଣି ଜଣେ ଅସହାୟଙ୍କୁ ସାହାଯ୍ୟ ମଧ୍ୟ ପହଞ୍ଚାଇପାରେ। ସମୟ ନଷ୍ଟ କରିପାରେ, ପୁଣି ନିଜ ଭବିଷ୍ୟତ ଗଢ଼ିବା ପାଇଁ ସେହି ମୋବାଇଲକୁ ଏକ ବିଶ୍ୱବିଦ୍ୟାଳୟରେ ପରିଣତ କରିପାରେ।

ତେଣୁ ପ୍ରଶ୍ନ ମୋବାଇଲର ନୁହେଁ—ପ୍ରଶ୍ନ ଆମର ବ୍ୟବହାରର। ଆମ ଯୁବପିଢ଼ି ଯଦି ଗାଳିର ବଦଳରେ ଯୁକ୍ତି, ଘୃଣାର ବଦଳରେ ସମ୍ମାନ, ଆକ୍ଷେପର ବଦଳରେ କାର୍ଯ୍ୟ, ଅପପ୍ରଚାରର ବଦଳରେ ସତ୍ୟ ଏବଂ ଅଭିଯୋଗର ବଦଳରେ ନିଜ ଅବଦାନକୁ ବାଛିନିଏ—ତେବେ ଏହି ଯୁବ ଶକ୍ତି ଭାରତର ସବୁଠାରୁ ବଡ଼ ସମ୍ପଦ ହୋଇପାରିବ। ବିକଶିତ ଭାରତର ସ୍ୱପ୍ନ କେବଳ ସରକାରଙ୍କ ଦାୟିତ୍ୱ ନୁହେଁ; ଏହା ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ।

ଆଜି ଆମ ଯୁବପିଢ଼ି ନିଷ୍ପତ୍ତି ନେଉ- ସୋସିଆଲ ମିଡିଆରେ ଆମର ପରିଚୟ ଗାଳି ଦେଉଥିବା ଲୋକ ଭାବରେ ହେବ ନା ଦେଶ ପାଇଁ କିଛି କରୁଥିବା ନାଗରିକ ଭାବରେ? କାରଣ ଦେଶର ଭବିଷ୍ୟତ ହ୍ୟାସଟ୍ୟାଗ୍‌ରେ ନୁହେଁ, ଯୁବ ପିଢ଼ିର କର୍ମରେ ଲେଖାଯିବ।

ମୋ-୯୮୬୧୦୧୨୪୧୧

# ଆଗାମୀ ଭବିଷ୍ୟତ : ଛାତ୍ର ରାଜନୀତି !

**ବିକ୍ରମ କେଶରୀ ବିଶ୍ୱାଳ**

> **"ଓଡ଼ିଶାର ପ୍ରମୁଖ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ହେଉଥିବା ଛାତ୍ର ନିର୍ବାଚନରେ ଯେଉଁ ଛାତ୍ରମାନେ ଜିତିବେ ସେମାନଙ୍କୁ ଦଳର ଭବିଷ୍ୟତ ନେତା କରିବା ପାଇଁ ସୁଯୋଗ ମିଳିବ ଏଇ ଧାରଣା ନେଇ ନେତାମାନେ ଛାତ୍ର ନେତାମାନଙ୍କୁ ଯେନତେନ ପ୍ରକାରେଣ ନିର୍ବାଚନରେ ବିଜୟୀ ହେବା ପାଇଁ ଶିକ୍ଷା ଦିଅନ୍ତି। ଏଥିପାଇଁ ରାଜନେତାମାନେ ଅର୍ଥ ଯୋଗାଇ ଦିଅନ୍ତି ଏବଂ ଏଇ ମିଳାମିଶାରୁ ଅନେକ ଶୃଙ୍ଖଳା ଭାଙ୍ଗି ବିପଥଗାମୀ ହେବାର ଉଲ୍ଲାସରେ ମାତିଥାଆନ୍ତି। ଛାତ୍ର ନିର୍ବାଚନ ଶୃଙ୍ଖଳାର ସହିତ ନିର୍ବାହ କରିବା ପାଇଁ ଅଧକ୍ଷ ଓ ଅଧ୍ୟାପକମାନେ ପ୍ରବର୍ତ୍ତାଉଥିଲେ ମଧ୍ୟ ଏବର୍ଷ ଅନେକ ବର୍ଷ ପରେ ରାଜ୍ୟର ପ୍ରମୁଖ କଲେଜମାନଙ୍କରେ ନେତା ହେବା ପାଇଁ ପ୍ରତିଯୋଗିତା ଲାଗିଛି।**

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରେ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଉଚ୍ଚ ଶିକ୍ଷା ବିଭାଗ ଅଧୀନସ୍ଥ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ନିମନ୍ତେ ନାମାଙ୍କନ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଚଳିତ ନିର୍ବାଚନ ପାଇଁ ରାଜ୍ୟର ୩୪୮ଟି କଲେଜରେ ମୋଟ ୮୩୨୫ଟି ନାମାଙ୍କନ ପତ୍ର ଦାଖଲ ହୋଇଥିଲା। ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହେବାପରେ ଏଥିମଧ୍ୟରୁ ୧୧୫୬ଟି ନାମାଙ୍କନ ଖାରଜ ହୋଇଛି ଫଳରେ ବର୍ତ୍ତମାନ ସୁଦ୍ଧା ୭୧୬୯ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଛନ୍ତି। ଚଳିତ ବର୍ଷ ରାଜ୍ୟର ୩୪୧ଟି ଉଚ୍ଚଶିକ୍ଷାନୁଷ୍ଠାନରେ ପ୍ରତ୍ୟକ୍ଷ ନିର୍ବାଚନ ହେଉଛି। ସେଥିମଧ୍ୟରୁ ୧୩ଟି ବିଶ୍ୱବିଦ୍ୟାଳୟ, ୩୪୮ଟି କଲେଜ ରହିଛି। ସେହିପରି ୨୦୫ଟି ଅନୁଷ୍ଠାନରେ ଚୟନ ପ୍ରକ୍ରିୟା ମାଧ୍ୟମରେ ଛାତ୍ର ପ୍ରତିନିଧିମାନଙ୍କୁ ବଛାଯିବାର ବ୍ୟବସ୍ଥା ରହିଛି। ଆସନ୍ତା ଅକ୍ଟୋବର ୧୫ ତାରିଖ ମତଦାନ ଗ୍ରହଣ କରାଯିବ ଓ ୧୬ ତାରିଖ ବିଜୟୀ ପ୍ରାର୍ଥୀମାନେ ବିଧିବଦ୍ଧ ଭାବେ ଶପଥ ଗ୍ରହଣ କରିବେ।

ବିଜ୍ଞ ଲୋକମାନେ କହିଥାନ୍ତି ଯେ ଛାତ୍ରମାନେ ହିଁ ଦେଶର ଭବିଷ୍ୟତ। ବାଲ୍ୟକାଳ ଠାରୁ ଶିକ୍ଷା ସମାପ୍ତ ପର୍ଯ୍ୟନ୍ତ ସେମାନଙ୍କର ଦୀର୍ଘ ରୋମାଞ୍ଚକର ଯାତ୍ରା ହିଁ ଶିକ୍ଷା ଓ ସାଧନାର ସମୟ। ଏଇ ସମୟର ଶୃଙ୍ଖଳା, ଜୀବନଶୈଳୀ ଏବଂ ଲକ୍ଷ୍ୟଭେଦ କରିବାର ସଂକଳ୍ପ ସେମାନଙ୍କର ଭବିଷ୍ୟତକୁ ନିର୍ମାଣ କରିଥାଏ। ପୂର୍ବତନ ରାଷ୍ଟ୍ରପତି ଡ.କଲାମ କହିଥିଲେ ଯେ ଏହି ସମୟରେ ପିତାମାତା ଓ ଶିକ୍ଷକମାନଙ୍କର ଗହଣରେ ସେମାନେ ଦୈନିକ ଦୁଇ ତୃତୀୟାଂଶ ସମୟ ନିର୍ବାହ କରିଥାନ୍ତି। ଏହି ସମୟରେ ସେମାନେ ଯାହା ଦେଖନ୍ତି ଓ ଶିଖନ୍ତି ତାହା ସମଗ୍ର ଜୀବନର ଏକ ଅଭୁଲା ଅଂଶ ହୋଇ ରହିଯାଏ। ଅନେକ ପୃଥିବୀ ବିଖ୍ୟାତ ଜ୍ଞାନୀଗୁଣି, ବୈଜ୍ଞାନିକ, ଶିଳ୍ପୀ, ଲେଖକଙ୍କ ଜୀବନ ଏହି ସମୟରୁ ହିଁ ଗଠିତ ହୋଇଥାଏ। ସ୍ୱାଧୀନତାର ଅର୍ଥ ହେଉଛି ନିଜକୁ ନିଜେ ନିୟନ୍ତ୍ରଣ କରିବା। କୈଶୋର ପରେ ଆଦ୍ୟ ଯୌବନ ଠାରୁ ପ୍ରାୟ ଦଶବର୍ଷ କାଳ ଛାତ୍ରମାନେ ନିଜର ଭବିଷ୍ୟତ ଜୀବନକୁ ଗଠନ କରିବା ପାଇଁ ଅଧବସାୟ କରିଥାନ୍ତି। ଅଠର ବର୍ଷରୁ ସେମାନେ ସାବାଳକ ହୁଅନ୍ତି ଏବଂ ସେତେବେଳକୁ ସେମାନେ ଉଚ୍ଚ ମହାବିଦ୍ୟାଳୟର ଛାତ୍ର ହୋଇଯାଇଥାନ୍ତି।



ଗତ କିଛି ବର୍ଷ ହେଲା ଛାତ୍ରମାନଙ୍କୁ ଭବିଷ୍ୟତ ନାଗରିକ ଭାବେ ଗଢ଼ିବା ପାଇଁ ସେମାନଙ୍କୁ ବିଭିନ୍ନ ସୁଯୋଗ ଦିଆଯାଇଥାଏ। ସେଥିମଧ୍ୟରୁ ଗୋଟିଏ ବଡ଼ ସୁଯୋଗ ହେଉଛି ଯେ ଛାତ୍ର ନିର୍ବାଚନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା। ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ପ୍ରଭୃତିରେ ନାମଲେଖା ପର୍ବ ଅଗଷ୍ଟ ସୁଦ୍ଧା ଶେଷ ହୋଇଯାଇଥାଏ। ଏହାପରେ ଛାତ୍ରମାନଙ୍କ ମଧ୍ୟରେ ଗୋଟିଏ ନୂତନ ଶିହରଣ ଓ ଉତ୍ତରଣର ଭାବନା ସୃଷ୍ଟି ହୁଏ। ସେମାନେ ସାବାଳକ ହୋଇଥିବାରୁ, ସାବାଳକର କର୍ତ୍ତବ୍ୟ ଓ ଦାୟିତ୍ୱ ଜାଣିବା ସହିତ ଅଧିକାର ସାବ୍ୟସ୍ତ କରିବା ଦିଗରେ ସେତିକି ସଚେତନ ହୁଅନ୍ତି। ସେମାନଙ୍କୁ ପ୍ରଭାବିତ କରିବା ପାଇଁ ଏ ସମୟରୁ ବିଭିନ୍ନ ଦଳର ରାଜନୈତିକ ନେତାମାନେ ଉଦ୍ୟମ କରିଥାନ୍ତି। ସାବାଳକମାନଙ୍କୁ ନିର୍ବାଚନରେ ଭୋଟ ଦେବା ପାଇଁ ଅଧିକାର ମିଳିବା ପରେ ସେମାନଙ୍କୁ ପ୍ରଭାବିତ ଓ ନିୟନ୍ତ୍ରିତ କରିବା ପାଇଁ ନେତାମାନେ ବହୁ ପ୍ରଲୋଭନ ଦେଖାଇଥାନ୍ତି। କେତେକ କ୍ଷେତ୍ରରେ ସେମାନଙ୍କୁ ଫୁର୍ତ୍ତି କରିବା ପାଇଁ ଅର୍ଥ ଓ ସୁଯୋଗ ଯୋଗାଇ ଦିଅନ୍ତି। ଏଇ ସମୟରୁ ସେମାନଙ୍କ ପାଦ ଖସିବା ସମୟ ଆରମ୍ଭ ହୁଏ।

ଓଡ଼ିଶାର ପ୍ରମୁଖ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ହେଉଥିବା ଛାତ୍ର ନିର୍ବାଚନରେ ଯେଉଁ ଛାତ୍ରମାନେ ଜିତିବେ ସେମାନଙ୍କୁ ଦଳର ଭବିଷ୍ୟତ ନେତା କରିବା ପାଇଁ ସୁଯୋଗ ମିଳିବ ଏଇ ଧାରଣା ନେଇ ନେତାମାନେ ଛାତ୍ର ନେତାମାନଙ୍କୁ ଯେନତେନ ପ୍ରକାରେଣ ନିର୍ବାଚନରେ ବିଜୟୀ ହେବା ପାଇଁ ଶିକ୍ଷା ଦିଅନ୍ତି। ଏଥିପାଇଁ ରାଜନେତାମାନେ ଅର୍ଥ ଯୋଗାଇ ଦିଅନ୍ତି ଏବଂ ଏଇ ମିଳାମିଶାରୁ ଅନେକ ଶୃଙ୍ଖଳା ଭାଙ୍ଗି ବିପଥଗାମୀ ହେବାର ଉଲ୍ଲାସରେ ମାତିଥାଆନ୍ତି। ଛାତ୍ର ନିର୍ବାଚନ ଶୃଙ୍ଖଳାର ସହିତ ନିର୍ବାହ କରିବା ପାଇଁ ଅଧକ୍ଷ ଓ ଅଧ୍ୟାପକମାନେ ପ୍ରବର୍ତ୍ତାଉଥିଲେ ମଧ୍ୟ ଏବର୍ଷ ଅନେକ ବର୍ଷ ପରେ ରାଜ୍ୟର ପ୍ରମୁଖ କଲେଜମାନଙ୍କରେ ନେତା ହେବା ପାଇଁ ପ୍ରତିଯୋଗିତା ଲାଗିଛି। କେତେକ କ୍ଷେତ୍ରରେ ଦେଖାଯାଏ ସାମାଜିକ ଜୀବନ ବା ରାଜନୀତିର ପ୍ରତିଷ୍ଠା ଅର୍ଜନ କରିଥିବା ନେତାମାନେ ଛାତ୍ରମାନଙ୍କୁ ଭଲବାଟ ଦେଖାଇବା ନାମରେ ଭୁଲ ବାଟରେ ନେଉଥିବାରୁ ଛାତ୍ର ନିର୍ବାଚନରେ ଶାନ୍ତି ଓ ଶୃଙ୍ଖଳା ଭଙ୍ଗ ହେଉଛି। ଅଭିଯୋଗ ଉଠେ ଛାତ୍ର ନିର୍ବାଚନ ସମୟରେ ପ୍ରଚାର ପ୍ରସାର ନାମରେ ସାଧାରଣ ନିର୍ବାଚନ ପରି ପ୍ରାର୍ଥୀମାନେ ଅନେକ ଅର୍ଥ ବ୍ୟୟ କରିଥାନ୍ତି। ଏ ଅର୍ଥ ତାଙ୍କ ପରିବାରୁ ଆସେ ନାହିଁ। ସେମାନଙ୍କୁ ଆୟତ୍ତରେ ରଖିବା ପାଇଁ ରାଜନେତାମାନେ ହିଁ ଆବଶ୍ୟକ ଅର୍ଥ ଦେଇଥାନ୍ତି ବୋଲି ଚର୍ଚ୍ଚା ଉଠେ। ନୂତନ କଲେଜ ଜୀବନ ଆରମ୍ଭ କରୁଥିବା ତରୁଣମାନେ ନିଜର ବୌଦ୍ଧିକ ଜୀବନକୁ ସୁନିୟନ୍ତ୍ରିତ କରିବା ପାଇଁ ସୁଯୋଗ ଥିଲାବେଳେ ସେମାନଙ୍କୁ ବାଟବଣା କରିବାରେ ଅନେକ ରାଜନେତାମାନେ ସାହାଯ୍ୟ କରନ୍ତି। ନେତାମାନେ ନିଜ ନିଜ ଦଳକୁ ଶକ୍ତିଶାଳୀ କରିବା ପାଇଁ ଛାତ୍ରମାନଙ୍କୁ ଅସ୍ତ୍ର ଭାବେ ବ୍ୟବହାର କରନ୍ତି। ଭାରତବର୍ଷର ବଡ଼ ବଡ଼ ବିଶ୍ୱବିଦ୍ୟାଳୟମାନଙ୍କରେ ଛାତ୍ର ନିର୍ବାଚନ ଶୃଙ୍ଖଳାର ସହିତ ହେଉଥିବାବେଳେ ଓଡ଼ିଶାରେ ଛାତ୍ର ରାଜନୀତି ମଧ୍ୟ ଶୃଙ୍ଖଳିତ ହେବା ପାଇଁ ବର୍ତ୍ତମାନର ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରିଛନ୍ତି। ଓଡ଼ିଶାର ଛାତ୍ର ରାଜନୀତିକୁ ଦେଖିଲେ ଆଜିର ସମୟରେ ବେଶ ପ୍ରତିଷ୍ଠିତ ହୋଇଥିବା ରାଜନେତାମାନେ ଦିନେ ଏହି ଛାତ୍ର ରାଜନୀତିରୁ ହିଁ ସେମାନଙ୍କର ରାଜନୈତିକ ପୃଷ୍ଠଭୂମି ଆରମ୍ଭ କରିଥିଲେ। ବୌଦ୍ଧିକ ଉତ୍କର୍ଷ ପାଇଁ ଅଧ୍ୟୟନ ଓ ଅଧବସାୟ ନକରି ଏବଂ ସମାଜ ସଂଗଠନ କାର୍ଯ୍ୟରେ ଶକ୍ତି ବିନିଯୋଗ ନକରି ଆଦ୍ୟ ଯୌବନରୁ ନିୟନ୍ତ୍ରଣ ଭାଙ୍ଗିବ ଦ୍ୱାରା ପଛରେ ପଡ଼ିଯାଉଛି ଏହା ଦୁର୍ଭାଗ୍ୟର ବିଷୟ। ଏ ଧାରା ତୁରନ୍ତ ବନ୍ଦ ହେବା ଉଚିତ ବୋଲି କେତେକ ବର୍ଗ ମତ ଦେଉଥିବାବେଳେ ଛାତ୍ର ରାଜନୀତି ଦ୍ୱାରା ଜଣଙ୍କର ଅସଲ ରାଜନୈତିକ ଦକ୍ଷତାର ପରୀକ୍ଷା ହୋଇଥାଏ ବୋଲି ମତ ଦିଅନ୍ତି। ତେବେ ଯାହାହେଉନା କାହିଁକି ଛାତ୍ରମାନେ ରାଜନୀତି ସହ ସମାଜରେ ଭାଇଚାରା ପ୍ରତିଷ୍ଠା ଓ ସମାଜ ପ୍ରତି, ଦେଶ ପ୍ରତି ନିଜ ଗୁରୁଦାୟିତ୍ୱକୁ ନିର୍ବାହ କରିବା ପାଇଁ ଯେପରି ନ ଭୁଲନ୍ତି।

ଯାଜପୁର ରୋଡ଼,
ଯାଜପୁର,
ମୋ : ୯୯୩୮୫୩୬୦୭୬

# କନ୍ୟାଶକ୍ତିର ଅଭ୍ୟୁଦୟ: ସମ୍ଭାବନା, ସୁରକ୍ଷା ଓ ସାର୍ଥକତା

**ନନ୍ଦିତା ବାରିକ**

କୌଣସି ରାଷ୍ଟ୍ରର ପ୍ରକୃତ ଅଭ୍ୟୁଦୟ ତାହାର ଆର୍ଥିକ ସମୃଦ୍ଧିରେ ନୁହେଁ, ବରଂ କନ୍ୟାମାନଙ୍କ ସ୍ୱାଧୀନତା, ସୁରକ୍ଷା ଓ ସଶକ୍ତୀକରଣରେ ପ୍ରତିଫଳିତ ହୁଏ। କନ୍ୟା ଜାତିର ଭବିଷ୍ୟତ, ସୃଜନଶୀଳତାର ଉତ୍ସ ଓ ସାମାଜିକ ପରିବର୍ତ୍ତନର ବାହକ। ଶିକ୍ଷା, ବିଜ୍ଞାନ, ସାହିତ୍ୟ, କ୍ରୀଡ଼ା, ପ୍ରଶାସନ ଓ ଅର୍ଥନୀତିରେ କନ୍ୟାଶକ୍ତିର ସକ୍ରିୟ ଅବଦାନ ଜାତୀୟ ପ୍ରଗତିକୁ ନବଦିଗନ୍ତ ପ୍ରଦାନ କରେ। ତଥାପି ଲିଙ୍ଗଗତ ଭେଦଭାବ, ଅସୁରକ୍ଷା ଓ ସୁଯୋଗର ଅସମତା ତା'ର ଅଗ୍ରଗତିକୁ ଅବରୁଦ୍ଧ କରେ। ଏଣୁ ତା'ର ଅନ୍ତର୍ନିହିତ ପ୍ରତିଭାର ବିକାଶ, ଅଧିକାରର ସୁରକ୍ଷା, ଶିକ୍ଷା ଓ ଆର୍ଥିକ ସ୍ୱାବଲମ୍ବନ ନିଶ୍ଚିତ କରିବା ଅପରିହାର୍ଯ୍ୟ। ସମ୍ଭାବନାର ଉନ୍ମୋଚନ, ସୁରକ୍ଷାର ସୁନିଶ୍ଚିତକରଣ ଓ ସାର୍ଥକତାର ସାଧନା ହିଁ କନ୍ୟାଶକ୍ତିର ଅଭ୍ୟୁଦୟ ତଥା ନ୍ୟାୟନିଷ୍ଠ, ସମତାମୂଳକ ଓ ପ୍ରଗତିଶୀଳ ସମାଜ ନିର୍ମାଣର ମୂଳଭିତ୍ତି।ଏହି ପରିପ୍ରେକ୍ଷୀରେ ୨୦୨୬ର ଆହ୍ୱାନ 'ବାଲ୍ୟବିବାହର ଅବସାନ ଓ କନ୍ୟାମାନଙ୍କ ଅଧିକାରରେ ନିବେଶ',ସାମାଜିକ ନ୍ୟାୟ, ଲିଙ୍ଗଗତ ସମତା ଓ ମାନବୀୟ ମର୍ଯ୍ୟାଦାର ପ୍ରତିଷ୍ଠା ନିମନ୍ତେ ଏକ ଦୂରଦର୍ଶୀ ସଂକଳ୍ପ।

ବିଜ୍ଞାନରେ ମାରି କ୍ୟୁରୀ, ମହାକାଶ ଅଭିଯାନରେ କଳ୍ପନା ଚାୱ୍ଲା, ଭାଲେଣ୍ଟିନା ତେରେସ୍କୋଭା ଓ ସୁନୀତା ୱିଲିୟମ୍ସ, ସାହିତ୍ୟରେ ଟୋନି ମୋରିସନ୍, ଭର୍ଜିନିଆ ଉଲ୍ଫ ,ଜେନ୍ ଅଷ୍ଟିନ୍, ସରୋଜିନୀ ନାଇଡୁ,କୁନ୍ତଳା କୁମାରୀ ସାବତ, ଭାରତର ସର୍ବୋଚ୍ଚ ସାମ୍ବିଧାନିକ ପଦବୀର ଗୌରବବହନ କରିଥିବା ଦ୍ରୌପଦୀମୁର୍ମୁ, କ୍ରୀଡ଼ାରେ ପି. ଭି. ସିନ୍ଧୁ, ମେରି କମ୍ ଓ ସେରେନା ୱିଲିୟମ୍ସ, ଉଦ୍ୟୋଗରେ ଇନ୍ଦ୍ରାନୂୟୀଙ୍କ କୃତିତ୍ୱ ନାରୀଶକ୍ତିର ଅସୀମ ସାମର୍ଥ୍ୟକୁ ପ୍ରମାଣିତ କରେ। କଳା, ଚିକିତ୍ସା, ଗଣିତ, କୃଷି, ପ୍ରଯୁକ୍ତି, ଆଇନ, ସାମ୍ବାଦିକତା ଓ କୂଟନୀତି ସମେତ ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ସାଧନା, ସୃଜନଶୀଳତା ଓ ଅସାଧାରଣ କୃତିତ୍ୱ ଏହି ସତ୍ୟକୁ ସୁଦୃଢ଼ କରେ ଯେ ନାରୀ କେବଳ ପରିବାରର ଆଧାର ନୁହେଁ; ସେ ସଭ୍ୟତାର ସ୍ରଷ୍ଟା, ଜ୍ଞାନର ଆଲୋକବର୍ତ୍ତିକା ଓ ଭବିଷ୍ୟତର ନିର୍ମାତ୍ରୀ।

ଶିକ୍ଷା ଜ୍ଞାନ ଓ ବିବେକରେ ସମୃଦ୍ଧ କରେ, ବିଜ୍ଞାନ ଓ ପ୍ରଯୁକ୍ତି ନୂତନ ଦିଗନ୍ତ ଉନ୍ମୋଚନ କରେ, ଆଉ ଆତ୍ମବିଶ୍ୱାସ ତା'କୁ ସ୍ୱପ୍ନ ସାକାର କରିବାର ସାମର୍ଥ୍ୟ ଦିଏ । ଏହା ତାକୁ କୁସଂସ୍କାରର ଶୃଙ୍ଖଳରୁ ମୁକ୍ତ କରି ଜ୍ଞାନ, ଦକ୍ଷତା ଓ ସ୍ୱାଧୀନ ନିଷ୍ପତ୍ତି ଗ୍ରହଣର କ୍ଷମତା ପ୍ରଦାନ କରେ। ଏଥିପାଇଁ ପ୍ରତ୍ୟେକ କନ୍ୟାଙ୍କୁ ଗୁଣାତ୍ମକ ଶିକ୍ଷା, ପୁଷ୍ଟି, ସ୍ୱାସ୍ଥ୍ୟସେବା, ଡିଜିଟାଲ୍ ସାକ୍ଷରତା, ବୃତ୍ତିଗତ ଓ ଆତ୍ମରକ୍ଷା ପ୍ରଶିକ୍ଷଣ ସହ ସମାନ ସୁଯୋଗ ଓ ସୁରକ୍ଷିତ ପରିବେଶ ଯୋଗାଇବା ଆବଶ୍ୟକ। ବିଶେଷତଃ ଗ୍ରାମାଞ୍ଚଳ ଓ ବଞ୍ଚିତ ବର୍ଗର କନ୍ୟାଙ୍କ ପାଇଁ ଏହି ସୁବିଧା ସୁନିଶ୍ଚିତ କରିବା ସହ ବାଲ୍ୟବିବାହ, ନିର୍ଯାତନା ଓ ଲିଙ୍ଗଗତ ବୈଷମ୍ୟର ଅବସାନ ଘଟାଇବା ଦରକାର।

କନ୍ୟାଶକ୍ତିର ପ୍ରକୃତ ମାପକ କେବଳ କେତେକ ନାରୀ ଶୀର୍ଷସ୍ଥାନରେ ପହଞ୍ଚିଲେ, ତାହା ନୁହେଁ; ବରଂ ପ୍ରତ୍ୟେକ କନ୍ୟା ନିଜ ସାମର୍ଥ୍ୟ ଅନୁଯାୟୀ ବିକଶିତ ହେବାର ସୁଯୋଗ ପାଉଛି କି ନାହିଁ, ତାହା ହିଁ ପ୍ରକୃତ ବିଚାର୍ଯ୍ୟ। ସଶକ୍ତୀକରଣର ଅର୍ଥ କନ୍ୟାକୁ କେବଳ ସୁରକ୍ଷା ଦେବା ନୁହେଁ, ପ୍ରକୃତ ସଶକ୍ତୀକରଣ ହେଉଛି ପ୍ରତ୍ୟେକ କନ୍ୟାକୁ ସ୍ୱାଧୀନ ନିଷ୍ପତ୍ତି, ସମାନ ଅଧିକାର ଓ ସାମାଜିକ ଅଂଶଗ୍ରହଣର ସୁଯୋଗ ଦେଇ ତା'ର ସାମର୍ଥ୍ୟର ପୂର୍ଣ୍ଣ ବିକାଶ ଘଟାଇବା। ଏହି ଦୃଷ୍ଟିକୋଣ ହିଁ କଲ୍ୟାଣମୂଳକ ଚିନ୍ତାଧାରାକୁ ଅଧିକାରଭିତ୍ତିକ ସାମାଜିକ ନ୍ୟାୟରେ ପରିଣତ କରେ। ତେଣୁ ପ୍ରତ୍ୟେକ କନ୍ୟାର ଅନ୍ତର୍ନିହିତ ପ୍ରତିଭାକୁ ଆବିଷ୍କାର କରିବା, ତାକୁ ଗୁଣାତ୍ମକ ଶିକ୍ଷା, ବୈଜ୍ଞାନିକ ଦୃଷ୍ଟିବୋଧ, ସୃଜନଶୀଳ ସ୍ୱାଧୀନତା, ସମାନ ସୁଯୋଗ, ଆର୍ଥିକ ସ୍ୱାବଲମ୍ବନ, ଆଇନଗତ ସୁରକ୍ଷା ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନର ଅଧିକାର ପ୍ରଦାନ କରିବା ହିଁ ଏକ ନ୍ୟାୟନିଷ୍ଠ, ସମତାମୂଳକ, ପ୍ରଗତିଶୀଳ ଓ ମାନବିକ ବିଶ୍ୱ ଗଠନର ସର୍ବୋତ୍କୃଷ୍ଟ ସଂକଳ୍ପ।

କନ୍ୟାଶକ୍ତିର ଅଭ୍ୟୁଦୟ କେବଳ ଏକ ସାମାଜିକ ଆକାଂକ୍ଷା ନୁହେଁ, ବରଂ ଏକ ନ୍ୟାୟପୂର୍ଣ୍ଣ, ସମତାମୂଳକ ଓ ବିକଶିତ ରାଷ୍ଟ୍ର ଗଠନର ଅପରିହାର୍ଯ୍ୟ ଆଧାର। ଏହି ଅଭ୍ୟୁଦୟର ସଫଳତା ନିର୍ଭର କରେ,ତା'ର ସମ୍ଭାବନାର ବିକାଶ, ସୁରକ୍ଷାର ସୁନିଶ୍ଚିତତା ଓ ଜୀବନର ସାର୍ଥକତାଉପରେ। କନ୍ୟାର ଉତ୍ଥାନ ହିଁ ସମାଜର ଉତ୍ଥାନ ଏବଂ ତା'ର ସଶକ୍ତୀକରଣ ହିଁ ସମୃଦ୍ଧ ରାଷ୍ଟ୍ରର ଶକ୍ତିଶାଳୀ ଭିତ୍ତି।

ସହକାରୀ ଶିକ୍ଷୟିତ୍ରୀ ,ଗାଇସିଲଟ ,ବରଗଡ଼
ମୋ -୭୮୯୪୧୪୪୦୪

# ଆଞ୍ଚଳିକ



## ଦଶହରା ପାଇଁ କୁଚିଣ୍ଡା ଚଳଚଞ୍ଚଳ

କୁଚିଣ୍ଡା,୧୦।୧୦(ନିପ୍ର);ପଶ୍ଚିମଓଡ଼ିଶାର ସମ୍ବଲପୁର ଜିଲ୍ଲା କୁଚିଣ୍ଡାରେ ହେବାକୁ ଥିବା ଶାରଦୀୟ ଦୁର୍ଗାପୂଜା ପାଇଁ ସମଗ୍ର ସହର ଚଳଚଞ୍ଚଳ ହୋଇଉଠିଛି। ତେଣୁ ଜନସାଧାରଣ ମହାଳୟା ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଏହି ୧୨ ଦିନକୁ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି। କୁଚିଣ୍ଡାର ସର୍ବ ପୁରାତନ ଦୁର୍ଗାପୂଜା କମିଟି କୁଚିଣ୍ଡା (ମନ୍ଦିର ଛକ)ର ପୂଜା ୯୯ ବର୍ଷରେ ପହଞ୍ଚିଛି। ସୂଚୀ ଅନୁସାରେ ୨୧ ତାରିଖରେ ଦଶହରା ଓ ରାବଣ ପୋଡି ଉତ୍ସବ ପାଳନ ପାଇଁ ଧାର୍ଯ୍ୟ ହୋଇଥିବା ସତ୍ତ୍ୱେ ୧୧ ତାରିଖରୁ କୁଚିଣ୍ଡା ସହରରେ ଯାତ୍ରାର ମାହୋଲ ଆରମ୍ଭ ହୋଇ ଗହଳି ବଢ଼ିଥାଏ। ବସଷ୍ଟାଣ୍ଡ ଦୁର୍ଗା ମନ୍ଦିର କମିଟିର ପୂଜା ୪୬ ବର୍ଷରେ ପଦାର୍ପଣ କରିଥିବା ବେଳେ ପଞ୍ଚମୁଖି ଛକ ସ୍ଥିତ କନକ ଦୁର୍ଗା ମନ୍ଦିର କମିଟିର ପୂଜା ୪୧ ବର୍ଷରେ ପଦାର୍ପଣ କରିଛି। ବସଷ୍ଟାଣ୍ଡ ଓ ପଞ୍ଚମୁଖୀ ଛକ ମନ୍ଦିରରେ ମୂର୍ତ୍ତି ପ୍ରତିଷ୍ଠିତ ହୋଇ ଦେବୀ ପ୍ରତ୍ୟହ ପୂଜା ପାଉଥିବାରୁ ଏହି ଉଭୟ ମନ୍ଦିରରେ ନବରାତ୍ର ପୂଜା ଯାତ୍ରା ମାହୋଲକୁ ୧୨ ଦିନ ପର୍ଯ୍ୟନ୍ତ ଅଧିକ ସରସ ସୁନ୍ଦର କରିବା ସହ ଭକ୍ତ ଓ ଜନସାଧାରଣଙ୍କୁ ଅଧିକ ଆକର୍ଷିତ କରିଥାଏ। ତିନୋଟି ଯାକ ଦୁର୍ଗାପୂଜା ପାଇଁ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ସହ ଲାଇଟ୍ ଓ ତୋରଣ ନିର୍ମାଣ କାର୍ଯ୍ୟ ଯୋଗୁଁ ସମଗ୍ର ସହରକୁ ଚଳଚଞ୍ଚଳ କରିଛି। ଦଶହରା ପାଇଁ ଏବେ ଠାରୁ ଦୋକାନୀ ମାନେ ସ୍ଥାନ ଅକ୍ତିଆର ପାଇଁ ଲାଗିପଡିଥିବା ଦେଖିବାକୁ ମିଳିଛି। ମନ୍ଦିର ଛକ, ବସଷ୍ଟାଣ୍ଡ ଓ ପଞ୍ଚମୂଖି ଛକ ଦୁର୍ଗାପୂଜା କମିଟି ପକ୍ଷରୁ ୧୮ରୁ ସପ୍ତମୀ ଠାରୁ ପୂଜା ମଣ୍ଡପ ନିକଟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର ବ୍ୟବସ୍ଥା ହୋଇଛି।

## ନବ ନିର୍ମାଣ କୃଷକ ସଂଗଠନ ଚାଷୀଙ୍କ ସ୍ୱାର୍ଥ ପାଇଁ ଲଢେଇ ଜାରି ରଖିବ

କଣ୍ଟିଲୋ ୧୦।୧୦ (ନି.ପ୍ର) ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଖଣ୍ଡପଡ଼ା ଠାରେ ଶୁକ୍ରବାର ଅପରାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ନୟାଗଡ ଜିଲ୍ଲାସ୍ତରରୁ ସଂଗଠନର ସଦସ୍ୟ ଓ ସଦସ୍ୟମାନେ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ସଂଗଠନର ଆଭିମୁଖ୍ୟ ସଂର୍ପକରେ ଆଲୋକପାତ କରିଥିଲେ।ରାଜନୀତିରୁ ଊର୍ଦ୍ଧ୍ୱରେ ରହି ନବ ନିର୍ମାଣ କୃଷକ ସଂଗଠନ ସର୍ବଦା ଚାଷୀମାନଙ୍କର ସ୍ୱାର୍ଥ ଓ ସ୍ୱାଭିମାନ ପ୍ରତି କାର୍ଯ୍ୟ କରି ଆସୁଛି ଓ ଆଗାମୀ ଦିନରେ ମଧ୍ୟ କାର୍ଯ୍ୟ କରିବ ବୋଲି ସଂଗଠନର ବରିଷ୍ଠ ସଦସ୍ୟା ମମତା ନାଥ, ଗୋପିନାଥ ପ୍ରଧାନ,ଭାଗବତ ପରିଡା,କାଳୁଚରଣ ଦଳବେହେରା, ବିଦ୍ୟାଧର ପ୍ରଧାନ, ଗୋବିନ୍ଦ ପାହାଡ ସିଂହ, ଶିଶିର ଭଞ୍ଜ ଓ ରବୀନ୍ଦ୍ର ସାହୁ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଦୃଢୋକ୍ତି ପ୍ରକାଶ କରିଥିଲେ।ପ୍ରତ୍ୟେକ ସେବା ସମବାୟ ସମିତିରେ ଖୋଲୁଥିବା ମଣ୍ଡିରେ ଧାନ କ୍ରୟ ବେଳେ କ୍ୱିଣ୍ଟାଲ ପିଛା ଧାନ କାଟ ସଂପୂର୍ଣ୍ଣ ରୁପେ ବନ୍ଦ କରିବା ସହ ଚାଷୀମାନେ କିଭଳି ଧାନର ଉଚିତ ମୂଲ୍ୟ ପାଇ ପାରିବେ ସେ ନେଇ କୃଷକ ସଂଗଠନର ସଦସ୍ୟମାନେ ଗୁରୁତ୍ୱାରୋପ କରିଥିଲେ।ସେହିପରି ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତିକୁ ସଂଗଠନର ସଦସ୍ୟମାନେ କଟୁ ସମାଲୋଚନା କରିଥିଲେ।ଆଗାମୀ ଦିନରେ ଚାଷୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ନଦେଲେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଭବିଷ୍ୟତରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଂଗଠନର ସଦସ୍ୟମାନେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ।

## ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’

କୁଚିଣ୍ଡା,୧୦।୧୦ (ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ କୁଡାପଡା ଠାରେ ବ୍ଲକସ୍ତରୀୟ ସୁରଭି କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ସରିତା ସରୋନିଆଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ କୁଚିଣ୍ଡା ଜିଲ୍ଲା ପରିଷଦ ସଭ୍ୟ ୧ ଅଜିତ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଉଦଘାଟନି ଉତ୍ସବରେ ସମ୍ମାନିତ ଅତିଥି ଭାବରେ କୁଡ଼ାପଡ଼ା ସରପଂଚ ନଳିନୀ କିସାନ , ସମିତି ସଭ୍ୟା କୁନି କିସାନ , ଲମ୍ବୋଦର କୁମୁରା ବି.ପ.କ. କୁଡ଼ାପଡା ଉଚ୍ଚ ବିଦ୍ୟାଳୟ, ପଦ୍ମାବତି ରାୟ ବି ପ କ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁଡାପଡା , ସୁଶିଲ କୁମାର ମହକୁଲ ପ୍ରଧାନଶିକ୍ଷକ ଉଚ୍ଚ ବିଦ୍ୟାଳୟ କୁଡ଼ାପଡା ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଖେଳନା ସୁନ୍ଦରୀ କଣ୍ଟା ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ କ୍ୟାବିନେଟ ମନ୍ତ୍ରୀଙ୍କ ପ୍ରତିନିଧି ବିଭୂତି କଲ୍ୟାଣ ପଟେଲ, ସମ୍ମାନୀୟ ଅତିଥି ଭାବେ ସାଂସଦ ପ୍ରତିନିଧି ରୁଦ୍ର ନାରାୟଣ ଦେଓ, ଜିଲ୍ଲା ପରିଷଦ ସଭ୍ୟ -୨ ଦିବ୍ୟରାଜ୍ କିଶାନ , ସୁବାଷ ଚନ୍ଦ୍ର ନାୟକ ଅବସର ପ୍ରାପ୍ତ ଅଧକ୍ଷ୍ୟ କୁତୁରଚୁଆଁ ମହା ବିଦ୍ୟାଳୟ , ବିନୋଦ ବିହାରୀ ସାହୁ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗଦେଇ ଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିତର୍କ, ପ୍ରବନ୍ଧ, ସୃନଶୀଳ ଲିଖନ, ଚିତ୍ରାଙ୍କନ, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସଞ୍ଜୟ ନାଗ ଓ ଶରତ ପଶାୟତ ପରିଚାଳନା କରିଥିଲେ।

## ଜଟଣୀ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ

ଜଟଣୀ,୧୦।୧୦ (ନିପ୍ର); ଛାତ୍ରସଂସଦ ନିର୍ବାଚନ ନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏହାକୁ ନେଇ ଛାତ୍ର ନେତା ଓ ଆଶାୟୀ ପ୍ରାର୍ଥୀମାନଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି । ଏ ନେଇ ବିଧିବଦ୍ଧ ଭାବେ ୯ ତାରିଖରେ ନାମାଙ୍କନ ସହ ସ୍କ୍ରୁଟିନି ଓ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ଛାତ୍ର ସଂସଦ ନିର୍ବାଚନ କାଉଣ୍ଟଡାଉନ୍ ଆରମ୍ଭ ହେବାପରେ ଛାତ୍ର କଂଗ୍ରେସ, ଛାତ୍ର ବିଜେଡି, ଛାତ୍ର ଶକ୍ତି ଏବଂ ଏବିଭିପି ପକ୍ଷରୁ ପୃଥକ ପୃଥକ ଭାବେ ବିରାଟ ପଟୁଆରରେ ଛାତ୍ର ନେତାମାନେ ସେମାନଙ୍କ ସମର୍ଥକଙ୍କ ଗହଣରେ ଯାଇ ନୋମିନେସନ କରିଥିଲେ । ଏହି ପ୍ରକ୍ରିୟା ସକାଳ ୧୦ଟାରୁ ଦିନ ଗୋଟାଏ ଭିତରେ ନାମାଙ୍କନ ସରିଥିଲା । ଏହାପରେ ଦିନ ୨ଟାରୁ ୪ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଯାଞ୍ଚ କରାଯାଇ ସନ୍ଧ୍ୟା ୫ଟା ସୁଦ୍ଧା ବୈଦ୍ଧ ନାମାଙ୍କନ ତାଲିକା ପ୍ରକାଶ ପାଇଥିଲା । ଏହି ପରିପ୍ରେକ୍ଷୀରେ ଛାତ୍ର ସଂସଦ ସଭାପତି ପ୍ରାର୍ଥୀ ହେବା ଲାଗି ୩ ଜଣ ଆଶାୟୀ ଅଣ୍ଟା ଭିଡ଼ିଥିବାର ଜଣାପଡ଼ିଛି। ଫଳରେ ଜଟଣୀ କଲେଜ ଛାତ୍ର ସଂସଦର ସଭାପତି ପଦକୁ ହାତେଇବା ନେଇ ଏଥର ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ୩ ଜଣ ଆଶାୟୀଙ୍କ ମଧ୍ୟରେ ଭବାନୀ ଶଙ୍କର ବାହୁବଳେନ୍ଦ୍ର, ରୁଦ୍ର ନାରାୟଣ ରାଉତରାୟ ଏବଂ ବିଶ୍ୱଜିତ ପ୍ରଧାନ ରହିଛନ୍ତି । ସେହିପରି ସାଧାରଣ ସମ୍ପାଦକ ପଦବୀ ପାଇଁ ମଧ୍ୟ ଏଠି ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏହି ପଦବୀ ଲାଗି ୩ ଜଣ ଆଶାୟୀ ରହିଥିବା ବେଳେ ସେମାନେ ହେଲେ ତପସ୍ୟା ସାହୁ,ସାଇ ପ୍ରସାଦ ନାଏକ ଏବଂ ପ୍ରିୟଙ୍କା ଚମ୍ପତି । ସେହିପରି ଉପସଭାପତି ପଦ ଲାଗି ତବସୁମ ତାୱେଦ, କୃଷ୍ଣ ଚନ୍ଦ୍ର ପ୍ରଧାନ ଏବଂ ତୁଳସୀ ପଣ୍ଡା ୩ ଜଣ ଆଶାୟୀ ଏବଂ ସହ-ସମ୍ପାଦକ ପଦବୀ ପାଇଁ ସ୍ମୃତିପ୍ରଜ୍ଞା ସାହୁ ଓ ସୁପ୍ରିୟା ପ୍ରଧାନ ପାଦ ଭିଡ଼ିଥିବା ଜଣାଯାଇଛି।

## ସଂଗଠନକୁ ଅଧିକ ସୁଦୃଢ଼ ଓ ଜନମୁଖୀ କରିବାକୁ ଆହ୍ୱାନ

ଝାରସୁଗୁଡ଼ା, ୧୦।୧୦ (ନିପ୍ର): ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରେ ଅଧିକ ସୁଦୃଢ଼ କରିବା ସହ ଜନସାଧାରଣଙ୍କ ସହ ଯୋଡ଼ିହୋଇ ଜନସେବାକୁ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱାରୋପ କରିଛି ଭାରତୀୟ ଜନତା ପାର୍ଟି। ଏହି ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲାର ଲଇକେରାଠାରେ ଅନୁଷ୍ଠିତ ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକରେ ସଂଗଠନର ସକ୍ରିୟତା ବୃଦ୍ଧି, କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ସମନ୍ୱୟ ଏବଂ ଅଞ୍ଚଳର ସର୍ବାଙ୍ଗୀଣ ବିକାଶକୁ ନେଇ ଆଲୋଚନା ହୋଇଥିଲା। ଉତ୍ସାହପୂର୍ଣ୍ଣ ପରିବେଶରେ ଆୟୋଜିତ ଏହି ବୈଠକରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦଳୀୟ କାର୍ଯ୍ୟକର୍ତ୍ତା, ନେତୃବୃନ୍ଦ ଓ ସହଯୋଗୀଙ୍କ ସହ ମତବିନିମୟ କରିଥିଲେ। ଦଳର ସାଂଗଠନିକ ଭିତ୍ତିଭୂମିକୁ ଆହୁରି ମଜଭୁତ କରିବା ସହ ସାଧାରଣ ଲୋକଙ୍କ ସମସ୍ୟା ଓ ଆବଶ୍ୟକତାକୁ ଗୁରୁତ୍ୱର ସହ ବୁଝିବା ଏବଂ ସେଗୁଡ଼ିକର ସମାଧାନ ପାଇଁ ସମୂହ ଉଦ୍ୟମ କରିବାକୁ ସେ ଆହ୍ୱାନ ଦେଇଥିଲେ। ବିଧାୟକ ଶ୍ରୀ ତ୍ରିପାଠୀ କହିଥିଲେ ଯେ, ଏକ ସଂଗଠନର ପ୍ରକୃତ ଶକ୍ତି କେବଳ ଏହାର ସଦସ୍ୟ ସଂଖ୍ୟାରେ ସୀମିତ ନୁହେଁ; ବରଂ କାର୍ଯ୍ୟକର୍ତ୍ତାଙ୍କ ନିଷ୍ଠା, ସାଧାରଣ ଲୋକଙ୍କ ସହ ରହିଥିବା ସମ୍ପର୍କ ଏବଂ ଜନସାଧାରଣଙ୍କ ଅତୁଟ ବିଶ୍ୱାସ ହିଁ ସଂଗଠନର ସଫଳତାର ମୂଳ ଆଧାର। ତେଣୁ ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ଶୁଣିବା ସହ ସମାଧାନର ଦିଗରେ ଆନ୍ତରିକତାର ସହ କାର୍ଯ୍ୟ କରିବା ଆବଶ୍ୟକ। ସେ ଆହୁରି କହିଥିଲେ ଯେ, ଅଞ୍ଚଳର ବିକାଶ ଓ ଲୋକଙ୍କ ସ୍ୱାର୍ଥରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ଉଚିତ। ଦଳୀୟ କାର୍ଯ୍ୟକର୍ତ୍ତାମାନେ ପରସ୍ପର ମଧ୍ୟରେ ଏକତା, ସମନ୍ୱୟ ଓ ସହଯୋଗ ବଜାୟ ରଖି ଲୋକଙ୍କ ଆଶା ଓ ଆକାଂକ୍ଷା ପୂରଣ ଦିଗରେ କାର୍ଯ୍ୟ କଲେ ସଂଗଠନ ଅଧିକ ଲୋକପ୍ରିୟ ଓ ଜନମୁଖୀ ହୋଇପାରିବ। ଜନସେବାକୁ ଏକ ନିରନ୍ତର ପ୍ରକ୍ରିୟା ଭାବେ ଗ୍ରହଣ କରି ସମସ୍ତେ ନିଜ ନିଜ ଦାୟିତ୍ୱ ନିଷ୍ଠାର ସହ ନିର୍ବାହ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ବୈଠକରେ ଆଗାମୀ ଦିନରେ ସଂଗଠନର କାର୍ଯ୍ୟକଳାପକୁ ଅଧିକ ଗତିଶୀଳ କରିବା ସହ ତୃଣମୂଳ ସ୍ତରରେ କାର୍ଯ୍ୟକର୍ତ୍ତାଙ୍କ ଭୂମିକାକୁ ସୁଦୃଢ଼ କରିବା ଉପରେ ମଧ୍ୟ ମତବିନିମୟ ହୋଇଥିଲା। ସାଧାରଣ ଲୋକଙ୍କ ସହ ନିୟମିତ ସମ୍ପର୍କ ରଖିବା, ସେମାନଙ୍କ ଅଭାବ ଅସୁବିଧା ସମ୍ପର୍କରେ ଅବଗତ ହେବା ଏବଂ ଜନକଲ୍ୟାଣମୂଳକ କାର୍ଯ୍ୟରେ ସକ୍ରିୟ ଭାଗୀଦାର ହେବା ଭଳି ବିଷୟଗୁଡ଼ିକର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ସଂଗଠନର ଲକ୍ଷ୍ୟ ଓ ଆଦର୍ଶକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ ଲୋକଙ୍କ ବିଶ୍ୱାସ ଅର୍ଜନ କରିବା ପ୍ରତ୍ୟେକ କାର୍ଯ୍ୟକର୍ତ୍ତାଙ୍କ ଦାୟିତ୍ୱ ବୋଲି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏକତାବଦ୍ଧ ଭାବେ କାର୍ଯ୍ୟ କରିବା ସହ ସାମୂହିକ ପ୍ରୟାସ ମାଧ୍ୟମରେ ଅଞ୍ଚଳର ବିକାଶକୁ ଆଗେଇ ନେବା ଏବଂ ଜନସାଧାରଣଙ୍କ ଆସ୍ଥାକୁ ଅଧିକ ମଜଭୁତ କରିବା ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦିଆଯାଇଥିଲା। ଏହି ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକରେ ଲଇକେରା ବ୍ଲକର ବହୁ ସଂଖ୍ୟକ ବିଜେପି କର୍ମକର୍ତ୍ତା, ନେତୃବୃନ୍ଦ ଓ ସମର୍ଥକ ଉପସ୍ଥିତ ରହିଥିଲେ। ସେମାନଙ୍କ ସକ୍ରିୟ ଉପସ୍ଥିତି ଓ ସହଯୋଗ ମଧ୍ୟରେ ବୈଠକଟି ସଫଳତାର ସହ ସମ୍ପନ୍ନ ହୋଇଥିଲା।

## ନୟାଗଡ଼ରେ ଟିବିମୁକ୍ତ ପଞ୍ଚାୟତକୁ ସମ୍ବର୍ଦ୍ଧନା

ନୟାଗଡ଼,୧୦।୧୦ (ନିପ୍ର): ଯକ୍ଷ୍ମା ନିରାକରଣ ଦିଗରେ ଜାତୀୟ ପ୍ରୟାସକୁ ଆହୁରି ସୁଦୃଢ଼ କରିବା ଏବଂ ସମୁଦାୟର ସକ୍ରିୟ ସହଭାଗିତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଯୋଗଦେଇ ତୃଣମୂଳ ସ୍ତରରେ ଟିବି ମୁକ୍ତ ଭାରତ ଅଭିଯାନର ବାର୍ତ୍ତାକୁ ପ୍ରଚାର କରିବା ପାଇଁ ଜୋର ଦେଇଥିଲେ । ଏହି ଅବସରରେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲା ସ୍ତରୀୟ ସାମାଜିକ ସ୍ୱାସ୍ଥ୍ୟ ପାଇଁ ମିଳିତ ସଚେତନତା ଓ ସେବା ପ୍ରସାର ଉଦ୍ଦେଶ୍ୟରେ ‘ଜୋସ୍’ ଟିମର କାର୍ଯ୍ୟକରିବ ବୋଲି ମତ ପ୍ରକାଶ କରିଥିଲେ । ଠିକ ସେହିପରି ବ୍ଲକ ସ୍ତରରେ ଏକ ସମର୍ପିତ ‘ଟିବି ମୁକ୍ତ ଭାରତ ଟିମ୍’ (ଜୋସ୍ ଟିମ୍) ଗଠନ ସମ୍ପର୍କରେ ଆଲୋଚନା କରାଯାଇଥିଲା, ଯେଉଁଥିରେ ଜଣେ ନୋଡାଲ ଅଫିସରଙ୍କ ନେତୃତ୍ୱରେ ‘ମାଇଁ ଭାରତ’ର ୫ ଜଣ ସ୍ୱେଚ୍ଛାସେବୀ ଏବଂ ନି-କ୍ଷୟ ମିତ୍ର ଭାବେ ପଞ୍ଜୀକୃତ ୫ ଜଣ ଏନସିସି କ୍ୟାଡେଟ୍ ସାମିଲ ରହିବେ । ବୈଠକରେ ଟିବି ନିରାକରଣ ପାଇଁ ରାଷ୍ଟ୍ରୀୟ ସ୍ତରୀୟ ‘ଜୋସ୍’ ଟିମ୍ କାର୍ଯ୍ୟକ୍ରମର ଆଭାସୀ ମାଧ୍ୟମରେ ବି ଶୁଭାରମ୍ଭ ହୋଇଥିଲେ, ତତ ସହିତ ଉପସ୍ଥିତ ସଦସ୍ୟମାନଙ୍କୁ ଓରିଏଣ୍ଟେସନ ମାଧ୍ୟମରେ ସେମାନଙ୍କ ଦାୟିତ୍ୱ ବିଷୟରେ ଅବଗତ କରାଯାଇଥିଲା। ଏଥିସହ ଯୁବ ସଂଗଠନ, ସଚେତନତା ରାଲି, ମାଗଣା ସ୍କ୍ରିନିଂ, ‘ଟିବି ମୁକ୍ତ ଭାରତ ଆପ୍’ର ବ୍ୟବହାର ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କ ଦ୍ୱାରା ‘ଟିବି ମୁକ୍ତ ଭାରତ ଶପଥ’ ପାଠ କରାଯାଇଥିଲା। ୨୦୨୫ ମସିହାରେ ଉଲ୍ଲେଖନୀୟ ସଫଳତା ପାଇଁ ‘ଟିବି ମୁକ୍ତ ପଞ୍ଚାୟତ ପୁରସ୍କାର’ ପ୍ରଦାନ କରାଯାଇଥିଲା, ଯେଉଁଥିରେ ନୟାଗଡ଼ ବ୍ଲକର ଗମ୍ଭାରୀଡିହି, ଲେଙ୍କୁଡ଼ିପଡ଼ା ଓ ନଡ଼ିଆଳି; ନୂଆଗାଁ ବ୍ଲକର ଡେଙ୍କେନା ଓ ସିକ୍ରିଡ଼ା; ଓଡ଼ଗାଁ ବ୍ଲକର ହରିଡ଼ାବନ୍ଧ ଓ ସୋଲାପଟା ଏବଂ ଭାପୁର ବ୍ଲକର ଭାଗବାନପୁର ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ତତ ସଂଯୁକ୍ତ ଜିଲ୍ଲା ପରିଷଦ ସଭ୍ୟମାନେ ଯୋଗଦେଇ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି। ରାଷ୍ଟ୍ରୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଅଧୀନରେ ଟିବି ରୋଗର ପ୍ରାରମ୍ଭିକ ଚିହ୍ନଟ, ମାଗଣା ଚିକିତ୍ସା ଏବଂ ନି-କ୍ଷୟ ପୋଷଣ ଯୋଜନା ମାଧ୍ୟମରେ ରୋଗୀଙ୍କୁ ନିୟମିତ ସହାୟତା ଯୋଗାଇଦେବା ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱେଚ୍ଛାସେବୀ ଓ ଜନସାଧାରଣଙ୍କୁ ଆହ୍ୱାନ କରାଯାଇଛି। ତୃଣମୂଳ ସ୍ତରରେ ଜନ ଭାଗିଦାରୀକୁ ବ୍ୟାପକ କରି ‘ଟିବି ମୁକ୍ତ ନୟାଗଡ଼’ ଗଠନ ଦିଗରେ ପଦକ୍ଷେପ ନେବାକୁ ମତପ୍ରକାଶ କରାଯାଇଥିଲା ।

## ଶିକରପାଇ ବାଲି ଯାତ୍ରା ଦେଖିବା ବେଳେ ଗଣ୍ଡଗୋଳ, ଜଣେ ମୃତ

ରାୟଗଡା୧୦।୧୦(ନିପ୍ର); ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ଅଞ୍ଚଳରେ ଚାଲିଥିବା ପ୍ରସିଦ୍ଧ ବାଲିଯାତ୍ରା ମହୋତ୍ସବରେ ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି। ସାମାନ୍ୟ କଥାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ନିଜର ପ୍ରାଣ ଶେଷରେ ରକ୍ତାକ୍ତ ରୂପ ନେଇଛି। ଯେଉଁଥିରେ କି ଜଣେ ଯୁବକର ପ୍ରାଣ ହରାଇଛନ୍ତି। ମୃତ ଯୁବକଙ୍କ ନାମ ମହେଶ କାଦ୍ରାକା ହୋଇଥିବା ବେଳେ ଆହତ ଯୁବକ ଜଣକ ହେଉଛନ୍ତି ରାହନ ଦ୍ରାକା ଉଭୟ ବୁଡଗୁଡା ଗ୍ରାମର ବୋଲି ଜଣା ପଡିଛି ଓ ମିଳିଥିବା ସୂଚନା ଅନୁଯାୟୀ, ଶିକରପାବାଲି ଯାତ୍ରା ପଡ଼ିଆରେ ପ୍ରବଳ ଭିଡ଼ ଜମି ଥିବା ବାଲିଯାତ୍ରା ସମୟରେ କିଛି ଯୁବକଙ୍କ ମଧ୍ୟରେ କୌଣସି ଏକ ଘଟଣାକୁ ନେଇ ପ୍ରଥମେ ପାଟିତୁଣ୍ଡ ହୋଇଥିଲା। ଏହି କଥା କଟାକଟି ବେଳେ ଉଗ୍ର ରୂପ ଧାରଣ କରିଥିଲା । ମହେଶ ଏବଂ ରାହନଙ୍କ ଉପରକୁ ଧାରୁଆ ଛୁରୀରେ ମରଣାନ୍ତକ ଆକ୍ରମଣ କରିଥିଲେ। ଛୁରାମାଡ଼ ଯୋଗୁଁ ଉଭୟ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ହିଁ ଟଳି ପଡ଼ି ଯାଇଥିଲେ। ଜନଗହଳି ପୂର୍ଣ୍ଣ ମେଳା ପଡ଼ିଆରେ ଏଭଳି ବୀଭତ୍ସ କାଣ୍ଡ ଘଟିବା ଯୋଗୁଁ ସେଠାରେ ଉପସ୍ଥିତ ଲୋକଙ୍କ ମଧ୍ୟରେ ଆତଙ୍କ ଏବଂ ଚାପା ଉତ୍ତେଜନା ଆକ୍ରମଣକାରୀ ଯୁବକମାନେ ହଠାତ୍ ଉଛି ହୋଇ କୁଆଡେ ଚାଲି ଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ପୋଲିସ ତୁରନ୍ତି ଘଟ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତ ପୁବକଙ୍କୁ ଉଦ୍ଧାର କରି ରକ୍ତାକ୍ତ ଅବସ୍ଥାରେ ଦୁଇ ଯୁବ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ତେବେ ସେଠାରେ ଡାକ୍ତରର ମହେଶ କାଦ୍ରାକାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଗୁରୁତର ଆହତ ରାହନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କର ଚିକିତ୍ସା ଜାରି ରହିଛି।

## କାଶୀନଗର ସହରରେ ହେଲମେଟ ପ୍ରଦାନ କରି ସଚେତନତା

କାଶୀନଗର,୧୦।୧୦ (ନିପ୍ର):କାଶୀନଗର ଏସବିଆଇ ଛକ ନିକଟରେ ଗଜପତି ଆଞ୍ଚଳିକ ପରିବହନ ବିଭାଗ ଆନୁକୂଲ୍ୟରେ ହେଲମେଟ ଚେକିଂ କରିବା ସହ ଯେଉଁମାନେ ହେଲମେଟ ପିନ୍ଧି ନାହାନ୍ତି। ସେମାନଙ୍କୁ ହେଲମେଟ ପ୍ରଦାନ କରି ସଚେତନ କରେଇବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜୁନିଅର ମୋଟର ଭେଇକେଲ ଇନ୍ସପେକ୍ଟର ସର୍ବେଶ୍ୱର ଛୋଟରାୟ ଓ କାଶୀନଗର ଥାନା ଏସ.ଆଇ ଅଭିନାଶ ସାହୁଙ୍କ ଉପସ୍ଥିତିରେ ମୋଟର ଚାଳକ ମାନଂକୁ ହେଲମେଟ ବଣ୍ଟନ କରିବା ସହ ଏହାର ବ୍ୟବହାର କରିବା ଦ୍ୱାରା କିପରି ଉପକାରିତା ପାଇ ପାରିବେ ସେ ସମ୍ପର୍କରେ ବୁଝେଇ ଥିଲେ। ହେଲମେଟ ପିନ୍ଧିବା ଦ୍ୱାରା ଦୁର୍ଘଟଣାରୁ ଆମେ ରକ୍ଷା ପାଇପାରିବା ବୋଲି ଥାନା ଏସ.ଆଇ ଶ୍ରୀ ସାହୁ ମୋଟର ଗାଡି ଚାଳକ ମାନଂକୁ ବୁଝେଇଥିଲେ। ଏହି କାର୍ଯ୍ୟକ୍ରମ ପରିବହନ ବିଭାଗ, ଗଜପତି ଓ କାଶୀନଗର ଥାନାର ମିଳିତ ସହାଭାଗିତାରେ ଆୟୋଜନ ହୋଇଥିଲା। ଗଜପତି ପରିବହନ ଅଧିକାରୀ ତପନ କୁମାର ବେଟିଙ୍କ ପ୍ରତ୍ୟକ୍ଷ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ ହୋଇଥିଲା। କାଶୀନଗର ମଧ୍ୟରେ ଥିବା ଛକ ସ୍ଥାନରେ ହେଲମେଟ ଚେକିଂ କରାଯିବ ବୋଲି ମଧ୍ୟ ଜୁନିଅର ମୋଟର ଭେଇକେଲ ଇନ୍ସପେକ୍ଟର ଶ୍ରୀ ଛୋଟରାୟ ସୂଚନା ଦେଇଥିଲେ।




## ମହାଳୟାରେ ମା’ ସୁରେଶ୍ୱରୀଙ୍କ ଦୁର୍ଲଭ ‘ଧବଳମୁଖୀ’ ବେଶ



ସୋନପୁର,୧୦।୧୦ (ନିପ୍ର) : ପବିତ୍ର ମହାଳୟା ଅମାବାସ୍ୟା ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ସୁରେଶ୍ୱରୀଙ୍କ ଏକ ଅପୂର୍ବ ତଥା ଦୁର୍ଲଭ ରୂପ ଦେଖିବାକୁ ମିଳିଛି। ବର୍ଷ ତମାମ ଲାଲବର୍ଣ୍ଣୀ ମୁଖମଣ୍ଡଳରେ ଭକ୍ତଙ୍କୁ ଆଶିଷ ପ୍ରଦାନ କରୁଥିବା ମାଆ ତାରା ମଣ୍ଡିତ ହୋଇ ଆଜିର ଏହି ବିଶେଷ ତିଥିରେ ଶ୍ୱେତବର୍ଣ୍ଣୀ ବା ‘ଧବଳମୁଖୀ’ ବେଶରେ ସଜ୍ଜିତ ହୋଇ ଦର୍ଶନ ଦେଇଛନ୍ତି। ଏହି ପବିତ୍ର ଦର୍ଶନ ପାଇଁ ଆଜି ସକାଳୁ ସକାଳୁ ମନ୍ଦିର ବେଢ଼ାରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ଲାଗିରହିଥିଲା। ସ୍ଥାନୀୟ ଜନବିଶ୍ୱାସ ଓ ଆଧ୍ୟାତ୍ମିକ ପରମ୍ପରା ଅନୁଯାୟୀ, ବର୍ଷକେ କେବଳ ଥରେ ମହାଳୟା ତିଥିରେ ମା’ଙ୍କ ଏହି ଧବଳମୁଖୀ ବେଶ ଦର୍ଶନ କଲେ ଗଙ୍ଗାସ୍ନାନ ଓ ସର୍ବତୀର୍ଥ ଦର୍ଶନ ସମାନ ପୁଣ୍ୟ ଲାଭ ହୋଇଥାଏ। ପାପମୋଚନ, ଆତ୍ମିକ ଶାନ୍ତି ତଥା ମନୋବାଞ୍ଛା ପୂରଣ ଆଶାରେ ହଜାର ହଜାର ଭକ୍ତ ମାଆଙ୍କ ଏହି ଦିବ୍ୟ ତଥା ଶାନ୍ତ ରୂପକୁ ଦର୍ଶନ କରି ନିଜକୁ କୃତାର୍ଥ ମଣିଛନ୍ତି। ମହାଳୟା ଅବସରରେ ମାଆଙ୍କ ଦୁର୍ଲଭ ବେଶ ଦେଖିବା ପାଇଁ କେବଳ ଜିଲ୍ଲା ନୁହେଁ, ବରଂ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁଙ୍କ ସମାଗମରେ ସମ୍ପୂର୍ଣ୍ଣ ସୋନପୁର ସହର ଭକ୍ତିମୟ ହୋଇଉଠିଛି। ଘଣ୍ଟଘଣ୍ଟା, ଶଙ୍ଖ ନାଦ ଓ ମାଆଙ୍କ ଜୟଗାନରେ ପ୍ରକମ୍ପିତ ହୋଇଛି ସମଗ୍ର ପରିବେଶ। କେବଳ ମା’ ସୁରେଶ୍ୱରୀ ନୁହନ୍ତି, ଏହି ପବିତ୍ର ଅବସରରେ ସହରର ଅନ୍ୟ ପ୍ରମୁଖ ଦେବୀପୀଠ ଯଥା ମା’ ଭଗବତୀ, ମା’ ମାଣିକେଶ୍ୱରୀ, ମା’ ଭୁବନେଶ୍ୱରୀ ଏବଂ ମା’ ଦୁର୍ଗାଦେବୀ ମଧ୍ୟ ନିଜର ଆକର୍ଷଣୀୟ ଧବଳମୁଖୀ ବେଶରେ ଉପସ୍ଥିତ ହୋଇ ଭକ୍ତଙ୍କୁ କୃପା ବାରିଧି ପ୍ରଦାନ କରିଛନ୍ତି। ସମସ୍ତ ଦେବୀପୀଠରେ ଏହି ବିରଳ ବେଶ ଦର୍ଶନ ପାଇଁ ଭକ୍ତମାନଙ୍କ ମଧ୍ୟରେ ଅସୀମ ଉତ୍ସାହ ଓ ଭକ୍ତିଭାବ ପରିଲକ୍ଷିତ ହୋଇଥିବା ବେଳେ, ଶୃଙ୍ଖଳିତ ଦର୍ଶନ ତଥା ସୁରକ୍ଷା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଶ୍ରୀରାମ ଡିଗ୍ରୀ କଲେଜରେ ଛାତ୍ର ସଂସଦ ନିର୍ବାଚନ ପାଇଁ ବିଭିନ୍ନ ପଦବୀରେ ପ୍ରାର୍ଥୀଙ୍କ ପ୍ରତିଦ୍ୱନ୍ଦ୍ୱିତା

କାଶୀନଗର,୧୦।୧୦ (ନିପ୍ର); କାଶୀନଗର ସ୍ଥିତ ଶ୍ରୀରାମ ଡିଗ୍ରୀ କଲେଜରେ ଛାତ୍ର ସଂସଦ ନିର୍ବାଚନ ପାଇଁ ବିଭିନ୍ନ ପଦପଦବୀରେ ଛାତ୍ରଛାତ୍ରୀମାନେ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ସଭାପତି ପଦ ପାଇଁ ଚିପୁରୁ ଜ୍ୟୋତିଷ, ତୁଲୁଗୁ ରାଜ କିଶୋର, ଇସ୍ରାଏଲ ଶବର, ଜାନି ମନୋହର ଶବର ଓ କର୍ଣ୍ଣମ ଶିବାୟା ପ୍ରାର୍ଥୀ ହୋଇଥିବା ବେଳେ ଉପସଭାପତି ପଦ ପାଇଁ ଗିରିଧର ଶବର, ନକୁଳ ସବର ଓ ମୋଇନି ଭୂୟାଁ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ସେହିପରି ଛାତ୍ର ସଂସଦ ସମ୍ପାଦକ ପଦ ପାଇଁ ପୋନୋନୋ ସିଦ୍ଧାର୍ଥ,ରୋହିତ ସବର,କେ ଖଗେଶ୍, ସହସମ୍ପାଦକ ପଦ ପାଇଁ ଚିତ୍ରୀ ରାମକୃଷ୍ଣ ଓ ସନ୍ଦେଶ କୁମାର ରାଇକା ପ୍ରାର୍ଥୀ ହୋଇଛନ୍ତି। ନାଟ୍ୟ ସମ୍ପାଦକ ପଦ ପାଇଁ ମୋନୋନିତା ମଣ୍ଡଳ,ଜୋହାନ ଶବର,ପ୍ରମୋଦ ସଉରା, ସହନାଟ୍ୟ ସମ୍ପାଦକ ପଦ ପାଇଁ ଅନୋଷ ଦଳବେହେରା, କ୍ରୀଡ଼ା ସମ୍ପାଦକ ପଦ ପାଇଁ ବିବୁନ ଭୂୟାଁ ,କେ ମାଧବା ରାଓ, ବି ଦିଲେଶ୍ୱରୀ ଏବଂ ସହକ୍ରୀଡ଼ା ସମ୍ପାଦକ ପଦ ପାଇଁ ଜୁନାସ ଶବର ପ୍ରାର୍ଥୀ ହୋଇଛନ୍ତି। ମହିଳା କମନ୍ ରୁମ୍ ସମ୍ପାଦକ ପଦ ପାଇଁ ଟୋଟା ଗାୟତ୍ରୀ, ବୋଡାଲା ଶ୍ୱେତା ଓ ତ୍ରିଶା ଶବର ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ସହକାରୀ ଡିଏସଏ ସମ୍ପାଦକ ପଦ ପାଇଁ ଭି. ସାଇ ବୈଷ୍ଣବୀ ପ୍ରାର୍ଥୀ ହୋଇଛନ୍ତି।ସୂଚନା ଅନୁସାରେ, ସଭାପତି ପଦ ପାଇଁ ନାମାଙ୍କନ ଦାଖଲ କରିଥିବା ପ୍ରାର୍ଥୀ କର୍ଣ୍ଣମ ଶିବାୟାଙ୍କ ଆବେଦନ ଶିକ୍ଷାଗତ ବ୍ୟାକଲଗ୍ ଥିବା କାରଣରୁ ଖାରଜ ହୋଇଛି। ସେହିପରି ଅନ୍ୟତମ ସଭାପତି ପ୍ରାର୍ଥୀ ଇସ୍ରାଏଲ ଶବରଙ୍କ ପ୍ରାର୍ଥିପତ୍ର ନିର୍ଦ୍ଧାରିତ ବୟସ ସୀମା ଅତିକ୍ରମ କରିଥିବାରୁ ବାତିଲ କରାଯାଇଛି। ଅନ୍ୟପକ୍ଷରେ, ସାଧାରଣ ସମ୍ପାଦକ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ରୋହିତ ଶବରଙ୍କ ନାମାଙ୍କନ ପତ୍ର ମଧ୍ୟ ବୟସ ସୀମା ଉଲ୍ଲଂଘନ କାରଣରୁ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଅଗ୍ରାହ୍ୟ ହୋଇଛି।

## ପୋଡ଼ାଗଡ ଐତିହାସିକ ପୀଠରେ ନୂଆଁଖାଇ ଭେଟ ଘାଟ

ଉମରକୋଟ,୧୦।୧୦ (ନିପ୍ର); ଉମରକୋଟ ବ୍ଲକ ଅନ୍ତର୍ଗତ ଭଣ୍ଡାରିଗୁଡା ଗ୍ରାମ ପଞ୍ଚାୟତର ଐତିହାସିକ ପୀଠ ପୋଡ଼ାଗଡ ନବରଙ୍ଗପୁର ଜିଲାର ସମସ୍ତ ରଇତ ମାଟି ପୁଜାରୀ ,ଶିରା,ଗୁଣିଆ ବୈଦ୍ କାର, ବଜନିଆ ,ମହୁରିଆ ଉପସ୍ଥିତି ରେ ପ୍ରାଚୀନ ପରମ୍ପରା ଅନୁଯାୟୀ ପୋଡ଼ାଗଡ ରାଜା ଓ ବାବା ଭୈରବ ଓ ବଡୁ ଚୌରିଆଙ୍କ ଠାରେ ଦର୍ଶନ ମୁଣ୍ଡିଆ ମାରିବାର ପରମ୍ପରା ରହି ଆସିଛି ଏହି ଅବସରରେ ନୂଆ ଖାଇ ସାରିଲେ ଜୁହାର ଭେଟ ଏକ ନିଆରା ପରମ୍ପରାକୁ ପାଥେୟ କରି ତିନିମୁଠା ଯଥା ହୀରାପୁର ,ପରିଆ, ବୋରୀଗାଂର ମୁଠା ପୂଜାରୀମାନଙ୍କ ସହିତ ଶତାଧିକ ମାଆ,ଭଉଣୀ ରଇତ ,ଭଗତ୍ ,ଜଗତ ଯୋଗଦେଇଥିଲେ ,ଏହି ପରମ୍ପରା ଆଗ କାଳରୁ ଚାଲି ଆସିଛି ପ୍ରଥମେ ଭୈରବ ମନ୍ଦିରରେ ଭେଟ ହୋଇ ଚୌରିଆ ମନ୍ଦିରରେ ପୂଜା ପାଠ ଚାଲିଥିଲା , ପୋଡ଼ା ଗୌନ୍ତିଆ ଅମରସିଂ ନାୟକ ଓ ଉର୍ଦ୍ଧବ ଚରଣ ନାୟକ ଙ୍କ ଘରେ ଭେଟ ହୋଇଥିଲେ ପରେ ଭେଟ ଘାଟ ସଭା ଆରମ୍ଭ ହୋଇଥିଲା ପରସ୍ପର ଟାୱେଲ ଓ ନୂତନ ବସ୍ତ୍ର ପରସ୍ପର ପ୍ରଦାନ କରାଯାଇଥିଲା ,ଏହି ଅବସରରେ ପୋଡ଼ାଗଡ ଆଦର୍ଶ ବନ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ନୂଆଁଖାଇ ନୃତ୍ୟ ପରିବେଷଣ କରିଥିଲେ । ସଭାର ସ୍ଥାୟୀ ସଭାପତି ଉଦ୍ଧବ ଚରଣ ନାୟକ ,ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ପୁରୁଷୋତ୍ତମ ଭତ୍ରା ,ସହ ସମ୍ପାଦକ ତୁଳସୀ ରାମ ଭତ୍ରା କୋଷାଧକ୍ଷ ଜଳଧର ମାଝୀ, ସଭ୍ୟ ଦେବ ଭତ୍ରା ,ଭରମ୍ ବିଶୋଇ , ଉପ ସଭାପତି ଜଗଦୀଶ ନାୟକ ,ଭାଗିରଥୀ ନାୟକ ଉପଦେଷ୍ଟା ସୋନା ମାଝୀ ;ଝିଟ୍ରୁ କଲର, ଦସରୁ ନାୟକ, ମୁଖ୍ୟ ପୂଜାରୀ, କୃଷ୍ଣ ପୂଜାରୀ , ବିଞ୍ଜାଲ ପୂଜାରୀ ,ନାରାୟଣ ପୂଜାରୀ ,ପୂର୍ଣ୍ଣ ପୂଜାରୀ, ବୋରିଗାଁ ମୁଠା ସୁକାଲୁ ପୂଜାରୀ ,ଈଶ୍ୱର ମାଝୀ ସୁକମନ୍ ପୂଜାରୀ, ପାପଡ଼ାହାଣ୍ଡି ବ୍ଲକର ସୋମନାଥ ଶିରା, କେଶବ ଶିରା, ଚନ୍ଦ୍ରୁ ଜାଣି ରତନସିଂ ଗୌଡ଼ ,କୋଷାଗୁମୁଡ଼ା ବ୍ଲକର ସମସ୍ତ ଶିରା ପୂଜାରୀ ଯୋଗ ଦେଇଥିଲେ ।

## ବିଦ୍ୟାଳୟରେ ଥଣ୍ଡା ଓ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ଉଦ୍ଘାଟିତ

ନିରାକାରପୁର,୧୦।୧୦ (ନିପ୍ର); ଖୋର୍ଦ୍ଧା ଜିଲ୍ଲା ବାଲିପାଟପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥଣ୍ଡା ଓ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପର ଶୁଭ ଉଦ୍ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ଗୋଷ୍ଠୀ ଶିକ୍ଷାଧିକାରୀ ସ୍ନିଗ୍ଧା ଛୋଟରାୟ ମୁଖ୍ୟ ଉଦ୍ଘାଟକ ଭାବେ ଯୋଗଦେଇ ଏହି ପାନୀୟ ଜଳ ପ୍ରକଳ୍ପର ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଜୟ ବେହେରା, ସାଧନ କେନ୍ଦ୍ର ସଂଯୋଜକ ସପନ ସରଦାର, ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁଃଶାସନ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପରିଚାଳନା କମିଟିର ସମସ୍ତ ସଭ୍ୟ, ସଭ୍ୟା ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଏହି ଉତ୍ସବ ସଫଳତାର ସହ ସମ୍ପନ୍ନ ହୋଇଥିଲା। ବିଦ୍ୟାଳୟରେ ଏହି ଥଣ୍ଡା ଓ ବିଶୁଦ୍ଧ ପାନୀୟ ଜଳର ସୁବିଧା ହେବା ଦ୍ୱାରା ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଉପକୃତ ହେବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

## ପାଣିମୋରା ଇଥାନଲ ଫ୍ୟାକ୍ଟ୍ରି , ବର୍ଜ୍ୟ ଦୂଷିତ ପାଣି ପବନକୁ ନେଇ ବଢୁଛି ପରିବେଶ ପ୍ରଦୂଷଣ ଚିନ୍ତା

ତରଭା,୧୦।୧୦ (ନିପ୍ର): ଶିଳ୍ପ ବିହୀନ ଜିଲ୍ଲା ସୁବର୍ଣ୍ଣପୁରର ତରଭା ଅଞ୍ଚଳ ଏବେ ପରିବେଶ ପ୍ରଦୂଷଣ ଚିନ୍ତାକୁ ନେଇ ଚିନ୍ତିତ । ଗୋଟିଏ ପଟେ ରାଣୀସର୍ଡା ଅଞ୍ଚଳରେ ଥିବା ଖାଲରେ ବାହାର ଜିଲ୍ଲାରୁ ପାଉଁଶ ଆଣି ପୋତା ଯାଇଥିବା ଅଭିଯୋଗ ଥିବା ଏବଂ ପରିବେଶ ପ୍ରଦୂଷଣ ଆଶଙ୍କା ନେଇ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପଟେ ତରଭା ଅଞ୍ଚଳରେ କୌଣସି କଳକାରଖାନା ନ ଥିବା ବେଳେ ତିନି ଚାରି ବର୍ଷ ତଳେ ପାଣିମୋରା ଠାରେ ଗଢ଼ିଉଠିଥିବା ଏକ ଇଥାନଲ କାରଖାନାକୁ ନେଇ ଅଞ୍ଚଳବାସୀ ବେକାରିଙ୍କ ନିଯୁକ୍ତିର ସ୍ୱପ୍ନ ଦେଖିଥିଲେ। ବାସ୍ତବରେ ଏହା ତାହାର ଓଲଟା ହେଲା । ସ୍ଥାନୀୟ ଲୋକଙ୍କ ନିଯୁକ୍ତି ବଦଳରେ ବାହାର ଲୋକଙ୍କୁ ନିଯୁକ୍ତି ଦିଆଯିବାକୁ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ନିଯୁକ୍ତି ତ ନୋହିଲା । ଆଖପାଖ ଲୋକଙ୍କ ଜୀବନ ଜୀବିକା ତଥା ଚାଷବାସ ଯାତାୟାତ ଗମନାଗମନ ପରିବେଶ ସୁରକ୍ଷା ଚିନ୍ତା ବଢିଛି । କାରଖାନାରୁ ବାହାରୁଥିବା ବର୍ଜ୍ୟ ଜଳ ନାଳରେ ବୋହି ଆଖ ପାଖରେ ଥିବା ଜମି ଏବଂ ଅଧିକ ହେଲେ ତେଲନଦୀରେ ଯାଇ ମିଶୁଛି । ଏହି ଦୂଷିତ ଜଳ ତଳିଆ ଅଞ୍ଚଳର ଲୋକେ ବାଧ୍ୟ ହୋଇ ବ୍ୟବହାର କରୁଛନ୍ତି । ଏପରିକି ଏହି ଦୂଷିତ ଜଳ ସଂସ୍ପର୍ଶରେ ଆସି ମାଛ ମାନେ ମରୁଥିବା ଖବର ଆସିଥାଏ। ଏହାଯୋଗୁଁ ଜମି



ରେ ଚାଷ ହେଉଥିବା ଫସଲ ନଷ୍ଟ ହେବା ସହ ବିଲରେ କାମ କରୁଥିବା ଲୋକଙ୍କ ଗୋଡ ହାତ କେମିକାଲ ମିଶ୍ରିତ ପାଣି ସଂସ୍ପର୍ଶରେ ଆସି ବିଭିନ୍ନ ଚର୍ମରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ସେହିପରି ପାଣିମୋରା, କେନ୍ଦୁମୁଣ୍ଡା, ବୁନ୍ଦେଲ ମୁଣ୍ଡା, ପଣ୍ଡକିମାଲ , ଶତୃପାଳି ଆଦି ଗ୍ରାମ ବାସୀମାନେ କାରଖାନାରୁ ବାହାରୁଥିବା ଗନ୍ଧ ଯୁକ୍ତ ଦୂଷିତ ପବନ ସଂସ୍ପର୍ଶରେ ଆସିଥାଆନ୍ତି । ବେଳେ ବେଳେ ଏପରି ଗନ୍ଧ ହେଉଥାଏ ନାକ ଛାପି ରହିବାକୁ ବାଧ ହୋଇ ଥାନ୍ତି। କାରଖାନାକୁ ପ୍ରତିଦିନ ବହୁ ସଂଖ୍ୟାରେ ଭାରୀଯାନ ଚଳାଚଳ ଯୋଗୁଁ ଧୂଳି ଉଡ଼ିବା ସହିତ ରାସ୍ତା ଫାଟି ଖାଲଖମା ସୃଷ୍ଟି ହେଉଛି। ଏହାଯୋଗୁଁ ଯିବା ଆସିବା କଷ୍ଟକର ହୋଇଥାଏ। ଉପରୋକ୍ତ ସମସ୍ୟା ନେଇ ଅଞ୍ଚଳ ବାସୀ ସବୁବେଳେ ଚିନ୍ତିତ ଥିବାବେଳେ କାରଖାନା ତରଫରୁ ଦେଖାଦେଉଥିବା ସମସ୍ୟା ନେଇ କୌଣସି ଠୋସ ପଦକ୍ଷେପ ନେଉଥିବା ଭଳି ଜଣା ପଡୁ ନାହିଁ । ମହାଳୟା ଭଳି ଛୁଟିଦିନରେ ସୋନପୁର ଜିଲ୍ଲାରେ ନୂତନ ଭାବେ ଯୋଗଦେଇଥିବା ଜିଲ୍ଲାପାଳ ଦେବାଶିଷ ସିଂ ଙ୍କ ଅଚାନକ ଗସ୍ତ ସମୟରେ ସାମ୍ବାଦିକ ମାନଙ୍କ ଦ୍ୱାରା ଇଥାନଲ, କାରଖାନା ଉପରେ ଦୃଷ୍ଟି ଆକର୍ଷଣ କରାଯାଇଛି। ଦେଖାଯାଉ ଇଥାନଲ କାରଖାନାର ଏ ଯନ୍ତ୍ରଣାରୁ ଅଞ୍ଚଳବାସୀ କେବେ ମୁକ୍ତି ପାଉଛନ୍ତି।

## ମଣିପୁରରେ ପୁଣି ହିଂସା: ୫ ମୃତ




ଇମ୍ଫାଲ,୧୦।୧୦: ମଣିପୁରର କାମଜୋଙ୍ଗ ଓ ଉଖରୁଲ ଜିଲ୍ଲାରେ ସଶସ୍ତ୍ର ଗୋଷ୍ଠୀ ମଧ୍ୟରେ ନୂତନ ସଂଘର୍ଷରେ ଜଣେ ମହିଳାଙ୍କ ସମେତ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଛି । ନାଗା ବହୁଳ କାମଜୋଙ୍ଗ ଜିଲ୍ଲାର କୁକି-ପ୍ରଧାନ ଚାସାଦ ଗାଁରେ ଜଣେ ୨୨ ବର୍ଷୀୟ ଯୁବକ ଓ ଜଣେ ୪୨ ବର୍ଷୀୟ ମହିଳାଙ୍କ ମୃତ୍ୟୁ ହୋଇଛି । ପାଞ୍ଚଜଣ ସନ୍ତାନର ମା' ସମ୍ପୃକ୍ତ ମହିଳାଙ୍କୁ ଶୁକ୍ରବାର ରାତିରେ ଗୁଳି କରି ହତ୍ୟା କରାଯାଇଥିଲା । ମହିଳାଙ୍କ ହତ୍ୟା ପରେ କୁକି ଓ ନାଗା ସଶସ୍ତ୍ର ଗୋଷ୍ଠୀ ମଧ୍ୟରେ ଗୁଳି ବିନିମୟ ଘଟିଥିଲା । ଉଭୟ ଗୋଷ୍ଠୀ ମଧ୍ୟରେ ଶନିବାର ସକାଳ ପର୍ଯ୍ୟନ୍ତ ଗୁଳିବିନିମୟ ଜାରି ରହିଥିଲା । ପରବର୍ତ୍ତୀ ସଂଘର୍ଷରେ ଉକ୍ତ ଯୁବକଙ୍କର ମୃତ୍ୟୁ ହୋଇଥିଲା । ୧୦ ଟି ଘର ମଧ୍ୟ ପୋଡ଼ି ଦିଆଯାଇଥିଲା । ଅନ୍ୟ ଏକ ପୃଥକ୍ ଘଟଣାରେ ସନ୍ଦିଗ୍ଧ ଆତଙ୍କବାଦୀମାନେ କାମଜୋଙ୍ଗର ମ୍ୟାମାର ସୀମା ନିକଟବର୍ତ୍ତୀ ତାଙ୍ଗଖୁଲ ନାଗା ବସତି ନିଙ୍ଗଚୌ ଗାଁରେ ପ୍ରବେଶ କରି ଗୁଳିଚାଳନା କରିଥିଲେ । ୩୫ ବର୍ଷ ବୟସ୍କ ନଗାଚାନସୋ ନିଙ୍ଗସେନ ଓ ୪୮ ବର୍ଷୀୟ ଲେଇଶିଶାନ ଲେଇଶାଙ୍ଗଙ୍କୁ ଗୁଳି କରି ହତ୍ୟା କରାଯାଇଛି । ଘଟଣା ପରେ ସୁରକ୍ଷା ବାହିନୀ ଗାଁକୁ ଯାଇ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ । ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି ଯେ, ଆକ୍ରମଣକାରୀମାନେ ଗୁଳି ଚଳାଇ ମ୍ୟାମାର ପାର୍ଶ୍ୱକୁ ପଳାଇ ଯାଇଥିଲେ । ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ କାମଜୋଙ୍ଗ ଜିଲ୍ଲା ହସ୍ପିଟାଲକୁ ପଠାଯାଇଛି ।

## ଆସନ୍ତା ୧୫ ପର୍ଯ୍ୟନ୍ତ ରିୟାଦକୁ ଏୟାର ଇଣ୍ଡିଆ ବିମାନ ଉଡ଼ାଣ ବାତିଲ

ନୂଆଦିଲ୍ଲୀ,୧୦।୧୦: ହୁତି ଆକ୍ରମଣ ଯୋଗୁ ସାଉଦି ଆରବରେ ଭୟଙ୍କର ସ୍ଥିତିକୁ ଲକ୍ଷ୍ୟ କରି ଏୟାର ଇଣ୍ଡିଆ ଆସନ୍ତା ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ସେଠାକୁ ଉଡ଼ାଣ ବନ୍ଦ ରଖିଛି । ଏହି କଟକଣା ଉଭୟ ରିୟାଦରୁ ଆସୁଥିବା ବିମାନ ଓ ଭାରତରୁ ରିୟାଦକୁ ଯାଉଥିବା ବିମାନ ଉପରେ ଲାଗୁ ହୋଇଛି । ପ୍ରଭାବିତ ଯାତ୍ରୀ ଯଦି ସେମାନଙ୍କ ଟିକେଟ ବାତିଲ କରନ୍ତି ତେବେ ସେମାନଙ୍କୁ ସେମାନଙ୍କ ଟଙ୍କା ଫେରସ୍ତ କରାଯିବ ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି । ଏୟାରଲାଇନ୍ସ ସ୍ଥିତି ଉପରେ ନଜର ରଖିଛି । ପୂର୍ବରୁ ୟେମେନର ହୁତି ବିଦ୍ରୋହୀମାନେ ସାଉଦି ଆରବ ରାଜଧାନୀସ୍ଥିତ କିଙ୍ଗ ଖାଲିଦ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଆକ୍ରମଣ କରିଥିବା ଦାବି କରିବା ପରେ ସୁରକ୍ଷା ଚିନ୍ତା ବୃଦ୍ଧି ପାଇବା ପରେ ଏୟାର ଇଣ୍ଡିଆ ଏକ୍ସପ୍ରେସ, ଇଣ୍ଡିଗୋ ଓ ଆକାସା ଏୟାର ରିୟାଦକୁ ଓ ରିୟାଦରୁ ଉଡ଼ାଣ ବାତିଲ କରିଥିଲେ ।

### ଟ୍ରମ୍ପଙ୍କ ବଡ ନିଷ୍ପତ୍ତି

## ରୁଷରୁ ଡିଜେଲ କିଣିବ ଆମେରିକା




ନୂଆଦିଲ୍ଲୀ,୧୦।୧୦: ଭାରତକୁ ମନା କରୁଥିଲେ କିନ୍ତୁ ନିଜେ କିଣିବେ । ଟ୍ରମ୍ପଙ୍କ କାର୍ଯ୍ୟ ସବୁ ବେଳେ ଚର୍ଚ୍ଚାରେ । ଡୋନାଲ୍ଡ ଟ୍ରମ୍ପ, ଯିଏ ଭାରତକୁ ରୁଷରୁ ତେଲ କିଣିବା ପାଇଁ ଶୁଳ୍କ ଦେବାକୁ ଧମକ ଦେଇଥିଲେ, ଏବେ ସେ ପୁଟିନଙ୍କଠାରୁ ଡିଜେଲ କିଣିବେ । ହଁ, ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଦାବି କରିଛନ୍ତି ଯେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆମେରିକା ଏବଂ ବିଶ୍ୱ ବଜାରକୁ ଡିଜେଲ ଯୋଗାଇବାକୁ ରାଜି ହୋଇଛନ୍ତି । ଟ୍ରମ୍ପଙ୍କ ଅନୁଯାୟୀ, ରୁଷ ତୁରନ୍ତ ୩୦୦,୦୦୦ ଟନ୍‌ରୁ ଅଧିକ ଡିଜେଲ ପଠାଇବ । ଏହା ପରେ ନଭେମ୍ବରରେ ଆଉ ୫୦୦,୦୦୦ ଟନ୍ ଏବଂ ନଭେମ୍ବରରେ ଆଉ ୧ ନିୟୁତ ଟନ୍ ଡିଜେଲ ପଠାଇବ । ରୁଷ ମଧ୍ୟ ଆମେରିକାକୁ ଅତିରିକ୍ତ ୩ ନିୟୁତ ଟନ୍ ଡିଜେଲ ଯୋଗାଇବ । ଆମେରିକା-ରୁଷ ଚୁକ୍ତି ଭାରତ ଉପରେ ରୁଷ ତେଲ କିଣିବା ପାଇଁ ଆମେରିକାର ଚାପ ଏବଂ ଶୁଳ୍କ ନୀତି ଉପରେ ବିତର୍କକୁ ଏକ ନୂତନ ମୋଡ଼ ଦେଇଛି । ଭାରତ ଦୀର୍ଘ ସମୟ ଧରି ତାର ଶକ୍ତି ସ୍ୱାର୍ଥ ଏବଂ ଶସ୍ତା ତେଲର ଉପଲବ୍ଧତାକୁ ପ୍ରାଥମିକତା ଦେଇଆସିଛି, ଏବଂ ଆମେରିକା ଭାରତକୁ ରୁଷରୁ ତେଲ କିଣିଲେ ଶୁଳ୍କ ଦେବାକୁ ଧମକ ଦେଇଛି । ସେପ୍ଟେମ୍ବର ୨୦୨୬ ରେ, ଭାରତ ପ୍ରତିଦିନ ରୁଷରୁ ହାରାହାରି ପ୍ରାୟ ୧.୭୫ ନିୟୁତ ବ୍ୟାରେଲ ଅଶୋଧିତ ତେଲ ଆମଦାନୀ କରିଥିଲା । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ରୁଷ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ହୋଇଛି, ଯାହା ଅନୁଯାୟୀ ଆମେରିକାକୁ ଯଥେଷ୍ଟ ପରିମାଣର ତେଲ ଆସୁଛି । ମୁଁ ରୁଷ ରାଷ୍ଟ୍ରପତି ପୁଟିନଙ୍କୁ ଆମେରିକାକୁ ଡିଜେଲ ଯୋଗାଇବା ପାଇଁ ଧନ୍ୟବାଦ ଦେବାକୁ ଚାହୁଁଛି ।

## ଫ୍ଲାଏଦୁବାଇ ବିମାନରେ ଭାରତୀୟ ପାଇଲଟଙ୍କୁ ଆକ୍ରମଣ ଘଟଣା: ତଦନ୍ତ କରିବ ଏନ୍‌ଆଇଏ

ନୂଆଦିଲ୍ଲୀ,୧୦।୧୦: ଦୁବାଇରୁ ଇସ୍ରାଏଲର ତେଲ୍ ଅଭିଭ୍ ଯାଉଥିବା ଫ୍ଲାଏଦୁବାଇ ବିମାନରେ ଭାରତୀୟ ପାଇଲଟ୍ କ୍ୟାପଟେନ୍ ସ୍ମିତ ମାଚ୍ଛରଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାର ତଦନ୍ତ କରିବ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) । ଏହି ଘଟଣାକୁ ଗୁରୁତ୍ୱର ସହ ନେଇ କେନ୍ଦ୍ର ସରକାର ତଦନ୍ତ ଦାୟିତ୍ୱ ଏନ୍‌ଆଇଏକୁ ଦେଇଛନ୍ତି । ବିମାନ ଅପହରଣ ନିରୋଧୀ ଆଇନ, ୨୦୧୬ ଓ ବେଆଇନ କାର୍ଯ୍ୟକଳାପ ନିରୋଧ ଆଇନ (ୟୁଏପିଏ) ଅନୁଯାୟୀ ମାମଲା ରୁଜୁ ହୋଇଛି । ସେପ୍ଟେମ୍ବର ୩୦ ତାରିଖରେ ବିମାନଟି ଆକାଶରେ ଉଡୁଥିବା ବେଳେ କକପିଟ୍ ଭିତରେ ସହକାରୀ ପାଇଲଟ୍‌ଙ୍କ ସହ ସ୍ମିତଙ୍କର ସଂଘର୍ଷ ହୋଇଥିଲା । ଅଭିଯୋଗ ଅନୁଯାୟୀ, ସହକାରୀ ପାଇଲଟ୍ ସ୍ମିତଙ୍କୁ କକପିଟରେ ଥିବା କୁରାଢ଼ୀରେ ଆକ୍ରମଣ କରି ଗୁରୁତର ଆହତ କରିଥିଲେ । ବିମାନକୁ ଅପହରଣ କରିବା କିମ୍ବା ଦୁର୍ଘଟଣାଗ୍ରସ୍ତ କରିବା ଉଦ୍ଦେଶ୍ୟରେ ଏହି ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି । ଗୁରୁତର ଆହତ ହୋଇଥିଲେ ମଧ୍ୟ ସ୍ମିତ ଉପସ୍ଥିତ ବୁଦ୍ଧି ଖଟାଇ କକପିଟର ଦ୍ୱାର ଖୋଲିଥିଲେ । ଏହାପରେ ଅନ୍ୟମାନେ ଆକ୍ରମଣକାରୀଙ୍କୁ କାବୁ କରିଥିଲେ । ବିମାନଟିକୁ ସାଉଦି ଆରବର ତାବୁକ୍ ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଥିଲା ।

### ମୁମ୍ବାଇରେ ସିଜେପି ସମର୍ଥନରେ ପ୍ରତିବାଦ

# ଅଭିନେତା ଇମ୍ରାନ ଖାନଙ୍କ ସମେତ ୪୦୦ରୁ ଅଧିକ ଅଟକ



ମୁମ୍ବାଇ,୧୦।୧୦: ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଚାଲିଥିବା ପ୍ରତିବାଦକୁ ସମର୍ଥନ ଜଣାଇ ମୁମ୍ବାଇରେ ୪୦୦ରୁ ଅଧିକ ପ୍ରଦର୍ଶନକାରୀଙ୍କୁ ପୋଲିସ ଅଟକ ରଖିଛି । ଅଟକ ରଖାଯାଇଥିବା ଲୋକଙ୍କ ମଧ୍ୟରେ ଅଭିନେତା ଇମ୍ରାନ ଖାନ ମଧ୍ୟ ରହିଥିବା ଜଣାପଡ଼ିଛି । ଦିଲ୍ଲୀରେ କୋକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ହୋଇଥିବା ପ୍ରତିବାଦକୁ ସମର୍ଥନ ଜଣାଇ ମୁମ୍ବାଇରେ ଏହି ଆନ୍ଦୋଳନ କରାଯାଇଥିଲା । ଏଥିରେ ସାମାଜିକ କର୍ମୀ ତୁଷାର ଗାନ୍ଧୀଙ୍କ ନେତୃତ୍ୱାଧୀନ ସଂଗଠନ 'ହମ୍ ଭାରତ କେ ଲୋଗ୍'ର ସଦସ୍ୟ ଏବଂ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ସମର୍ଥକମାନେ ସାମିଲ ହୋଇଥିଲେ । ଦିନର ପ୍ରାରମ୍ଭରେ ଅଗଷ୍ଟ କ୍ରାନ୍ତି ମଇଦାନରୁ ଅନ୍ୟୁନ ୨୦୦ ଜଣଙ୍କୁ ଅଟକ ରଖାଯାଇଥିଲା । ସୂତ୍ରରୁ ଜଣାପଡ଼ିଛି ଯେ, ଅଟକ ଥିବା ପ୍ରଦର୍ଶନକାରୀଙ୍କ ବିରୋଧରେ ଏତଲା (ଏଫ୍‌ଆଇଆର) ରୁଜୁ କରିବା ପ୍ରକ୍ରିୟା ଚାଲିଛି । ତେବେ ଏହି ଘଟଣାକୁ ନେଇ ପ୍ରତିବାଦକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିବା ଦେଖାଯାଇଛି । ଅନ୍ୟପକ୍ଷରେ, ଦକ୍ଷିଣ ମୁମ୍ବାଇର ହୁତାତ୍ମା ଚୌକ ନିକଟରେ ସିଜେପିକୁ ସମର୍ଥନ ଜଣାଇ ପ୍ରତିବାଦ କରୁଥିବା ବଞ୍ଚିତ ବହୁଜନ ଆଘାଡ଼ି (ଭିବିଏ)ର କର୍ମୀମାନଙ୍କୁ ମଧ୍ୟ ପୁଲିସ ଅଟକ ରଖିଛି । ଏହି ସଂଗଠନର ନେତୃତ୍ୱ ପ୍ରକାଶ ଆମ୍ବେଦକର ନେଉଛନ୍ତି ।

## ଦିଲ୍ଲୀ ମେଟ୍ରୋର ୪୫ ଷ୍ଟେସନ ବନ୍ଦ

### ଯାତ୍ରୀଙ୍କ ପ୍ରବେଶ ଓ ପ୍ରସ୍ଥାନ ଉପରେ କଟକଣା

ନୂଆଦିଲ୍ଲୀ,୧୦।୧୦:ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଦିଲ୍ଲୀ ମେଟ୍ରୋର ୪୫ ଷ୍ଟେସନକୁ ରାତି ୧୦ଟା ପର୍ଯ୍ୟନ୍ତ ବନ୍ଦ ଘୋଷଣା କରାଯାଇଛି । ଏହି ସମୟ ମଧ୍ୟରେ ଉକ୍ତ ଷ୍ଟେସନଗୁଡ଼ିକରେ ଯାତ୍ରୀଙ୍କ ପ୍ରବେଶ ଓ ପ୍ରସ୍ଥାନ ଉଭୟ ବନ୍ଦ ରହିବ ବୋଲି ଦିଲ୍ଲୀ ମେଟ୍ରୋ ରେଳ ନିଗମ ପକ୍ଷରୁ ଜଣାପଡ଼ିଛି । ଯାତ୍ରୀମାନଙ୍କ ସୁରକ୍ଷା ଏବଂ ଆବଶ୍ୟକ ସତର୍କତାମୂଳକ ବ୍ୟବସ୍ଥା ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଛି । ଫଳରେ ସମ୍ପୃକ୍ତ ଷ୍ଟେସନଗୁଡ଼ିକରେ ଯାତାୟାତ କରିବାକୁ ଥିବା ଯାତ୍ରୀମାନେ ଅସୁବିଧାରେ ପଡ଼ିପାରନ୍ତି । ତେଣୁ ଯାତ୍ରୀମାନଙ୍କୁ ଯାତ୍ରା ଆରମ୍ଭ କରିବା ପୂର୍ବରୁ ନିଗମର ଅଧିକାରିକ ସୂଚନା ଯାଞ୍ଚ କରିବା ସହ ବିକଳ୍ପ ଯାତାୟାତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି । ସେହିପରି ରାଜଧାନୀ ଦିଲ୍ଲୀରେ ଶନିବାର ସିଜେପିର ପ୍ରତିବାଦ କାର୍ଯ୍ୟକ୍ରମ ଯୋଗୁଁ ସଡ଼କରେ ଭିଡ଼ ଆଶଙ୍କା କରି ରେଳବାଇ ୭୫ଟି ମେଲ୍ ଓ ଏକ୍ସପ୍ରେସ୍ ଟ୍ରେନ୍ ବାତିଲ କରିଛି । ନୂଆଦିଲ୍ଲୀ ଓ ହଜରତ ନିଜାମୁଦ୍ଦିନ ରେଳଷ୍ଟେସନକୁ ଆସିବାକୁ ଥିବା ଏବଂ ସେଠାରୁ ଛାଡ଼ିବାକୁ ଥିବା ଟ୍ରେନଗୁଡ଼ିକ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି । ଶନିବାର ଭୋର୍ ୪ଟାରୁ ଅପରାହ୍ଣ ୨ଟା ମଧ୍ୟରେ ଏହି ଦୁଇ ଷ୍ଟେସନରେ ପହଞ୍ଚିବାକୁ ଥିବା ୧୬୫ଟି ଟ୍ରେନ୍ ମଧ୍ୟରୁ ଅନେକକୁ ବାତିଲ କରାଯାଇଛି ।

## ଇସିଆଇଙ୍କୁ ସମର୍ଥନ କଲେ ୧୨୪ ଅବସରପ୍ରାପ୍ତ ଆଇଏଏସ ଓ ଆଇଏଫଏସ ଅଧିକାରୀ






ନୂଆଦିଲ୍ଲୀ,୧୦।୧୦: ଭାରତୀୟ ନିର୍ବାଚନ ଆୟୋଗ ଏବଂ ଏସଆଇଆରକୁ ସମର୍ଥନ କରି ୧୨୪ ଜଣ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଖୋଲା ଚିଠି ଜାରି କରିଛନ୍ତି । ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ନେଇ ଅଭିଯୋଗ ଆଣିବା ପୂର୍ବରୁ ପ୍ରମାଣ ଦେବା ଜରୁରୀ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି । କୌଣସି ଆଧାର ନଥାଇ ଭୋଟ୍ ହେରଫେର ବା ଜାଲିଆତିର ଅଭିଯୋଗ ଆଣିବା ଦ୍ୱାରା ଗଣତନ୍ତ୍ର ଉପରୁ ଲୋକଙ୍କ ଆସ୍ଥା କମିଯିବ ବୋଲି ଅବସରପ୍ରାପ୍ତ ଆଇଏଏସ୍ ଏବଂ ଆଇଏଫଏସ୍ ଅଧିକାରୀମାନେ କହିଛନ୍ତି । ତେବେ ଏହା ପୂର୍ବରୁ ୪୨ ଜଣ ଅବସରପ୍ରାପ୍ତ ଜଜ୍ ଇସିଆଇଙ୍କ ସମର୍ଥନରେ ଖୋଲା ଚିଠି ଜାରି କରିଥିଲେ । ଭୋଟ ଚୋରି ନେଇ ବିରୋଧୀ ଦଳଗୁଡ଼ିକର ଅଭିଯୋଗ ମଧ୍ୟରେ ପୂର୍ବତନ ଅଫିସରମାନଙ୍କ ଏହି ଚିଠି ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ଏହି ବିବାଦ ଯୋଗୁଁ ଜାତୀୟ ରାଜଧାନୀ ଦିଲ୍ଲୀରେ ଉତ୍ତେଜନା ସୃଷ୍ଟି ହୋଇଛି । ଶନିବାର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ହେଉଥିବା ପ୍ରଦର୍ଶନରେ ସାମିଲ ହେବାକୁ ଚେଷ୍ଟା କରୁଥିବା ବେଳେ ଚାରିଜଣ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନେକ ବିରୋଧୀ ନେତାଙ୍କୁ ପୁଲିସ ଅଟକ ରଖିଛି । ନିଜର ସମ୍ପୂର୍ଣ୍ଣ କାର୍ଯ୍ୟକାଳ ମଧ୍ୟରେ ନିର୍ବାଚନ ପରିଚାଳନା, ଭୋଟର ତାଲିକା ପ୍ରସ୍ତୁତି ଏବଂ ଇଭିଏମ୍ ରଖାଯାଉଥିବା ଷ୍ଟ୍ରଙ୍ଗ୍ ରୁମ୍ ଗୁଡ଼ିକର ସୁରକ୍ଷା ବ୍ୟବସ୍ଥାକୁ ନିକଟରୁ ଦେଖିଛନ୍ତି ଓ ଅନୁଧ୍ୟାନ କରିଛନ୍ତି ବୋଲି ଲେଖିଛନ୍ତି ପୂର୍ବତନ ଆଇଏଏସ୍ ଅଧିକାରୀ । ସେମାନେ ଚିଠିରେ ଲେଖିଛନ୍ତି, 'ଆମେ କୌଣସି ରାଜନୈତିକ ଦଳର ସଦସ୍ୟ ନୁହଁ । କିନ୍ତୁ ଚିଠି ଲେଖିବା ପଛରେ ରହିଛି ବଡ଼ କାରଣ । ବର୍ତ୍ତମାନ ସମୟରେ ବିନା କୌଣସି ପ୍ରମାଣରେ ଆମ ନିର୍ବାଚନ ପ୍ରକ୍ରିୟା ଉପରେ 'ଜାଲିଆତି'ଶବ୍ଦଟିକୁ ବାରମ୍ବାର ବ୍ୟବହାର କରାଯାଉଛି । ଏହିପରି ବାରମ୍ବାର କହିବା ଦ୍ୱାରା ଲୋକଙ୍କ ଗଣତାନ୍ତ୍ରିକ ବିଶ୍ୱାସ ପ୍ରତି ଆଘାତ ପହଞ୍ଚୁଛି ।' ସେମାନେ ଆହୁରି ମଧ୍ୟ କହିଛନ୍ତି, 'ନିର୍ବାଚନରେ ପ୍ରକୃତ ଜାଲିଆତି କିପରି ହୁଏ, ତାହା ଆମେ ଜାଣିଛୁ ।

## ସିଜେପିର ଆନ୍ଦୋଳନ ଯୋଗୁଁ ହଜାର ହଜାର କୋଟିର କ୍ଷତି

ନୂଆଦିଲ୍ଲୀ,୧୦।୧୦: କକ୍ରୋଚ୍ ଜନତା ପାର୍ଟି ବା ସିଜେପିର ପ୍ରତିବାଦ କାରଣରୁ ସମଗ୍ର ନୂଆଦିଲ୍ଲୀ ହୋଇପଡିଛି ଅସ୍ତବ୍ୟସ୍ତ । ରାଜଧାନୀର ସବୁଠାରୁ ବଡ଼ ଏବଂ ବିଜି ମାର୍କେଟ କନ୍ନଟ ପ୍ଲେସର ପ୍ରତ୍ୟେକ ଦୋକାନ ବନ୍ଦ କରାଯାଇଛି । ଏହି ସ୍ଥାନ ହେଉଛି ରାଜଧାନୀର ପ୍ରମୁଖ ବ୍ୟବସାୟିକ, ଆର୍ଥିକ ଏବଂ ପର୍ଯ୍ୟଟନ କେନ୍ଦ୍ର । ଏହି ପ୍ରତିବାଦ ଯୋଗୁଁ ସାମଗ୍ରୀ ନଷ୍ଟ ହୋଇପାରେ ବୋଲି ଆଶଙ୍କା କରାଯାଇଥିଲା, ଯାହା ଫଳରେ ବନ୍ଦ ନିଷ୍ପତ୍ତି ନିଆଯାଇଥିଲା । କନ୍ନଟ୍ ପ୍ଲେସ ବନ୍ଦ ହେବା ଦ୍ୱାରା ୨ ହଜାର କୋଟି ଟଙ୍କାର ବ୍ୟବସାୟୀକ କ୍ଷତି ହୋଇପାରେ । ଏହାର ଏକ କାରଣ ହେଉଛି ଶନିବାର ସପ୍ତାହାନ୍ତ ହୋଇଥିବାରୁ କନ୍ନଟ୍ ପ୍ଲେସକୁ ବହୁତ ଲୋକ ଆସିଥାନ୍ତି, ଯାହା ଫଳରେ ଶନିବାର ଏବଂ ରବିବାର ଏଠାରେ ବ୍ୟବସାୟ ଖୁବ୍ ଭଲ ଚାଲିଥାଏ । ନୂଆଦିଲ୍ଲୀ ଟ୍ରେଡର୍ସ ଆସୋସିଏସନ୍ କହିଛି, ଜନ୍ତର ମନ୍ତରରେ ସିଜେପି ପ୍ରୋଟେଷ୍ଟକୁ ଦେଖି ଶନିବାର କନ୍ନଟ ପ୍ଲେନ୍ ମାର୍କେଟ ବନ୍ଦ ରହିଛି । ଆସୋସିଏସନ୍ ଲୋକଙ୍କ ସୁରକ୍ଷା ଓ ସମ୍ପତ୍ତିକୁ ସମ୍ଭାବିତ ବିପଦ ଦେଖି ଚିନ୍ତା ପ୍ରକାଶ କରିଥିଲେ । ଏହି କାରରରୁ ବଜାର ବନ୍ଦ କରାଯାଇଛି । ୱିକଏଣ୍ଡରେ ହଜାର ହଜାର ଲୋକ କନ୍ନଟ ପ୍ଲେସ ଆସିଥାନ୍ତି । ବ୍ୟବସାୟୀ ସଂଗଠନର ଦାବି ଅନୁସାରେ, ଏହି ପ୍ରମୁଖ କମର୍ସିଆଲ ହବରେ ବଜାର ବନ୍ଦ ରହିବା କାରଣରୁ ବ୍ୟବସାୟୀଙ୍କ କୋଟି କୋଟି ଟଙ୍କାର କ୍ଷତି ହୋଇଛି । ଏହି କାରଣରୁ ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରୀର ଅଧ୍ୟକ୍ଷ ବ୍ରିଜେଶ ଗୋୟଲ ଦାବି କରିଛନ୍ତି ।

## 'ଛାତ୍ରୋଁ କୀ ଗୁଞ୍ଜ' କାର୍ଯ୍ୟକ୍ରମରେ ମୋଦିଙ୍କୁ ନିଶାଣ କଲେ ରାହୁଲ



ଚେନ୍ନାଇ,୧୦।୧୦: ତାମିଲନାଡୁକୁ ସଂସଦରେ ଦୁର୍ବଳ କରିବାକୁ ସୀମା ପୁନଃନିର୍ଦ୍ଧାରଣ ଆଳରେ ଉଦ୍ୟମ କରାଯାଉଛି । ରାଜ୍ୟର ଭାଷା, ସଂସ୍କୃତି ଓ ଇତିହାସକୁ ଦୁର୍ବଳ କରିବାକୁ ମଧ୍ୟ ଚେଷ୍ଟା ଚାଲିଛି । ଶନିବାର ଚେନ୍ନାଇରେ ଆୟୋଜିତ 'ଛାତ୍ରୋଁ କୀ ଗୁଞ୍ଜ' କାର୍ଯ୍ୟକ୍ରମରେ ଯୋଗଦେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏଭଳି ଅଭିଯୋଗ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି । ନିଟ୍ ପରୀକ୍ଷା ଓ ଶିକ୍ଷା ପାଇଁ ଅର୍ଥ ଯୋଗାଣ ପ୍ରସଙ୍ଗରେ ମଧ୍ୟ ସେ କେନ୍ଦ୍ରର ନୀତିକୁ ସମାଲୋଚନା କରିଛନ୍ତି । ଚେନ୍ନାଇର ଆଇଲାଣ୍ଡ ଗ୍ରାଉଣ୍ଡରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ପ୍ରଶ୍ନ ଓ ଶିକ୍ଷା ସମ୍ପର୍କିତ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ରାହୁଲ କହିଥିଲେ ଯେ ପ୍ରଶ୍ନ ପଚାରିବା ହେଉଛି ଶିଖିବାର ପ୍ରଥମ ପଦକ୍ଷେପ । ଏହା ଗଣତନ୍ତ୍ରକୁ ମଧ୍ୟ ମଜଭୁତ କରେ । ଛାତ୍ରଛାତ୍ରୀମାନେ ନିଜ ଚାରିପାଖର ଘଟଣାକୁ ବୁଝିବା ସହ ପ୍ରତ୍ୟେକ ପ୍ରସଙ୍ଗରେ ନିଜର ମତ ରଖିବା ଆବଶ୍ୟକ । ସୀମା ପୁନଃନିର୍ଦ୍ଧାରଣକୁ ନେଇ ରାହୁଲ କହିଥିଲେ ଯେ ଏହି ପ୍ରକ୍ରିୟା ତାମିଲନାଡୁର ରାଜନୈତିକ ପ୍ରତିନିଧିତ୍ୱକୁ ପ୍ରଭାବିତ କରିପାରେ । ସଂସଦରେ ରାଜ୍ୟର ସ୍ୱର ଦୁର୍ବଳ ହେବାର ଆଶଙ୍କା ରହିଛି । ତାମିଲନାଡୁର ଭବିଷ୍ୟତ ଓ ରାଜ୍ୟର ଅଧିକାର ସମ୍ପର୍କିତ ନିଷ୍ପତ୍ତିରେ ସେଠାକାର ଲୋକଙ୍କ ମତକୁ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ସେ କହିଥିଲେ । ନିଟ୍ ପରୀକ୍ଷା ସମ୍ପର୍କରେ ରାହୁଲ ଅଭିଯୋଗ କରିଥିଲେ ଯେ ଏହାଦ୍ୱାରା ତାମିଲ ମାଧ୍ୟମରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଏମବିବିଏସ୍ ଆସନରେ ଅଂଶ ୮୭ ପ୍ରତିଶତ ହ୍ରାସ ପାଇଛି । ଭିନ୍ନ ଭାଷା ଓ ଶିକ୍ଷା ବୋର୍ଡର ଛାତ୍ରଛାତ୍ରୀଙ୍କୁ ସମାନ ସୁଯୋଗ ମିଳିବା ଦରକାର ବୋଲି ସେ ମତ ଦେଇଥିଲେ । ଏଥିସହ ତାମିଲନାଡୁ ପାଇଁ ପ୍ରାୟ ୩,୩୦୦ କୋଟି ଟଙ୍କାର ଶିକ୍ଷା ପାଣ୍ଠି କେନ୍ଦ୍ର ସରକାର ଅଟକାଇ ରଖିଥିବା ରାହୁଲ ଅଭିଯୋଗ କରିଥିଲେ । ରାଜ୍ୟର ପ୍ରାୟ ୭୦ ପ୍ରତିଶତ ବିଶ୍ୱବିଦ୍ୟାଳୟରେ କୁଳପତି ପଦ ଖାଲି ପଡ଼ିଥିବା ଏବଂ ଏଥିରେ ଆରଏସ୍ଏସ୍ ସହ ଜଡ଼ିତ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବାକୁ ଉଦ୍ୟମ ହେଉଥିବା ମଧ୍ୟ ସେ କହିଥିଲେ ।

## ୟୁକ୍ରେନ୍ ଉପରେ ରୁଷର ଆକ୍ରମଣ: ୧୫ ମୃତ

କିଭ୍,୧୦।୧୦: ୟୁକ୍ରେନ୍ ଉପରେ ରୁଷର ବଡ଼ ଆକ୍ରମଣ । ଏହି ଆକ୍ରମଣରେ ୧୫ ଜଣଙ୍କର ମୃତ୍ୟୁ ହୋଇଛି । ରୁଷ ଏହି ଆକ୍ରମଣ ୟୁକ୍ରେନର ଜେପାରିଜିୟୋ ଅଞ୍ଚଳରେ କରିଛି । ଏହି ଆକ୍ରମଣ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡୋ ଟ୍ରମ୍ପଙ୍କ ଦ୍ୱାରା ରୁଷ ଡିଜେଲ୍ କିଣିବାର ଚୁକ୍ତିର ଘୋଷଣା ଦିନକ ପରେ ହୋଇଛି । ୟୁକ୍ରେନ୍ କହିଛି ଯେ, ଏହାଦ୍ୱାରା ୟୁକ୍ରେନ୍ ସହ ଯୁଦ୍ଧ କରିବାକୁ ମସ୍କୋଙ୍କୁ ଫଣ୍ଡ ମିଳିବାରେ ସାହାଯ୍ୟ ମିଳିବ । ୱାଶିଂଟନରେ ୟୁକ୍ରେନୀୟ ଦୂତାବାସ ଦ୍ୱାରା ଜାରି ଏକ ବିବୃତ୍ତି ଅନୁଯାୟୀ, ଜେଲେନସ୍କି ଏହାକୁ ଦୁର୍ଭାଗ୍ୟବଶତଃ ଶକ୍ତିଶାଳୀ ସହଯୋଗୀଙ୍କ ଦ୍ୱାରା ନିଆଯାଇଥିବା ଏକ ଦୁର୍ବଳ ନିଷ୍ପତ୍ତି ବୋଲି କହିଛନ୍ତି । ସାମରିକ ପ୍ରଶାସନର ମୁଖ୍ୟ ମିଖାଇଲୋ ସେମିକିନ୍ ଶନିବାର କହିଛନ୍ତି ଯେ ଜାପୋରିଝିଆରେ ଆବାସିକ କୋଠାରେ ରୁଷର ଏହାର ଷ୍ଟ୍ରାଇକର ୧୫ ଜଣଙ୍କର ମୃତ୍ୟୁ ହୋଇଛି । ତାଙ୍କ ମଧ୍ୟରେ ୩ ଜଣ ଶିଶୁ ଅଛନ୍ତି । ଅଞ୍ଚଳର ପ୍ରତିରକ୍ଷା ପରିଷଦର ସହ-ଅଧ୍ୟକ୍ଷ ଇଭାନ ଫେଡୋରୋଭଙ୍କ ଅନୁଯାୟୀ, ଏହି ଆକ୍ରମଣରେ ଅତି କମରେ ୧୬ ଜଣ ଆହତ ହୋଇଛନ୍ତି । ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଏବଂ ଜରୁରୀକାଳୀନ ସେବା କହିଛି ୟୁକ୍ରେନର ଜାପୋରିଝିଆ ସହର ଉପରେ ଯେ ରୁଷ ୫ ଗ୍ଲାଇଡ୍ ବୋମା ମାଡ଼ କରିଥିଲା, ଯେଉଁଥିରେ ତିନି ଜଣ ଶିଶୁଙ୍କ ସମେତ ଅତି କମରେ ୧୫ ଜଣଙ୍କର ମୃତ୍ୟୁ ହୋଇଥିଲା । ଦକ୍ଷିଣ-ପୂର୍ବ ସହରର ଆବାସିକ କୋଠାରେ ଗ୍ଲାଇଡ୍ ବୋମା ମାଡ଼ ହୋଇଥିଲା । ଶନିବାର ସକାଳେ ହୋଇଥିବା ଆକ୍ରମଣରେ ଅନ୍ୟ ୧୬ଜଣ ଆହତ ହୋଇଥିଲେ, ଯେତେବେଳେ କି ଅନେକ ଲୋକ ଏବେ ବି ନିଖୋଜ ଅଛନ୍ତି । ସେମାନେ ଭଗ୍ନାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି । ଜେଲେନସ୍କି କହିଛନ୍ତି ଯେ ରାତିସାରା ଅନ୍ୟ ୧୩ ଟି ଅଞ୍ଚଳରେ ମଧ୍ୟ ଆକ୍ରମଣ ହୋଇଥିଲା ।

## ଘୂର୍ଣ୍ଣିଝଡ଼ ଇସାୟସର ତାଣ୍ଡବ: ୫.୯୪ ଲକ୍ଷ ଘରେ ବିଦ୍ୟୁତ୍ ବିଚ୍ଛିନ୍ନ

ୱାଶିଂଟନ,୧୦।୧୦ : ଆମେରିକାରେ ଶକ୍ତିଶାଳୀ ଘୂର୍ଣ୍ଣିଝଡ଼ ଇସାୟସ୍ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି । ଘଣ୍ଟାପ୍ରତି ୧୬୯ କିଲୋମିଟର ବେଗରେ ପବନ ବହିବା ସହ ପ୍ରବଳ ବର୍ଷା ଓ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ଏହି ଝଡ଼ ଯୋଗୁଁ ଫ୍ଲୋରିଡା ଓ ଆଲାବାମାରେ ୫.୯୪ ଲକ୍ଷରୁ ଅଧିକ ଘରର ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇଯାଇଛି । ଅନେକ ସ୍ଥାନରେ ଗଛ ଉପୁଡ଼ି ପଡ଼ିବା ସହ ବିଦ୍ୟୁତ୍ ତାର ଛିଣ୍ଡିଯାଇଛି ଏବଂ ରାସ୍ତାଘାଟ ଜଳମଗ୍ନ ହୋଇଛି । ଆମେରିକାର ଜାତୀୟ ଘୂର୍ଣ୍ଣିଝଡ଼ କେନ୍ଦ୍ର ଅନୁଯାୟୀ, ଶକ୍ତିଶାଳୀ ଝଡ଼ ଫ୍ଲୋରିଡାର ପାନହାଣ୍ଡଲ୍ ଅଞ୍ଚଳ ଓ ଆଲାବାମାର ଉପକୂଳବର୍ତ୍ତୀ ଅଞ୍ଚଳରେ ଅଧିକ ପ୍ରଭାବ ପକାଇଛି । ଝଡ଼ ପରେ ଅନେକ ଅଞ୍ଚଳରେ ବନ୍ୟା ଭଳି ପରିସ୍ଥିତି ଦେଖାଦେଇଛି । ଘୂର୍ଣ୍ଣିଝଡ଼ ଇସାୟସ୍ ଫ୍ଲୋରିଡାର ଡେଷ୍ଟିନ୍ ନିକଟରେ ସ୍ଥଳଭାଗକୁ ଛୁଇଁଥିଲା । ସେହି ସମୟରେ ପବନର ବେଗ ଘଣ୍ଟାପ୍ରତି ୧୬୯ କିଲୋମିଟର ରହିଥିଲା ।

### ଜାତିସଂଘରେ ସୁଧାର ଦାବି ଉଠାଇଲେ ଜୟଶଙ୍କର

# ବିଶ୍ୱ ନିଷ୍ପତ୍ତିରେ ଭାରତ ଓ ଆଫ୍ରିକାର ଭାଗିଦାରୀ ଜରୁରୀ




ନୂଆଦିଲ୍ଲୀ,୧୦।୧୦: ଜାତିସଂଘରେ ସୁଧାର ଏବଂ ସୁରକ୍ଷା ପରିଷଦରେ ଭାରତର ଅଧିକ ପ୍ରତିନିଧିତ୍ୱ ପ୍ରସଙ୍ଗକୁ ପୁଣି ଜୋରଦାର ଭାବେ ଉଠାଇଛନ୍ତି ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର । ବିଶ୍ୱସ୍ତରୀୟ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଭାରତ ଓ ଆଫ୍ରିକାର ଭୂମିକାକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି । ଅନ୍ୟପଟେ, ଜାତିସଂଘରେ ପାକିସ୍ତାନର ପରମାଣୁ ଅସ୍ତ୍ର ସମ୍ପର୍କିତ ବୟାନ ଏବଂ ଜମ୍ମୁ-କାଶ୍ମୀରକୁ ନେଇ ମିଥ୍ୟା ପ୍ରଚାରକୁ ଭାରତ କଡ଼ା ସମାଲୋଚନା କରିଛି । ଆଫ୍ରିକାର ଆଦିସ୍ ଆବାବାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଜୟଶଙ୍କର ଜାତିସଂଘ ସୁରକ୍ଷା ପରିଷଦରେ ସୁଧାର ଆଣିବା ଉପରେ ଗୁରୁତ୍ୱ ଦେଇଛନ୍ତି । ବର୍ତ୍ତମାନର ବିଶ୍ୱ ବ୍ୟବସ୍ଥାକୁ ଅଧିକ ଗଣତାନ୍ତ୍ରିକ ଓ ସମାବେଶୀ କରିବା ପାଇଁ ସୁରକ୍ଷା ପରିଷଦର ଢାଞ୍ଚାରେ ପରିବର୍ତ୍ତନ ଜରୁରୀ ବୋଲି ସେ ମତ ଦେଇଛନ୍ତି । ଜାତିସଂଘରେ ଭାରତ ପାକିସ୍ତାନକୁ ଟାର୍ଗେଟ୍ କରି କହିଛି ଯେ, ପରମାଣୁ ଅସ୍ତ୍ରକୁ ସାଧାରଣ ରାଜନୈତିକ ଚାପ ସୃଷ୍ଟି କରିବାର ମାଧ୍ୟମ ଭାବେ ଦେଖିବା ଉଚିତ ନୁହେଁ । ପରମାଣୁ ଧମକ ଆଗରେ ଭାରତ ମୁଣ୍ଡ ନୁଆଁଇବ ନାହିଁ ବୋଲି ଭାରତ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଏହା ସହ ଜମ୍ମୁ-କାଶ୍ମୀର ସମ୍ପର୍କରେ ମିଥ୍ୟା ଓ ଭ୍ରମାତ୍ମକ ତଥ୍ୟ ପ୍ରଚାର କରି ପାକିସ୍ତାନ ଜାତିସଂଘର ମଞ୍ଚର ଅପବ୍ୟବହାର କରୁଥିବା ଭାରତ ଅଭିଯୋଗ କରିଛି । ଜାତିସଂଘ ସୁରକ୍ଷା ପରିଷଦ ଅନ୍ତର୍ଜାତୀୟ ଶାନ୍ତି ଓ ସୁରକ୍ଷା ରକ୍ଷା କରିବାର ମୁଖ୍ୟ ସଂସ୍ଥା । ଏଥିରେ ମୋଟ ୧୫ଟି ସଦସ୍ୟ ଦେଶ ରହିଛନ୍ତି । ସେଥିମଧ୍ୟରୁ ୫ଟି ସ୍ଥାୟୀ ସଦସ୍ୟ ଦେଶ ହେଉଛନ୍ତି ଆମେରିକା, ରୁଷିଆ, ଚୀନ୍, ବ୍ରିଟେନ୍ ଓ ଫ୍ରାନ୍ସ । ଏହି ଦେଶଗୁଡ଼ିକ ପାଖରେ ଭିଟୋ କ୍ଷମତା ରହିଛି । ଏହି କ୍ଷମତା ବଳରେ ଯେକୌଣସି ଗୋଟିଏ ସ୍ଥାୟୀ ସଦସ୍ୟ ଦେଶ ନିର୍ଦ୍ଦିଷ୍ଟ ପ୍ରସ୍ତାବକୁ ଅଟକାଇପାରେ । ବିଶ୍ୱରେ ଚାଲିଥିବା ବିଭିନ୍ନ ଯୁଦ୍ଧ ଓ ସଂଘର୍ଷର ସମାଧାନ କରିବାରେ ଜାତିସଂଘର ସୀମିତ ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି । ଏଭଳି ସ୍ଥିତିରେ ଭାରତ ସମେତ ଅନ୍ୟ ଉଦୀୟମାନ ଦେଶଗୁଡ଼ିକୁ ଅଧିକ ପ୍ରତିନିଧିତ୍ୱ ଦେବା ପାଇଁ ସୁରକ୍ଷା ପରିଷଦରେ ସୁଧାର ଆଣିବାକୁ ଦାବି ଜୋରଦାର ହେଉଛି ।

## ଦାମୀକାର୍‌ରୁ ଜବତ ହେଲା ବିପୁଳ ପରିମାଣର ଦେଶୀ ମଦ



ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲାରେ ଚୋରା ମଦ କାରବାର ଉପରେ ଅବକାରୀ ବିଭାଗର ଦୃଢ କାର୍ଯ୍ୟାନୁଷ୍ଠାନ । ରାୟଗଡ଼ ବ୍ଲକ ଅନ୍ତର୍ଗତ ପରିଶଳ ଗ୍ରାମରୁ ଖଜୁରୀପଦା ଅଭିମୁଖେ ଯାଉଥିବା ବେଳେ ଏକ ଦାମୀ କିଆ କାର (ଓଡି୦୨ସିଜି ୬୯୯୭)କୁ ଅଟକାଇ ୨୩ ଗୋଟି ପ୍ଲାଷ୍ଟିକ କ୍ୟାନରେ ଥିବା ୪୬୦ ଲାଟର ଦେଶୀ ରନ୍ଧା ମଦକୁ ଅବକାରୀ ବିଭାଗ ଜବତ କରିଛି । ଏହି ମଦ ଚାଲାଣରେ ବ୍ୟବହୃତ କାରକୁ ଜବତ କରାଯିବା ସହ ପରିଶଳ ଗ୍ରାମର ଗାଗାନ ଗମାଙ୍ଗ ନାମକ ବ୍ୟକ୍ତିକୁ ଗିରଫ କରାଯାଇଥିବା ବେଳେ ଗାଡ଼ି ଚାଳକ ଫେରାର ହୋଇଯାଇଥିବା ଅବକାରୀ ନୀରିକ୍ଷକ ତିରୁପତି ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି । ଜିଲ୍ଲାରେ ବେଆଇନ ମଦ ପ୍ରସ୍ତୁତି ଓ ଚାଲାଣ ରୋକିବା ଦିଗରେ ଅବକାରୀ ବିଭାଗର ଏଭଳି କାର୍ଯ୍ୟାନୁଷ୍ଠାନ ମଦ ଚୋରା କାରବାର କରୁଥିବା ଲୋକଙ୍କ ମନରେ ଭୟ ସଞ୍ଚାର କରିଛି । ଏହି ଘଟଣାରେ ଆଉ କେଉଁମାନଙ୍କର ସଂପୃକ୍ତି ରହିଛି ତାହାର ଅନୁସନ୍ଧାନ ଜାରି ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି ।

## ବସ୍-ବାଇକ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

ସାଲେପୁର(ନିପ୍ର): କଟକ-ଚାନ୍ଦବାଲି ରାସ୍ତାର ସାଲେପୁର ଥାନା ଅଧିନ ନାଦୋଳଗଡା ସ୍ଥିତ ଚାଣକ୍ୟ ହୋଟେଲ ସମ୍ମୁଖରେ ଏକ ଦ୍ରୁତଗାମୀ ଘରୋଇ ବସ୍ ଧକ୍କାରେ ବାଇକ୍ ଆରୋହୀଙ୍କ ସହ ଅନ୍ୟ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସୂଚନା ମୁତାବକ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ଯାତ୍ରୀବାହି ଘରୋଇ ବସ୍ ଏକ ବାଇକକୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ଦୁର୍ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ମୃତକ ଜଣେ ବାଇକ୍ ଚାଳକ ହୋଇଥିବା ବେଳେ ଅନ୍ୟ ଜଣେ ବାଇକରେ ବସିଥିଲେ ବୋଲି ଜଣାପଡ଼ିଛି । ବାଇକ୍ ଆରୋହୀ ଦ୍ୱୟ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ଜଣାପଡିଛି । ତେବେ ମୃତକ ଦ୍ୱୟ ହେଲେ କ୍ରିତିକ ରାଜ ଓ ପରେଶ ସାହୁ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି । ଉଭୟ ଭୁବନେଶ୍ୱରର ନୟାପଲ୍ଲୀ ଅଞ୍ଚଳରେ ରହୁଥିଲେ । ଅପରପକ୍ଷେ ଦୁର୍ଘଟଣା ଘଟାଇ ଘରୋଇ ବସଟି ଦ୍ରୁତ ଗତିରେ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ବେଳେ ପୋଲିସ ବସଟିକୁ ସାଲେପୁର ବସଷ୍ଟାଣ୍ଡ ନିକଟରେ ଜବତ କରିଥିବା ବେଳେ ଦୁର୍ଘଟଣା ଗସ୍ତ ବାଇକ୍‌କୁ ପୋଲିସ ଜବତ କରିବା ସହିତ ଶବ ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି ।

## ଖଣ୍ଡାରେ ଯୁବକଙ୍କୁ ଆକ୍ରମଣ, ୪ ଅଟକ

ପୁରୀ(ନିପ୍ର): ପୁରୀ ବଳିଆପଣ୍ଡା ଥାନା ଅଞ୍ଚଳରେ ଗତକାଲି ସନ୍ଧ୍ୟାରେ ଘଟିଥିବା ବୋମା ମାଡ଼ ଓ ଖଣ୍ଡାରେ ହାଣିବା ଘଟଣାରେ ପୁଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ତେବେ ଅଟକ ବ୍ୟକ୍ତିଙ୍କ ପରିଚୟ ଏପର୍ଯ୍ୟନ୍ତ ପୋଲିସ ପ୍ରକାଶ କରିନାହିଁ । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି । ସୂଚନା ଅନୁସାରେ ଗତକାଲି ସନ୍ଧ୍ୟା ସାଢ଼େ ୭ଟା ସମୟରେ ବଳିଆପଣ୍ଡାର ଜନମଙ୍ଗଳ ସମିତି ଲେନ -୨ ରେ ଭଡା ସୂତ୍ରରେ ରହୁଥିବା ମାନସ କୁମାର ସେନାପତି (୩୩) ନିଜ ଭଡା ଘରୁ ବାହାରୁଥିଲେ । ଏହି ସମୟରେ ଘର ସମ୍ମୁଖ ଦାଣ୍ଡରେ ପୂର୍ବରୁ ଛକି ରହିଥିବା ମୃତ୍ୟୁଞ୍ଜୟ ସାନିଆଲ ଓ ଅନ୍ୟ ଜଣେ ଯୁବକ ଅତ୍ୟନ୍ତ ନୃଶଂସ ଭାବେ ତାଙ୍କ ମୁଣ୍ଡକୁ ଖଣ୍ଡାରେ ହାଣି ଦେଇଥିଲେ । ଆକ୍ରମଣରେ ମାନସ ରକ୍ତାକ୍ତ ଅବସ୍ଥାରେ ତଳେ ପଡି ରହିଥିଲେ । ମାନସ ଶ୍ରୀମନ୍ଦିରରେ ଯାତ୍ରୀ ଗୁମାସ୍ତା ଭାବେ କାର୍ଯ୍ୟ କରିଥାନ୍ତି । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ମାନସ ରହୁଥିବା ଘର ନିକଟରେ ହିଁ ତାଙ୍କ ସାନଭାଇ ମୃତ୍ୟୁଞ୍ଜୟର ଘର । ପୂର୍ବରୁ ମାନସ ଓ ମୃତ୍ୟୁଞ୍ଜୟ ମଧ୍ୟରେ ଶତ୍ରୁତା ଥିଲା । ବର୍ଷେ ତଳେ ମାନସ ମୃତ୍ୟୁଞ୍ଜୟଙ୍କୁ ବୋମା ମାଡ଼ କରିଥିବା ଅଭିଯୋଗ ରହିଛି । ସେହି ବିବାଦକୁ ଆପୋସ ସମାଧାନ ପାଇଁ କିଛି ଦିନ ତଳେ କଥାବାର୍ତ୍ତା ମଧ୍ୟ ହୋଇଥିଲା, ମାତ୍ର ସମାଧାନ ହୋଇପାରିନଥିଲା । ଘଟଣା ପରେ ପରିବାର ଲୋକେ ସଞ୍ଜୟଙ୍କୁ ଖବର ଦେଇଥିଲେ । ସଞ୍ଜୟ ପ୍ରଥମେ ବଳିଆପଣ୍ଡା ଥାନା ଆଇଆଇସିଙ୍କୁ ଫୋନରେ ଜଣାଇଥିଲେ । ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ପହଞ୍ଚି ରକ୍ତାକ୍ତ ଅବସ୍ଥାରେ ମାନସଙ୍କୁ ଉଦ୍ଧାର କରି ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା । ଅବସ୍ଥା ସଙ୍ଗିନ ହେବାରୁ ତାଙ୍କୁ ଏମ୍‌ସ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା କରାଯାଉଛି । ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ।

## ଗଜପତି ଜିଲ୍ଲାକୁ ମିଳିଲେ ୧୯ ଡାକ୍ତର, ସ୍ୱାସ୍ଥ୍ୟସେବାରେ ଆସିବ ସୁଧାର




ପାରଳାଖେମୁଣ୍ଡି(ନିପ୍ର): ଗଜପତିରେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ସରକାର ତରଫରୁ ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେପି ଉପସଭାପତି କେ. ନାରାୟଣ ରାଓ କହିଛନ୍ତି ପାରଳାଖେମୁଣ୍ଡି ଆଦିବାସୀ ଅଧ୍ୟୁଷିତ ତଥା ଉପାନ୍ତ ଅଞ୍ଚଳ ଭାବେ ପରିଚିତ ଗଜପତି ଜିଲ୍ଲାର ସ୍ୱାସ୍ଥ୍ୟସେବାକୁ ଅଧିକ ସୁଦୃଢ଼ କରିବା ଦିଗରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ଜିଲ୍ଲାକୁ ୧୯ ଜଣ ଡାକ୍ତର ଯୋଗାଇ ଦିଆଯାଇଥିବା ବେଳେ ଖୁବ୍‌ଶୀଘ୍ର ସେମାନେ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ଯୋଗଦେବେ । ଏହାଦ୍ୱାରା ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ମାନ ବୃଦ୍ଧି ପାଇବା ସହ ଗ୍ରାମାଞ୍ଚଳରେ ଡାକ୍ତର ଅଭାବଜନିତ ସମସ୍ୟା ଅନେକାଂଶରେ ଦୂର ହେବ ବୋଲି ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେପି ଉପସଭାପତି କେ. ନାରାୟଣ ରାଓ ଆଶାବ୍ୟକ୍ତ କରିଛନ୍ତି । ଏହି ୧୯ ଜଣ ଡାକ୍ତରଙ୍କ ମଧ୍ୟରୁ ୪ ଜଣ ବିଶେଷଜ୍ଞ ଡାକ୍ତର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିଯୁକ୍ତି ପାଇବେ । ଅନ୍ୟ ଡାକ୍ତରମାନେ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଦେବେ । ଫଳରେ ଜିଲ୍ଲାର ଦୁର୍ଗମ ଓ ଗ୍ରାମାଞ୍ଚଳରେ ମଧ୍ୟ ଲୋକଙ୍କୁ ଉନ୍ନତ ଚିକିତ୍ସାସେବା ମିଳିପାରିବ । ଏନେଇ ଶ୍ରୀ ରାଓ କହିଛନ୍ତି ଯେ, ସେ ବିଧାୟକ ଥିବା ସମୟ ଠାରୁ ଏବେ ପର୍ଯ୍ୟନ୍ତ ଗଜପତି ଜିଲ୍ଲାରେ ଡାକ୍ତର ଅଭାବ ସମସ୍ୟାର ସମାଧାନ ପାଇଁ ବାରମ୍ବାର ଦାବି ଉଠାଇବା ସହ ବିଧାନସଭାରେ ମଧ୍ୟ ପ୍ରଶ୍ନ କରିଥିଲେ । ବର୍ତ୍ତମାନର ସରକାର ଗଜପତି ଜିଲ୍ଲାର ସ୍ୱାସ୍ଥ୍ୟସେବା ସମସ୍ୟା ପ୍ରତି ଗୁରୁତ୍ୱ ଦେଇଥିବାରୁ ସେ ସନ୍ତୋଷ ପ୍ରକାଶ କରିଛନ୍ତି । ଏଥିସହ ସେ ନିଜେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ଜିଲ୍ଲାରେ ଡାକ୍ତର ଅଭାବ ସମ୍ପର୍କରେ ଅବଗତ କରାଇଥିବା କହିଛନ୍ତି ।

### ୯.୨୪ କୋଟି ଆତ୍ମସାତ୍ ମାମଲା

# ୩ ସରକାରୀ କର୍ମଚାରୀଙ୍କୁ ଗିରଫ କଲା ଭିଜିଲାନ୍ସ

ଭୁବନେଶ୍ୱର,(ନି.ପ୍ର): ଆରଆଣ୍ଡବି ଡିଭିଜନ୍-୧ କାର୍ଯ୍ୟାଳୟରେ ୯.୨୪ କୋଟି ଆତ୍ମସାତ୍ ମାମଲାରେ ଭିଜିଲାନ୍ସ ଅଧିକ ଖୋଳତାଡ଼ କରୁଛି । ଏହି ମାମଲାରେ ଆଉ ୩ ଜଣ ସରକାରୀ କର୍ମଚାରୀଙ୍କୁ ଭିଜିଲାନ୍ସ ଆଜି ଗିରଫ କରିଛି । ସେମାନେ ହେଲେ ଭୁବନେଶ୍ୱର ଜିଲ୍ଲା କୋଷାଗାର କାର୍ଯ୍ୟାଳୟର ବରିଷ୍ଠ ଆକାଉଣ୍ଟାଣ୍ଟ୍ କୃଷ୍ଣ ଚନ୍ଦ୍ର ବେହେରା, ପୁରୀ ଆରଆଣ୍ଡବି ଡିଭିଜନର ସିନିୟର ଆସିଷ୍ଟାଣ୍ଟ ବିଶ୍ୱନାଥ ଦାସ ଓ ଭୁବନେଶ୍ୱର ଆରଆଣ୍ଡବି ଡିଭିଜନ-୧ର ପିଅନ କୁମୁଦ ସାହୁ । ସମସ୍ତ ଅଭିଯୁକ୍ତଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି । ଏହାପୂର୍ବରୁ ପ୍ରଥମେ ଦୁଇ ମୁଖ୍ୟ ଅଭିଯୁକ୍ତ ଭୁବନେଶ୍ୱର ଆରଆଣ୍ଡବି ଡିଭିଜନ-୧ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ସେକ୍ସନ ଅଫିସର୍ ବନଲତା ମହାନ୍ତି ଓ ଜୁନିଅର ଆସିଷ୍ଟାଣ୍ଟ ବିଭୂଦତ୍ତ ନାୟକଙ୍କୁ ଗିରଫ କରାଯାଇଥିଲା । ଏହାପରେ ବନଲତା ଓ ବିଭୂଦତ୍ତଙ୍କ ଅଧୀନରେ ଉକ୍ତ ଅଫିସରେ କାର୍ଯ୍ୟ କରୁଥିବା ପିଅନ ଲକ୍ଷ୍ମଣ ବିଶ୍ୱାଳ, ଦୀପକ କୁମାର ରାଉତରାୟ, ଡାଟା ଏଣ୍ଟ୍ରି ଅପରେଟର ରାଜୀବ ଲୋଚନ ସେନାପତି ଓ ସୌମ୍ୟ ରଞ୍ଜନ ମହାପାତ୍ରଙ୍କୁ ମଧ୍ୟ ଗିରଫ କରାଯାଇଥିଲା । ତେବେ ଗିରଫଦାରୀ ସଂଖ୍ୟା ୯ରେ ପହଞ୍ଚିଛି । ଭିଜିଲାନ୍ସ ପକ୍ଷରୁ ଜାରି ପ୍ରେସ ରିଲିଜରେ ଅଭିଯୁକ୍ତମାନଙ୍କ ଭୂମିକାକୁ ନେଇ ସ୍ପଷ୍ଟ କରାଯାଇଛି । ତଦନ୍ତରୁ ଜଣାପଡ଼ିଛି ଯେ, ମୁଖ୍ୟ ଅଭିଯୁକ୍ତ ବିଭୁଦତ୍ତ ମାର୍ଚ୍ଚ ୨୦୨୫ରୁ ଜୁଲାଇ ୨୦୨୬ ମଧ୍ୟରେ ୧୧ ଥରରେ ଫୋନ୍ ପେ' ଜରିଆରେ କୃଷ୍ଣଚନ୍ଦ୍ରଙ୍କୁ ମୋଟ ୩ ଲକ୍ଷ ୯୦ ହଜାର ଟଙ୍କା ପଠାଇଥିଲେ । ଜାଲ୍ ଓ ଠକେଇପୂର୍ଣ୍ଣ ବିଲ୍‌ଗୁଡ଼ିକୁ ବିନା ଆପତ୍ତିରେ ପାସ୍ କରାଇବା ପାଇଁ ଏହି ଅର୍ଥ ଦିଆଯାଇଥିବା ତଦନ୍ତରୁ ଜଣାପଡ଼ିଛି । ସେହିପରି, ବିଶ୍ୱନାଥ ପୂର୍ବରୁ ଭୁବନେଶ୍ୱରସ୍ଥିତ ଅଧୀକ୍ଷଣ ଯନ୍ତ୍ରୀଙ୍କ ଆରଆଣ୍ଡବି ଡିଭିଜନ୍-୧ କାର୍ଯ୍ୟାଳୟରେ କନିଷ୍ଠ ସହାୟକ ଭାବେ କାର୍ଯ୍ୟ କରୁଥିଲେ । ସେ ନିଜ ମାଆଙ୍କ ବ୍ୟାଙ୍କ ଖାତା, ନିଜ ବ୍ୟାଙ୍କ ଖାତା ଏବଂ ସମ୍ପର୍କୀୟ କାହ୍ନୁଚରଣ ବେହେରାଙ୍କ ବ୍ୟାଙ୍କ ଖାତାର ବିବରଣୀ ଅଭିଯୁକ୍ତ ବନଲତା ଓ ବିଭୂଦତ୍ତଙ୍କୁ ଦେଇଥିଲେ । ହଡ଼ପ କରାଯାଇଥିବା ଅର୍ଥ ଏହି ଖାତାଗୁଡ଼ିକରେ ଜମା କରିବା ପାଇଁ ସେ ଏପରି କରିଥିବା ତଦନ୍ତରୁ ଜଣାପଡ଼ିଛି । ଅସ୍ଥାୟୀ ଗ୍ରାଚ୍ୟୁଇଟି, ଅବ୍ୟବହୃତ ଛୁଟି ବାବଦ ଦରମା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ମୁଣ୍ଡରେ ବିପୁଳ ପରିମାଣର ବେଆଇନ ଅର୍ଥ ଏହି ବ୍ୟାଙ୍କ ଖାତାଗୁଡ଼ିକରେ ଜମା କରାଯାଇଥିଲା । ତଦନ୍ତରୁ ଏପର୍ଯ୍ୟନ୍ତ ଜଣାପଡ଼ିଛି ଯେ, ବିଶ୍ୱନାଥ ଦାସଙ୍କ ମାଆ ନୟନା ଦାସଙ୍କ ଖାତାରେ ପ୍ରାୟ ୫୦ ଲକ୍ଷ ଟଙ୍କା, ତାଙ୍କ ସମ୍ପର୍କୀୟ କାହ୍ନୁଚରଣ ବେହେରାଙ୍କ ଖାତାରେ ୧୫ ଲକ୍ଷ ଟଙ୍କା ଏବଂ ବିଶ୍ୱନାଥଙ୍କ ନିଜ ଖାତାରେ ୩୭ ଲକ୍ଷ ଟଙ୍କା ଜମା ହୋଇଥିଲା । ଏହି ଅର୍ଥ ପାଇବା ପରେ ବିଶ୍ୱନାଥ ଏହାର ଏକ ଅଂଶ ଫୋନ୍ ପେ ମାଧ୍ୟମରେ ବିଭୁଦତ୍ତ ଓ ବନଲତାଙ୍କ ବ୍ୟାଙ୍କ ଖାତାକୁ ପଠାଇଥିବା ଅଭିଯୋଗ ହୋଇଛି । ବାକି ଟଙ୍କା ନଗଦ ଆକାରରେ ଉଠାଯାଇଥିବା ତଦନ୍ତରୁ ଜଣାପଡ଼ିଛି । ଅନ୍ୟପକ୍ଷରେ, ଭୁବନେଶ୍ୱର ଆର୍ ଆଣ୍ଡ ବି ଡିଭିଜନ୍-୧ କାର୍ଯ୍ୟାଳୟରେ ପିଅନ କୁମୁଦ ମଧ୍ୟ ନିଜ ପତ୍ନୀ ବିଜୁଳି ସାହୁଙ୍କ ବ୍ୟାଙ୍କ ଖାତାର ମୁଖ୍ୟ ଅଭିଯୁକ୍ତ ବନଲତା ମହାନ୍ତି ଓ ବିଭୁଦତ୍ତଙ୍କୁ ଦେଇଥିଲେ । ଅସ୍ଥାୟୀ ଗ୍ରାଚ୍ୟୁଇଟି ବାବଦରେ ବିଜୁଳିଙ୍କ ବ୍ୟାଙ୍କ ଖାତାରେ ୧୧ ଲକ୍ଷ ୨୫ ହଜାର ୧୨୦ ଟଙ୍କା ଜମା ହୋଇଥିଲା । ପରେ କୁମୁଦ ଉକ୍ତ ଅର୍ଥକୁ ନିଜ ବ୍ୟାଙ୍କ ଖାତାକୁ ଟ୍ରାନ୍ସଫର କରି ତିନିଟି କିସ୍ତିରେ ନଗଦ ଟଙ୍କା ଉଠାଇଥିଲେ । ଏହି ଅର୍ଥକୁ ମୁଖ୍ୟ ଅଭିଯୁକ୍ତ ବନଲତା ଓ ବିଭୁଦତ୍ତଙ୍କ ସହ ମିଶି ହଡ଼ପ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ବନଲତା ଓ ବିଭୂଦତ୍ତ ଏସଷ୍ଟାବ୍ଲିସମେଂଟ ସେକ୍ସନରେ କାମ କରୁଥିଲେ । ୨୦୨୨-୨୩ରୁ ୨୦୨୫-୨୬ ଆର୍ଥିକ ବର୍ଷରେ ଏହି ଅନିୟମିତତା କରି ଟଙ୍କା ହଡ଼ପ କରିଥିଲେ । ମିଛ ଅର୍ଡର ଓ ବିଲ୍ କରି ଏତେ ବଡ଼ ପରିମାଣର ଟଙ୍କା ଚଲୁ କରିଥିଲେ । ଚଲୁ ଟଙ୍କା ୪୮ ଜଣଙ୍କ ୭୭ଟି ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଥିଲା ବୋଲି ତଦନ୍ତରେ ଜଣାପଡିଥିଲା ।

### ପାର୍ବଣ ପୂର୍ବରୁ ରକ୍ତ ରଞ୍ଜିତ ହେଲା ଆସିକା

## ସ୍ୱଷ୍ଟ ଦିବାଲୋକରେ ଯୁବକକୁ ହାଣିଲେ ଦୁର୍ବୃତ୍ତ

ଆସିକା (ନିପ୍ର): ପାର୍ବଣ ପୂର୍ବରୁ ରକ୍ତ ରଞ୍ଜିତ ହୋଇଛି ଆସିକା । ସ୍ୱଷ୍ଟ ଦିବାଲୋକରେ ଯୁବକକୁ ହାଣିଲେ ଦୁର୍ବୃତ୍ତ । ଆସିକା ଋଷିକୂଲ୍ୟା ବ୍ରିଜ ଉପରେ ସ୍ୱଷ୍ଟ ଦିବାଲୋକରେ ଜଣେ ଯୁବକଙ୍କୁ ମରଣାତ୍ମକ ଆକ୍ରମଣ ହୋଇଛି । ଦୁର୍ବୃତ୍ତମାନେ ସ୍ୱଷ୍ଟ ଦିବାଲୋକରେ ରକ୍ତର ହୋଲି ଖେଳୁଥିବା ବେଳେ ନିକଟରେ ଶହ ଶହ ଲୋକ ଦେଖୁଥିଲେ ମଧ୍ୟ ନିକଟକୁ ଯାଇ ରକ୍ଷା କରିବାକୁ କେହି ସାହସ କରିନଥିଲେ । ଦୀର୍ଘ ସମୟ ଯୁବକ ଜଣଙ୍କ ଛଟ ପଟ ହେଉଥିବା ବେଳେ କେତେକ ସାହସୀ ଯୁବକ ଘଟଣାସ୍ଥଳରୁ ଉଦ୍ଧାର କରି ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଏକ ଅଟୋ ଯୋଗେ ଆଣିଥିଲେ । ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ଏମ କେ ସି ଜିକୁ ସ୍ଥାନାନ୍ତରିତ କରାଯାଇଛି । ଯୁବକଙ୍କ ଅବସ୍ଥା ଗୁରୁତର ରହିଛି । ଘଟଣାର ଖବର ପାଇ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନ ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ ପହଞ୍ଚି ତଦନ୍ତ ଚଳାଇବା ସହ ଘଟଣା ସ୍ଥଳରୁ ଏକ କାତି ଓ ଦାଆ ଜବତ କରିବା ସହ ଓ ରକ୍ତ ନମୁନା ସଂଗ୍ରହ କରିଛନ୍ତି । ପ୍ରକାଶ ଥାଉକି ଗୁରୁତର ଆହତ ଯୁବକ ଜଣକ ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ଥାନା ଅଧୀନ ଓଳମ୍ବା ଗ୍ରାମର ସନ୍ତୋଷ କୁମାର ଭୂୟାଁଙ୍କ ପୁଅ ରାମେଶ୍ୱର ଭୂୟାଁ (ରାଜା )(୨୫) । ବ୍ରହ୍ମପୁର ବାଲିଗୁଡା ମା ନାମକ ଏକ ଘରୋଇ ବସରେ କଣ୍ଡକ୍ଟର ରୂପେ କାମ କରନ୍ତି । ଗତ ତିନିମାସ ତଳେ ଆସିକା ଥାନା ଅଧୀନ ଏକ କଲୋନୀର ଜଣେ ବାସିନ୍ଦାଙ୍କ ଝିଅ ଯେକି ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଯୁକ୍ତ ତିନି ଛାତ୍ରୀ ରୂପେ ଅଧ୍ୟୟନ ରତ ସହ ଫେରାର ହୋଇଯାଇଥିଲା । ଝିଅର ମା ଆସିକା ଥାନାରେ ଅଭିଯୋଗ ପରେ ଆସିକା ପୋଲିସ ଉକ୍ତ ଯୁବତୀଙ୍କୁ ଖଲ୍ଲିକୋଟ ନିକଟରୁ ଉଦ୍ଧାର କରି ଝିଅକୁ ମା ନିକଟରେ ଜିମା ଦେଇଥିଲେ । କାଳକ୍ରମେ ଏହି ଝିଅକୁ ଆସିକା ଥାନା ଦେବଭୂମି ଗ୍ରାମ ତଳସାହି ବିଷ୍ଣୁ ବେହେରାଙ୍କ ପୁଅ ମିଟୁ ବେହେରା ଙ୍କ ସହ ବାହାଘର ପାଇଁ ପ୍ରସ୍ତାବ ହୋଇଥିଲା । ଏହି କଥା ଜାଣିବା ପରେ ପୁଣି ଝିଅ ବସ କଣ୍ଡକ୍ଟର ରାମେଶ୍ୱର ଓରଫ (ରାଜା )ସହ ଗତ ଛଅ ଦିନ ତଳେ ଫେରାର ହୋଇଯାଇଥିଲା । ଏହି ଘଟଣାରେ ଝିଅର ମା ଉତକ୍ଷିପ୍ତ ହୋଇ ଦେବଭୂମି ଗ୍ରାମରେ ଝିଅ ପାଇଁ ବାହାଘର ଠିକ କରିଥିବା ବିଷ୍ଣୁ ବେହେରାଙ୍କ ପୁଅ ମିଟୁ ବେହେରାକୁ ଜଣାଇଥିଲେ ବୋଲି କୁହାଯାଉଛି । ଅପରାହ୍ନ ୧୨ଟା ବେଳେ ପୂର୍ବ ଯୋଜନା ମୁତାବକ ଝିଅର ମା, ମିଟୁ ବେହେରା ଓ ମିଟୁର ସମ୍ପର୍କୀୟ ଭାଇ ବଳିଆ ବେହେରା ମିଶି ଆସିକା ପଲ୍ଲୀ ମେଡିକାଲ ଛକ ନିକଟରେ ଉକ୍ତ ଘଟଣାର ସମାଧାନ କରିବା କହି ବ୍ରହ୍ମପୁରରୁ ବାଲିଗୁଡା ଯାଉଥିବା ମା ବସରୁ ରାଜାକୁ ଓହ୍ଲାଇବାକୁ କହିଥିଲେ । ରାଜା ଏମାନଙ୍କ କଥାରେ ରାଜି ହୋଇ ବସ୍‌ରୁ ଓହ୍ଲାଇଥିଲା । ସେଠାରେ କୌଣସି କଥାକୁ ନେଇ ରାଜା ରାଜି ନହେବାରୁ ମିଟୁ ଓ ବଳିଆ ରାଜା ଭୂୟାଁକୁ ଆସିକା ପୋଷ୍ଟମଟମ ଛକ ନିକଟରେ ପୂର୍ବରୁ ଧରିଥିବା ଏକ କାତି ଓ ଦାଆରେ ଆକ୍ରମଣ କରିଥିଲେ । ରାଜା ପ୍ରାଣବିକଳରେ ଋଷିକୂଲ୍ୟା ବ୍ରିଜ ପଟକୁ ଦୌଡି ପଳାଇବା ବେଳେ ମିଟୁ ଓ ବଳିଆ ରାଜାରକୁ ହାଣି ଚାଲିଥିଲେ ବୋଲି କୁହାଯାଇଛି । ଆସାମୀ ମିଟୁ ଓ ବଳିଆ ସେମାନେ ଆଣିଥିବା ବୁଲେଟରେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ ।

### ପୂର୍ବ ଶତୃତାକୁ କେନ୍ଦ୍ର କରି ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

## ୬ ଜଣଙ୍କ ନାମରେ ମାମଲା ରୁଜୁ

କଣ୍ଟିଲୋ (ନି.ପ୍ର): ଖଣ୍ଡପଡ଼ା ଥାନା ଅଧୀନ ଗଡିଆସାହି ପଞ୍ଚାୟତର ପଥରଗଣ୍ଡ ଗ୍ରାମରେ ପୂର୍ବ ଶତୃତାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳର ମହିଳା ଚମ୍ପା ନାଏକ (୪୫)କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ଖଣ୍ଡପଡ଼ା ପୁଲିସ ୬ ଜଣଙ୍କ ନାମରେ ମାମଲା ରୁଜୁ କରିଥିବା ଜଣାଯାଇଛି । ମରଣାନ୍ତକ ଆକ୍ରମଣରେ ଆହତ ମହିଳାଙ୍କୁ ଆଶୁ ଚିକିତ୍ସା ନିମନ୍ତେ ପରିବାର ଲୋକେ ଏବେ ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଖଣ୍ଡପଡ଼ା ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ହାତ ବାନ୍ଧି ବସିଥିବା ଅଭିଯୋଗ ହେଉଛି ।ତେବେ ଘଟଣାରେ ସଂପୃକ୍ତ ମୁଖ୍ୟ ଅଭିଯୁକ୍ତମାନେ ଏବେ ସ୍ଥାନୀୟ ଅଞ୍ଚଳରେ ଖୋଲାମେଲାରେ ବୁଲୁଥିବା ନେଇ ଆହତ ମହିଳାଙ୍କ ପରିବାରବର୍ଗ ଅଭିଯୋଗ କରିଛନ୍ତି । ମରଣାନ୍ତକ ଆକ୍ରମଣ ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ସାଧାରଣରେ ଦାବି ହେଉଛି । ପ୍ରକାଶଥାଉକି ଉକ୍ତ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ପୁଲିସ ପଡୋଶୀ ଝରିଆ ମାଝୀ,ବଳରାମ ମାଝୀ,ଯାମିନୀ ମାଝୀ,ମିନା ମାଝୀ,ବନ ମାଝୀ ଓ ଝିଲି ମାଝୀଙ୍କ ନାମରେ ବିଭିନ୍ନ ଦଫାରେ ମାମଲା ରୁଜୁ କରିଥିବା ଜଣାପଡିଛି । ନୟାଗଡ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଘଟଣାରେ ହସ୍ତକ୍ଷେପ କରିବାକୁ ଦାବି ହେଉଛି ।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଭାପୁର,(ନିପ୍ର): ଫତେଗଡ଼ ଗ୍ରାମ ମଝିସାହିରେ ବାସ କରୁଥିବା ଲକ୍ଷ୍ମଣ ପ୍ରଧାନଙ୍କ ସାନ ପୁଅ ପପୁ ପ୍ରଧାନ ଶନିବାର ଦିନ ଆତ୍ମହତ୍ୟା କରିଥିବା ପରିବାର ସୂତ୍ରରୁ ପ୍ରକାଶ । ଆତ୍ମହତ୍ୟାର କାରଣ ଅସ୍ୱଷ୍ଟ ରହିଥିବାବେଳେ ପପୁ ନିକଟ କଟକ ଜିଲ୍ଲା ବୈଦ୍ୟେଶ୍ୱର ଥାନା ଅନ୍ତର୍ଗତ ମଧୁଆପଲ୍ଲୀ ଗ୍ରାମର ଅଚିହ୍ନା ଗଛ ରହିଥିବା ତୋଟା ଭିତରେ ବେକରେ ରଶି ଲଗେଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ସ୍ଥାନୀୟ ଯୁବକମାନେ ଏହା ଦେଖି ପପୁକୁ ପ୍ରଥମେ କଳାପଥର ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଖୋର୍ଦ୍ଧା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ କାର୍ଯ୍ୟରତ ଡାକ୍ତର ମୃତ ଘୋଷଣା କରିଥିଲେ । ରବିବାର ଦିନ ଶବ ପୋଷ୍ଟମର୍ଟମ ହୋଇ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି । ତାଙ୍କର ୮ ବର୍ଷର ପୁଅ ଏବଂ ୪ ବର୍ଷର ଝିଅ ରହିଛି । ତାଙ୍କର ମୃତ୍ୟୁରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ଜାଲ୍ ଭଡ଼ା ଚୁକ୍ତିନାମା ପ୍ରସ୍ତୁତ କରି ଜିଏସ୍‌ଟି ପଞ୍ଜୀକରଣ: ଭଡାଟିଆ ଗିରଫ

ଭୁବନେଶ୍ୱର,(ନି.ପ୍ର): ଜାଲ୍ ଭଡ଼ା ଚୁକ୍ତିନାମା ପ୍ରସ୍ତୁତ କରି ଜିଏସ୍‌ଟି ପଞ୍ଜୀକରଣ ପାଇଁ ଆବେଦନ ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ଅଭିଯୁକ୍ତ ଭଡାଟିଆକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ନବୀନ ନାୟକ । ପୋଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ଅଭିଯୋଗକାରୀ ଅରୁଣ କୁମାର ଗୁରୁଙ୍କ ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ନବୀନ ନାଏକ ୨୦୨୨ ମସିହାରୁ ନିଜ ପରିବାର ସହ ତାଙ୍କ ଘରେ ମାସିକ ଭଡ଼ାରେ ରହୁଥିଲେ । ଅଭିଯୋଗକାରୀଙ୍କ ଜଣେ ଘନିଷ୍ଠ ବନ୍ଧୁ ଅଭିଯୁକ୍ତଙ୍କୁ ପରିଚୟ କରାଇଥିବାରୁ ଉଭୟଙ୍କ ମଧ୍ୟରେ କୌଣସି ଲିଖିତ ଭଡ଼ା ଚୁକ୍ତିନାମା ହୋଇନଥିଲା । ଘରମାଲିକ ନିଜର ବ୍ୟକ୍ତିଗତ ଆବଶ୍ୟକତା ପାଇଁ ଜାନୁଆରୀ ୨୦୨୬ରେ ଘର ଖାଲି କରିବାକୁ ଅଭିଯୁକ୍ତଙ୍କୁ କହିଥିଲେ । କିନ୍ତୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଅଭିଯୁକ୍ତ ଘର ଖାଲି କରିନଥିଲେ କିମ୍ବା ଦୀର୍ଘ ଦିନ ଧରି ଘରଭଡ଼ା ଦେଇନଥିଲେ । ଶେଷରେ ସେ ନିଜ ପରିବାର ସହ ଘରେ ତାଲା ପକାଇ ଚାଲିଯାଇଥିଲେ । ଏହି ସମୟରେ ଅଭିଯୁକ୍ତଙ୍କ ବ୍ୟବସାୟ ସଂସ୍ଥା "ନବୀନ ଗ୍ରୀନ୍ ସୋଲାର ପାୱାର ପ୍ରାଇଭେଟ୍ ଲିମିଟେଡ୍" ର ଠିକଣା ଯାଞ୍ଚ ପାଇଁ ଜିଏସ୍‌ଟି କର୍ତ୍ତୃପକ୍ଷ ଉକ୍ତ ଘରକୁ ଆସିଥିଲେ । ସେମାନଙ୍କ ଠାରୁ ଅଭିଯୋଗକାରୀ ଜାଣିବାକୁ ପାଇଥିଲେ ଯେ, ଅଭିଯୁକ୍ତ ଉକ୍ତ ଠିକଣାକୁ ନିଜ ବ୍ୟବସାୟର ପଞ୍ଜୀକୃତ କାର୍ଯ୍ୟାଳୟ ଭାବେ ଦର୍ଶାଇ ଜିଏସ୍‌ଟି ପଞ୍ଜୀକରଣ ପାଇଁ ଆବେଦନ କରିଥିଲେ । ଏଥିପାଇଁ ସେ ୧୪.୧୦.୨୦୨୫ ରିଖର ଏକ ଜାଲ୍ ଭଡ଼ା ଚୁକ୍ତିନାମା ପ୍ରସ୍ତୁତ କରିଥିବା ଅଭିଯୋଗ ହୋଇଛି । ଉକ୍ତ ଚୁକ୍ତିନାମାରେ ଅଭିଯୋଗକାରୀଙ୍କ ମୃତ ପିତାଙ୍କ ଦସ୍ତଖତ ଜାଲିଆତି କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି । ଅଭିଯୋଗକାରୀଙ୍କ ପିତାଙ୍କର ଗତ ୨୫.୦୮.୨୦୧୧ ରେ ମୃତ୍ୟୁ ହୋଇଥିଲା । ଏଥିସହ ଜମିର ରେକର୍ଡ ଅଫ୍ ରାଇଟ୍ସକୁ ୱେବ୍ ପୋର୍ଟାଲରୁ ଅପଲୋଡ୍ କରି ଏହି ଜାଲ୍ ଚୁକ୍ତିନାମା ପ୍ରସ୍ତୁତ କରାଯାଇଥିବା ନେଇ ଅଭିଯୋଗକାରୀ ଅଭିଯୋଗରେ ଦର୍ଶାଇ ଥିଲେ । ଘଟଣା ଜାଣିବା ପରେ ଜିଏସ୍‌ଟି କର୍ତ୍ତୃପକ୍ଷ ଅଭିଯୁକ୍ତଙ୍କ ଆବେଦନକୁ ବାତିଲ କରିଥିଲେ ।

## ଦୋକାନରୁ ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ନି.ପ୍ର): ଦୋକାନରୁ ଚୋରି କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ବିଭୁନା ରାଉତ (୨୮) । ଅଭିଯୁକ୍ତଙ୍କ ଘର ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ଥାନା ଅନ୍ତର୍ଗତ ଡିହସାହି ହୋଇଥିବା ବେଳେ, ସେ ଖୋର୍ଦ୍ଧା ଜିଲ୍ଲାର ଐଗିଣିଆ ଅଞ୍ଚଳରେ ରହୁଥିଲେ । ପୁଲିସ ଆଜି ତାକୁ କୋର୍ଟ ଚାଲାଣ କରିଛି । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୦୮.୧୦.୨୦୨୬ ତାରିଖ ରାତିରେ ବରମୁଣ୍ଡା ସ୍ଥିତ ଏପିକଲ୍ ରୋଡରେ ଥିବା ଅଭିଯୋଗକାରୀ ଅଶ୍ୱନୀ କୁମାର ସାହୁଙ୍କ ଜଳଖିଆ ଦୋକାନରୁ ସିଗାରେଟ୍, ଗୁଟ୍‌ଖା, ବିସ୍କୁଟ୍, ମିକ୍ସଚର୍ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଯାଇଥିଲା । ଦୋକାନର ତାଲା ଭାଙ୍ଗି ଏହି ଚୋରି କରାଯାଇଥିବା ନେଇ ଅଭିଯୋଗ ପରେ ଖଣ୍ଡଗିରି ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପୁଲିସର ତଦନ୍ତ କାଳରେ ଏକ ବିଶ୍ୱସ୍ତ ସୂତ୍ରରୁ ଚଢାଉ କରି ଡୁମୁଡୁମା ଛକ ନିକଟରୁ ଅଭିଯୁକ୍ତଙ୍କୁ ଧରିବା ସହ ତାଙ୍କ ନିକଟରୁ ଗୋଟିଏ ହୋଣ୍ଡା ଆକ୍ଟିଭା ସ୍କୁଟର, ଗୋଟିଏ କଟର୍ ମେସିନ୍, ସିଗାରେଟ୍, ବିସ୍କୁଟ୍, ମିକ୍ସଚର୍ ପ୍ୟାକେଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି ।

## ଘରେ ପଶି ଚୋରି, ଜଣେ ଗିରଫ

ଭୁବନେଶ୍ୱର,(ନି.ପ୍ର): ଘରେ ପଶି ଚୋରି କରିବା ଅଭିଯୋଗରେ ଶ୍ରୀଲିଙ୍ଗରାଜ ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଖଗେଶ୍ୱର ମହାନ୍ତି ଓରଫ୍ ଲୁଲୁ (୩୧) । ପୁଲିସ ତା ନିକଟରୁ ଚୋରି ଘଟଣାରେ ବ୍ୟବହୃତ ଏକ ହୋଣ୍ଡା ସାଇନ୍ ମୋଟରସାଇକେଲ୍ ସହ ଏକ ୨ଟିବି ହାର୍ଡଡିସ୍କ, ଗୋଟିଏ ନଷ୍ଟ ହୋଇଥିବା ଓପୋ ମୋବାଇଲ୍, ଦୁଇଟି ଟାଇଟନ୍ ଘଣ୍ଟା, ଗୋଟିଏ ଫାଷ୍ଟଟ୍ରାକ୍ ଘଣ୍ଟା ଏବଂ ତିନୋଟି ଛୋଟ ରୁପା ପାଉଁଜି ସହ ଦୁଇ ଖଣ୍ଡ ଛିଣ୍ଡା ପାଉଁଜି ଜବତ କରାଯାଇଛି । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୨୮.୦୯.୨୦୨୬ ରିଖ ସକାଳେ ଗୌରୀନଗର ଅଞ୍ଚଳର ଅଭିଷେକ ମହାନ୍ତି ଘରେ ତାଲା ପକାଇ ବାହାରକୁ ଯାଇଥିବା ସମୟରେ ଅଭିଯୁକ୍ତ ଘରର ତାଲା ଭାଙ୍ଗି ଭିତରେ ପଶି ଏକ ସାମସଙ୍ଗ ଟାବ୍, ହାର୍ଡଡିସ୍କ, ଦୁଇଟି ମୋବାଇଲ୍ ଫୋନ୍, ତିନୋଟି ହାତଘଣ୍ଟା, ମୁଦ୍ରା ଭର୍ତ୍ତି ଗୁଲକ୍ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଯାଇଥିଲେ ।

## ଧାର ଟଙ୍କାକୁ ନେଇ ଯୁବକଙ୍କୁ ଅପହରଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ନି.ପ୍ର): ଧାର ଟଙ୍କା ଆଦାୟ ପାଇଁ ଯୁବକଙ୍କୁ ଅପହରଣ ଓ ବନ୍ଦୀ କରି ରଖିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଅଂଶୁମାନ ଚିରଞ୍ଜିବୀ ମହାନ୍ତି । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଓମ୍ ପ୍ରକାଶ ସ୍ୱାଇଁ (୨୧),ଜିଲ୍ଲା- ଭଦ୍ରକ, ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ, ଗତକାଲି ତାଙ୍କ ବନ୍ଧୁ ସ୍ମିତିରଞ୍ଜନ ନାୟକ ଫୋନ୍ କରି ଜଣାଇଥିଲେ ଯେ, ୩ରୁ ୪ଜଣ ଅଜଣା ବ୍ୟକ୍ତି ତାଙ୍କୁ ଜୋରଜବରଦସ୍ତ ଉଠାଇ ନେଇ ତାଙ୍କ ବାଇକ୍ ସହ ଅଟକ ରଖିଛନ୍ତି, ଏଥିସହ ୧ ଲକ୍ଷ ୨୫ ହଜାର ଟଙ୍କା ଦାବି କରିବା ସହିତ ଟଙ୍କା ନଦେଲେ ମାରିଦେବାକୁ ଧମକ ଦେଉଥିବା ଜଣାଇଥିଲେ ।

## ହବିଷ୍ୟାଳୀ ବ୍ରତ ପାଇଁ ସମୀକ୍ଷା ବୈଠକ

ପୁରୀ(ନିପ୍ର): ଚଳିତ ବର୍ଷର ହବିଷ୍ୟାଳୀ ବ୍ରତ ବା ରାଇଦାମୋଦର ବ୍ରତ ଅକ୍ଟୋବର ୨୬ ତାରିଖରୁ ଆରମ୍ଭ ହୋଇ ନଭେମ୍ବର ୨୪ ତାରିଖରେ ଶେଷ ହେବ ।ରାଜ୍ୟର ବିଭିନ୍ନ ଜିଲ୍ଲାର ବିଭିନ୍ନ ସ୍ଥାନରୁ ମାଆ ମାନେ ହବିଷ ପାଳନ ପାଇଁ ଆସିବେ । ତେଣୁ ସମସ୍ତଙ୍କୁ ଉପଯୁକ୍ତ ସେବା ଯୋଗାଇବା ଆମ ସମସ୍ତଙ୍କ ସାମୁହିକ ଦାୟିତ୍ୱ ବୋଲି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ମତ ଦେଇଛନ୍ତି । ଆଜି ଅପରାହ୍ନରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ହବିଷ୍ୟାଳୀ ବ୍ରତ ପାଇଁ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ।

### ନିମାପଡ଼ା କଲେଜରେ ଛାତ୍ର ଅଶାନ୍ତି ବୃଦ୍ଧି

# ନାକଚ ପ୍ରାର୍ଥୀଙ୍କ ରାସ୍ତାରୋକ ଆନ୍ଦୋଳନ

ନିମାପଡ଼ା,(ନି.ପ୍ର.): ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନକୁ କେନ୍ଦ୍ର କରି ନିମାପଡ଼ାକୁ ଅଶାନ୍ତ କରି ଦିଆଯାଇଛି । ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନିର୍ବାଚନ ପାଇଁ ସର୍ବମୋଟ ୫୩ ଜଣ ପ୍ରାର୍ଥୀ ବିଭିନ୍ନ ପଦ ପଦବୀ ପାଇଁ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ । ପ୍ରାର୍ଥୀ ପତ୍ର ଯାଞ୍ଚ ପରେ ୩୯ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀ ପତ୍ର ବିଭିନ୍ନ କାରଣରୁ ନାକଚ ହୋଇ ୧୪ ଜଣଙ୍କ ପ୍ରାର୍ଥୀ ପତ୍ର କାଏମ ରହିଥିଲା । ଏଠାରେ ଅସନ୍ତୋଷ ପ୍ରକଟ କରି ଏଆଇଏସଏଫ ଏବଂ ବିଜୁ ଛାତ୍ର ଜନତା ଦଳର ପ୍ରାର୍ଥୀମାନେ ଅଧ୍ୟକ୍ଷଙ୍କ ଠାରୁ ସନ୍ତୋଷ ଜନକ ଉତର ନପାଇ କଲେଜ ପରିସରରେ ନାରାବାଜି କରିବା ସହିତ ଧାରଣା ଦେଇଥିଲେ ।



କଲେଜ ପ୍ରଶାସନ କୌଣସି କଥା ନ ଶୁଣିବାରୁ ଛାତ୍ରମାନେ ନିମାପଡ଼ା-କୋଣାର୍କ ରାଜ୍ୟ ରାଜପଥର ଦୋଳବେଦୀ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ରାସ୍ତାରୋକ ଆନ୍ଦୋଳନ ଚଳାଇ ଥିଲେ । ନିମାପଡ଼ା ଉପଖଣ୍ଡ ପୋଲିସ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ଥାନା ନିରୀକ୍ଷକ ସମରେନ୍ଦ୍ର ପାଇକରାୟ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଛାତ୍ର, ଅଣଛାତ୍ରଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ଶାସକ ଦଳର ହସ୍ତକ୍ଷେପ ଯୋଗୁ ତାଙ୍କ ପ୍ରାର୍ଥୀ ପତ୍ର ନାକଚ ହୋଇଥିବା ଅଭିଯୋଗ କରିଥିଲେ । ଶନିବାର ଦିନ ଅସନ୍ତୁଷ୍ଟ ଛାତ୍ରମାନଙ୍କ ସହ ବିଜୁ ଜନତା ଦଳର ଗତ ସାଧାରଣ ନିର୍ବାଚନରେ ପ୍ରାର୍ଥୀ ଦିଲ୍ଲୀପ ନାୟକ କଲେଜ ପରିସରରେ ଧାରଣା ଦେଇ ନାକଚ କାରଣ ସଂପର୍କରେ ଅଧ୍ୟକ୍ଷଙ୍କୁ ପଚାରି ଥିଲେ । ଅଧ୍ୟକ୍ଷ ଡ଼ଃ ରାଜକିଶୋର ମିଶ୍ର ସମସ୍ତ ନାକଚ ପ୍ରାର୍ଥୀଙ୍କୁ ଲିଖିତ ଆକାରରେ ଅଭିଯୋଗ କରିବାକୁ କହିଥିଲେ । ମୋଟ ୩୯ ଜଣଙ୍କ ମଧ୍ୟରୁ ୧୩ ଜଣ ସେମାନଙ୍କ ପ୍ରାର୍ଥୀ ପତ୍ର କାହିଁକି ନାକଚ ହୋଇଛି ବୋଲି ଦରଖାସ୍ତ ଦେଇଥିଲେ । ଅଧ୍ୟକ୍ଷ ଏ ସଂକ୍ରାନ୍ତରେ ସବିଶେଷ ରିପୋର୍ଟ ପ୍ରସ୍ତୁତ କରିଥିଲେ ହେଁ ଅପରାହ୍ନ ୫ଟା ସୁଦ୍ଧା କେହି ଆସି ନଥିଲେ ରିପୋର୍ଟ ନେବା ପାଇଁ । ପରିଚାଳନା କମିଟି ସଭାପତି ତଥା ପୁରୀ ଉପ-ଜିଲ୍ଲାପାଳ ରାଜ କିଶୋର ଜେନାଙ୍କ ପରାମର୍ଶକ୍ରମେ ସମସ୍ତ ନାକଚ ପ୍ରାର୍ଥୀଙ୍କ ପ୍ରାର୍ଥୀତ୍ୱ କ'ଣ ପାଇଁ କଟିଲା ସେ ସଂପର୍କରେ ନୋଟିସ ବୋର୍ଡ଼ରେ ଲଗାଇ ଦିଅ । କଲେଜ ପରିସରରେ ଛାତ୍ର ଅଶାନ୍ତି ଯୋଗୁଁ ସଶସ୍ତ୍ର ପୋଲିସ ୟୁନିଅନ୍ ହୋଇଥିଲେ ହେଁ ଅଧ୍ୟାପକ, ଅଧ୍ୟାପିକା ଆଦି ୮ ଘଂଟାରୁ ଉର୍ଦ୍ଧ୍ୱ କାଳ ବନ୍ଦ କୋଠରୀ ମଧ୍ୟରେ ରହି ଭୟଭୀତ ଥିବା ଲକ୍ଷ୍ୟ କରାଯାଇଥିଲା ।



ଭୁବନେଶ୍ୱର ବିନ୍ଦୁସାଗରଠାରେ ପବିତ୍ର ମହାଳୟା ଅବସରରେ ଶ୍ରଦ୍ଧାଳୁଙ୍କ ପିତୃପୁରୁଷଙ୍କୁ ପିଣ୍ଡଦାନ । (ଫଟୋ-ଦିନଲିପି)

# ଇନ୍ଦୋରରେ ପହଞ୍ଚିଲେ ଭାରତ-ୱେଷ୍ଟଇଣ୍ଡିଜ ଟିମ୍

ମୁମ୍ବାଇ,୧୦।୧୦: ଇନ୍ଦୋରର ହୋଲ୍କର ଷ୍ଟାଡିୟମରେ ହେବାକୁ ଥିବା ଭାରତ ବନାମ ୱେଷ୍ଟଇଣ୍ଡିଜର ତୃତୀୟ ଟି-୨୦ ଏବେ ଆହୁରି ଅଧିକ ରୋମାଞ୍ଚକ ହୋଇଯାଇଛି । ଦ୍ୱିତୀୟ ଟି-୨୦ରେ ୱେଷ୍ଟଇଣ୍ଡିଜ ଐତିହାସିକ ବିଜୟ ହାସଲ କରିଛି । ଭାରତ ୨୫୦ରନର ବଡ଼ ସ୍କୋର ଡିଫେଣ୍ଡ କରିପାରିନାହିଁ । ସିରିଜ ୧-୧ରେ ବରାବର ରହିଛି, ଇନ୍ଦୋରରେ ବିଜୟୀ ଟିମ୍ ୫ମ୍ୟାଚର ସିରିଜରେ ଆଗକୁ ଯିବ । ପ୍ଲେୟର୍ସ ଶନିବାର ସହରରେ ପହଞ୍ଚିଛନ୍ତି, ଯେଉଁଠାରେ ଏୟାରପୋର୍ଟର ବାହାରେ ବଡ଼ ସଂଖ୍ୟାରେ ଫ୍ୟାନ୍ସ ପହଞ୍ଚିଥିଲେ । ଭାରତ ବନାମ ୱେଷ୍ଟଇଣ୍ଡିଜ ତୃତୀୟ ଟି-୨୦ ରବିବାର ୧୧ ଅକ୍ଟୋବର ଇନ୍ଦୋରର ହୋଲ୍କର ଷ୍ଟାଡିୟମରେ ସନ୍ଧ୍ୟା ୭ଟା ସମୟରେ ଖେଳାଯିବ । ଟସ୍ ଅଧଘଣ୍ଟା ପୂର୍ବରୁ ୬ଟା ୩୦ ମିନିଟରେ ହେବ । ଏହି ମ୍ୟାଚ୍ ବି ହାଇ ସ୍କୋରିଂ ହେବାର ଆଶା ରହିଛି । କାରଣ ଇନ୍ଦୋରର ପିଚ୍ ବ୍ୟାଟିଂ ଲାଗି ସହଜ ହୋଇଥାଏ । ପୂର୍ବ ଟି-୨୦ରେ ୫୦୦ରୁ ଅଧିକ ରନ୍ କରିଥିବା ଶାଇ ହୋପ ୧୦୨ରନର ଐତିହାସିକ ପାଳି ଖେଳିଥିଲେ । ଏହା ୱେଷ୍ଟଇଣ୍ଡିଜ ଲାଗି ଦ୍ୱିତୀୟ ସବୁଠାରୁ ଦ୍ରୁତ ଶତକ ଥିଲା । ଯାହା ୪୫ବଲରେ ଆସିଥିଲା । ଭାରତ ଏବଂ ୱେଷ୍ଟଇଣ୍ଡିଜ ଟିମର ଖେଳାଳୀ ଶନିବାର ଅପରାହ୍ନରେ ଏକ ସାଥିରେ ଇନ୍ଦୋରରେ ପହଞ୍ଚିଥିଲେ । ଏୟାରପୋର୍ଟର ବାହାରେ ବଡ଼ ସଂଖ୍ୟାରେ ଫ୍ୟାନ୍ସ ନିଜ ପସନ୍ଦର ଖେଳାଳୀଙ୍କୁ ଦେଖିବାକୁ ଆସିଥିଲେ ।

ଭାରତୀୟ ସ୍କ୍ୱାଡ୍: ଶ୍ରେୟସ ଅୟର (ଅଧିନାୟକ), ଅକ୍ଷର ପଟେଲ, କୁଲଦୀପ ଯାଦବ, ସଞ୍ଜୁ ସାମସନ(ୱିକେଟକିପର), ଇଶାନ କିଶନ (ୱିକେଟ କିପର), ବୈଭବ ସୂର୍ଯ୍ୟବଂଶୀ, ଶିବମ ଦୁବେ, ଅଭିଷେକ ଶର୍ମା, ଅର୍ଶଦୀପ ସିଂହ, ତିଲକ ବର୍ମା, ରବି ବିଶ୍ନୋଇ, ନିତିଶ କୁମାର ରେଡ୍ଡୀ, ମୟଙ୍କ ଯାଦବ, ନମନ ଧୀର, ପ୍ରୀନ୍ସ ଯାଦବ ।

ୱେଷ୍ଟଇଣ୍ଡିଜ ସ୍କ୍ୱାଡ: ଶାଇ ହୋପ (ଅଧିନାୟକ ଏବଂ ୱିକେଟକିପର), ଅକୀଲ ହୁସେନ, ରଷ୍ଟନ ଚେସ, ଗୁଡାକେଶ ମୋତୀ, ଶିମରୋନ ହେଟମେୟର, ଅମୀର ଜାଙ୍ଗୁ (ୱିକେଟକିପର), ଜ୍ୱେଲ ଏଣ୍ଡ୍ରୁ (ୱିକେଟକିପର), କୋମୀ ପାଲ, ଶମର ସ୍ପ୍ରିଂଗର, ରୋବମେନ ପାୱେଲ, ରୋମାରିୟୋ ଶଫେଇ, ଶୋରଫେନ ରଦରଫୋର୍ଡ଼, ମ୍ୟାଥ୍ୟୁ ଫୋର୍ଡ଼, କମିଲ ପୂରନ, ଶମାର ଜୋସଫ ।

# ଛାତ୍ର ସଂସଦ ନିର୍ବାଚନ: ମୈଦାନରେ ୬,୩୬୨ ପ୍ରାର୍ଥୀ

ଭୁବନେଶ୍ୱର,୧୦।୧୦: ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଛାତ୍ର ସଂସଦ ନିର୍ବାଚନକୁ ନେଇ ପ୍ରାର୍ଥୀଙ୍କ ଚୂଡ଼ାନ୍ତ ତାଲିକା ସମ୍ପର୍କିତ ତଥ୍ୟ ପ୍ରକାଶ କରାଯାଇଛି । ରାଜ୍ୟର ମୋଟ ୩୪୭ଟି କଲେଜ ଏହି ନିର୍ବାଚନରେ ଅଂଶଗ୍ରହଣ କରିଛନ୍ତି । ନିର୍ବାଚନ ପାଇଁ ମୋଟ ୮,୩୭୦ଟି ନାମାଙ୍କନପତ୍ର ଦାଖଲ ହୋଇଥିଲା । ଦାଖଲ ହୋଇଥିବା ନାମାଙ୍କନପତ୍ର ମଧ୍ୟରୁ ୧,୧୯୬ ଜଣ ପ୍ରାର୍ଥୀଙ୍କ ନାମାଙ୍କନ ନାକଚ ହୋଇଥିବା ବେଳେ ୭,୧୭୪ ଜଣଙ୍କ ନାମାଙ୍କନ ବୈଧ ଘୋଷଣା କରାଯାଇଥିଲା । ପରେ ୪୦୫ ଜଣ ପ୍ରାର୍ଥୀ ନିଜ ନାମାଙ୍କନ ପ୍ରତ୍ୟାହାର କରିନେଇଥିଲେ ।ନାମାଙ୍କନ ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହେବା ପରେ ନିର୍ବାଚନରେ ଲଢ଼ିବାକୁ ଥିବା ପ୍ରାର୍ଥୀଙ୍କ ଚୂଡ଼ାନ୍ତ ସଂଖ୍ୟା ୬,୩୬୨ ରହିଛି ।

# ସିଆଇଆଇ ଜାତୀୟ ଜଳ ପରିଚାଳନା ଉତ୍କର୍ଷ ପୁରସ୍କାର ହାସଲ କଲା ଜିନ୍ଦଲ

ଯାଜପୁର,୧୦।୧୦(ନି.ପ୍ର): ଭାରତର ଅଗ୍ରଣୀ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦକ ଜିନ୍ଦାଲ ଷ୍ଟେନଲେସ୍‌ର ଯାଜପୁର ୟୁନିଟ୍‌କୁ 'ସିଆଇଆଇ ଜାତୀୟ ଜଳ ପରିଚାଳନା ଉତ୍କର୍ଷତା ପୁରସ୍କାର ୨୦୨୬' ର 'ୱିଥିନ୍ ଦ ଫେନ୍ସ' ବର୍ଗରେ ବିଜେତା ଭାବେ ସମ୍ମାନିତ କରାଯାଇଛି । ଜଳ ସଂରକ୍ଷଣ, ସଂସାଧନର ଦକ୍ଷ ବ୍ୟବହାର ଏବଂ ସ୍ଥାୟୀ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି । ସିଆଇଆଇ-ତ୍ରିବେଣୀ ୱାଟର ଇନଷ୍ଟିଚ୍ୟୁଟ୍ ପକ୍ଷରୁ ପ୍ରଦତ୍ତ ଏହି ପୁରସ୍କାର ଜଳ ସଂରକ୍ଷଣ, ଅଭିନବ ବ୍ୟବସ୍ଥା, କାର୍ଯ୍ୟଦକ୍ଷତା ଏବଂ ସ୍ଥାୟୀ ଜଳ ପରିଚାଳନାରେ ଉତ୍କର୍ଷତା ପ୍ରଦର୍ଶନ କରୁଥିବା ସଂସ୍ଥାଗୁଡ଼ିକୁ ସମ୍ମାନିତ କରିଥାଏ । ଗତ ଏକ ଦଶକରୁ ଅଧିକ ସମୟ ଧରି ଏହି ପୁରସ୍କାର ଜଳ ସୁରକ୍ଷିତ ଭବିଷ୍ୟତ ଗଠନରେ ଅବଦାନ ରଖୁଥିବା ଶିଳ୍ପ ସଂସ୍ଥାଗୁଡ଼ିକୁ ସ୍ୱୀକୃତି ଦେଇଆସୁଛି । ଏହି ସ୍ୱୀକୃତି ଯାଜପୁର ୟୁନିଟ୍‌ରେ ସ୍ଥାୟୀ ବିକାଶକୁ ମୂଳ ଆଧାର କରି କାର୍ଯ୍ୟ ସଞ୍ଚାଳନ ପ୍ରତି ଜିନ୍ଦାଲ ଷ୍ଟେନଲେସ୍‌ର ଅତୁଟ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । କମ୍ପାନୀର ଏହି ଫ୍ଲାଗଶିପ୍ ଉତ୍ପାଦନ କେନ୍ଦ୍ର ବିଶ୍ୱର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନ କେନ୍ଦ୍ରଗୁଡ଼ିକ ମଧ୍ୟରୁ ଅନ୍ୟତମ ।




# କାଳୀପୂଜା ମଣ୍ଡପ ନିର୍ମାଣ କାର୍ଯ୍ୟ ଆରମ୍ଭ କଲା ଜେଏସ୍‌ଡବ୍ଲ୍ୟୁ

ପାରାଦୀପ,୧୦।୧୦: ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଓ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ନୂଆଗାଁ ଗ୍ରାମ ପଞ୍ଚାୟତରେ ଏକ କାଳୀପୂଜା ମଣ୍ଡପ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି । ମଣ୍ଡପ ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଆଜିଠାରୁ ଏହାର ସୌନ୍ଦର୍ଯ୍ୟକରଣ ଓ ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇଛି । ଆଗାମୀ କାଳୀପୂଜା ଉତ୍ସବ ପୂର୍ବରୁ ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଦାବି ପୂରଣ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି । ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍‌ର ସଭାପତି ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ଏହି ପଦକ୍ଷେପ କମ୍ପାନୀର ସାମାଜିକ ବିକାଶ ପ୍ରତି ପ୍ରତିବଦ୍ଧତା ଏବଂ ଢ଼ିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତର ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ପାଇଁ ଜାରି ରହିଥିବା ପ୍ରୟାସକୁ ପ୍ରତିଫଳିତ କରୁଛି । ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ଏବଂ ସେମାନଙ୍କ ବିକାଶମୂଳକ ଆବଶ୍ୟକତାକୁ ଆଧାର କରି ଏହି ପ୍ରକଳ୍ପ ହାତକୁ ନିଆଯାଇଛି ।



# ସ୍ୱଚ୍ଛତା ଅଭିଯାନ ସହ ଜନସମ୍ବାଦ ଜାରି ରଖିଛି ପୂର୍ବତଟ ରେଳପଥ

ଭୁବନେଶ୍ୱର,୧୦।୧୦(ନିପ୍ର): ପୂର୍ବତଟ ରେଳପଥ ପକ୍ଷରୁ ଏହାର ପରିସୀମା ମଧ୍ୟରେ ସ୍ୱଚ୍ଛତା ପକ୍ଷ ୨୦୨୬ ପାଳନ ଅବସରରେ ବିଭିନ୍ନ ସଫେଇ କାର୍ଯ୍ୟକ୍ରମ, ସଚେତନତା ଅଭିଯାନ ଏବଂ ଯାତ୍ରୀଙ୍କ ସହ ଜନସମ୍ବାଦ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି କାର୍ଯ୍ୟକ୍ରମଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରେଳ ପରିସରରେ ସ୍ୱଚ୍ଛତା ବଜାୟ ରଖିବା, ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରିବା, ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ନିଶ୍ଚିତ କରିବା ଏବଂ ରେଳବାଇ କର୍ମଚାରୀ ଓ ସାଧାରଣ ଜନତାଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା । ଏହି ଅଭିଯାନ ଅନ୍ତର୍ଗତ କାର୍ଯ୍ୟାଳୟ ପରିସରର ଯାନ୍ତ୍ରିକ ସଫେଇ, ରେଳଧାରଣା ପାର୍ଶ୍ୱରୁ ବର୍ଜ୍ୟବସ୍ତୁ ଓ ପୁରୁଣା ଆବର୍ଜନା ହଟାଇବା ସହ ଇ-ବର୍ଜ୍ୟବସ୍ତୁ ଏବଂ ପୁରୁଣା ଫାଇଲଗୁଡ଼ିକର ଉପଯୁକ୍ତ ନିଷ୍କାସନ ଭଳି କାର୍ଯ୍ୟ କରାଯାଇଛି । ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କୁଇଜ୍ ପ୍ରତିଯୋଗିତା ସହ ଶିଶୁମାନଙ୍କ ପାଇଁ ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା । ଚାଲୁ ରହିଥିବା ସ୍ୱଚ୍ଛତା ଅଭିଯାନ ୬.୦ର ଅଂଶସ୍ୱରୂପ ରାୟଗଡ଼, ବଲାଙ୍ଗୀର, ବରପାଲି ଓ ଟିଟିଲାଗଡ଼ ରେଳ ଷ୍ଟେସନରେ ଜନସମ୍ବାଦ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସାଧାରଣ ଜନତା ଓ ଯାତ୍ରୀମାନେ ଉତ୍ସାହର ସହ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହା ମାଧ୍ୟମରେ ଯାତ୍ରୀମାନେ ରେଳ ଅଧିକାରୀଙ୍କ ସହ ସିଧାସଳଖ ଭାବ ବିନିମୟ କରିବା ସହ ଷ୍ଟେସନରେ ଉପଲବ୍ଧ ଯାତ୍ରୀ ସୁବିଧା, ଟ୍ରେନର ସ୍ୱଚ୍ଛତା ଓ ସେବା ପ୍ରଦାନ ସମ୍ପର୍କରେ ନିଜ ଅନୁଭୂତି, ପରାମର୍ଶ ଓ ମତାମତ ରଖିଥିଲେ । ଯାତ୍ରୀମାନଙ୍କ ମତାମତ ଓ ପରାମର୍ଶ ଆଧାରରେ ସେବାରେ ଉନ୍ନତି ଆଣିବା ପାଇଁ ବିଭିନ୍ନ କ୍ଷେତ୍ର ଚିହ୍ନଟ କରିବା ସହ ଯାତ୍ରୀ ସନ୍ତୋଷ ବୃଦ୍ଧି କରିବାରେ ସହାୟତା ମିଳିବ । ଏହି ପଦକ୍ଷେପଗୁଡ଼ିକ ସ୍ୱଚ୍ଛତା, ଉନ୍ନତ ଯାତ୍ରୀ ସୁବିଧା ଏବଂ ଯାତ୍ରୀକୈନ୍ଦ୍ରିକ ରେଳ ସେବା ପ୍ରତି ପୂର୍ବତଟ ରେଳପଥର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।



# ସ୍ୱୟଂସେବକଙ୍କୁ ମାର୍ଗଦର୍ଶନ କରାଇଲେ ମୋହନ ଭାଗବତ



ସମ୍ବଲପୁର, ୧୦।୧୦: ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ । ଶନିବାର ସନ୍ଧ୍ୟାରେ ଗଙ୍ଗାଧର ମେହର (ଜିଏମ) ବିଶ୍ୱବିଦ୍ୟାଳୟର ଅଡିଟୋରିୟମରେ ଉପସ୍ଥିତ ରହି ସ୍ୱୟଂସେବକଙ୍କ 'ଆହ୍ୱାନ ଗଣ' କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିବା ସ୍ୱୟଂସେବକମାନଙ୍କୁ ମୋହନ ଭାଗବତ ମାର୍ଗଦର୍ଶନ କରିଥିଲେ । ଆରଏସଏସ ର ୧୦୦ ବର୍ଷ ପୂର୍ତ୍ତି ହୋଇଛି । ତେବେ ଆଗକୁ ସଂଘ କେଉଁ କେଉଁ ଦିଗ ଉପରେ କାର୍ଯ୍ୟ କରିବ ସେନେଇ ବୈଠକରେ ଆଲୋଚନା ହୋଇଛି । ବୈଠକରେ ପୁରା ପଶ୍ଚିମ ଓଡ଼ିଶାର ୧୨ ଶହରୁ ଅଧିକ ସଂଘ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଂଚାୟତିରାଜ ମନ୍ତ୍ରୀ ରବି ନାଏକ, ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଅଛନ୍ତି ।

# କୁଚିଣ୍ଡା ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ନେଇ ବଢୁଛି ଉଷ୍ମତା

## ୩ ପଦବୀ ପାଇଁ ୮ ପ୍ରାର୍ଥୀ ମଇଦାନରେ

କୁଚିଣ୍ଡା,୧୦।୧୦(ନିପ୍ର): ସ୍ଥାନୀୟ କୁଚିଣ୍ଡା ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ବଢୁଛି ଉଷ୍ମତା । ଶୁକ୍ରବାର ୨୭ ଜଣ ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିଥିବା ବେଳେ ୧୭ ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଥିଲା । ଶନିବାର ସେମାନଙ୍କ ମଧ୍ୟରୁ ୫ ଜଣ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବା ବେଳେ ୧୨ ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଛି । ସେଥି ମଧ୍ୟରୁ ସଭାପତି ପଦବୀ ପାଇଁ ୩ ଜଣ, ଉପ-ସଭାପତି ପଦବୀ ପାଇଁ ୩ ଜଣ ଓ ସାଧାରଣ ସମ୍ପାଦକ ପଦବୀ ପାଇଁ ୨ ଜଣ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଅନ୍ୟ ୪ ପଦବୀ ପାଇଁ ଜଣେ ଲେଖାଏଁ ପ୍ରାର୍ଥୀପତ୍ର ଦାଖଲ କରିଥିବାରୁ ସେମାନେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ସଭାପତି ପଦବୀ ପାଇଁ ଟିଙ୍କୁ ପ୍ରଧାନ, ବିମଳା ରାୟ ଓ ପୋଞ୍ଚାମନ ତାଣ୍ଡିଆ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଉପ-ସଭାପତି ପଦବୀ ପାଇଁ ଲିଙ୍କନ କୁମାର ନାଏକ, ଲିପନ କୁମାର ମିଶ୍ର ଓ ଗାୟକ ଭଞ୍ଜ ଏବଂ ସାଧାରଣ ସମ୍ପାଦକ ପଦବୀ ପାଇଁ ଛବିରାଜ ପ୍ରଧାନ ଓ ସନ୍ୟାସୀ ମେହେର ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି ।

# ଆରୋହଣ ହାୟର ସେକେଣ୍ଡାରୀ ସ୍କୁଲରେ ବାୟୋଲୋଜି ସେମିନାର

# ବହି ବାହାରେ ଜୀବବିଜ୍ଞାନ: ଆବିଷ୍କାରରୁ ନବସୃଜନ ଉପରେ ଗୁରୁତ୍ୱ

କେନ୍ଦ୍ରାପଡ଼ା,୧୦।୧୦(ନିପ୍ର): ଜୀବବିଜ୍ଞାନର ଜ୍ଞାନ କେବଳ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ନୁହେଁ । ଏହାର ବ୍ୟବହାରିକ ଦିଗ, ନୂତନ ବୈଜ୍ଞାନିକ ଆବିଷ୍କାର ଏବଂ ଗବେଷଣା କ୍ଷେତ୍ରରେ ରହିଥିବା ଅପାର ସମ୍ଭାବନା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ଲକ୍ଷ୍ୟରେ ଆରୋହଣ ହାୟର ସେକେଣ୍ଡାରୀ ସ୍କୁଲ ପକ୍ଷରୁ ବାୟୋଲୋଜି ସେମିନାର-୨୦୨୬ ଆୟୋଜନ କରାଯାଇଛି । ଅକ୍ଟୋବର ୧୦ ତାରିଖ ଶନିବାର ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସ୍କୁଲ ପରିସରରେ ଏହି ସେମିନାର ଅନୁଷ୍ଠିତ ହୋଇଛି । ଆରୋହଣ ହାୟର ସେକେଣ୍ଡାରୀ ସ୍କୁଲ ଓ ଗୀତାଞ୍ଜ ଫାର୍ମାସ୍ୟୁଟିକାଲ୍ସର ମିଳିତ ସହଯୋଗରେ ଆୟୋଜିତ ଏହି ସେମିନାରର ମୁଖ୍ୟ ବିଷୟବସ୍ତୁ ଥିଲା 'ବହି ବାହାରେ ଜୀବବିଜ୍ଞାନ: ଆବିଷ୍କାରରୁ ନବସୃଜନ' । ଛାତ୍ରଛାତ୍ରୀଙ୍କ ଜ୍ଞାନବୃଦ୍ଧି ସହ ନୂତନ ବୈଜ୍ଞାନିକ ତଥ୍ୟ ଓ ଧାରଣା ସମ୍ପର୍କରେ ଜାଣିବା, ବୈଜ୍ଞାନିକ ଚିନ୍ତାଧାରାର ବିକାଶ ଏବଂ ଗବେଷଣା ପ୍ରତି ଆଗ୍ରହ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ ଥିଲା । ସେମିନାରରେ ମୁଖ୍ୟ ଅତିଥି ଭାବେ ଜେଆରଜି ଫାର୍ମାସି କଲେଜର ପ୍ରିନ୍ସିପାଲ ଡାକ୍ତର ଆଶିଷ ଦେବ ଯୋଗଦେଇଥିବା ବେଳେ ସୋସ୍ ନର୍ସିଂ କଲେଜର ପ୍ରିନ୍ସିପାଲ ଶ୍ରୀମତୀ ଜ୍ୟୋତିର୍ମୟୀ ପଟ୍ଟନାୟକ ଉପସ୍ଥିତ ଥିଲେ ।



# ନୂତନ ଜିଲ୍ଲାପାଳଙ୍କ ଅଚାନକ ତରଭା ଗସ୍ତ

ତରଭା,୧୦।୧୦(ନିପ୍ର): ଶନିବାର ମହାଳୟା ପାଇଁ ଛୁଟି ରହିଥିଲେ ହେଁ ସୁବର୍ଣ୍ଣପୁରରେ ଦୀର୍ଘ ଏକମାସ ପରେ ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲାପାଳ ଦେବାଶିଷ ସିଂ ପୂର୍ବାହ୍ନରେ ହଠାତ ତରଭା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଉପସ୍ଥିତ କିଛି ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଭେଟି ତରଭା ଅଂଚଳର ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ । ପରେ ତହସିଲ କାର୍ଯ୍ୟାଳୟ ଓ ଏନଏସିକୁ ଯାଇ ପରିଦର୍ଶନ କରିବା ପରେ ଜନସାଧାରଣଙ୍କ ଆପତ୍ତି ପରେ ଗତ ୩୧ ତାରିଖରେ ଉଦଘାଟିତ ହୋଇଥିବା ନୂତନ ବସଷ୍ଟାଣ୍ଡ ଯାଇ ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ଯେତେଶୀଘ୍ର ସମ୍ଭବ ଏହି ବସଷ୍ଟାଣ୍ଡକୁ ଯେମିତି ବସ ଚଳାଚଳ କରିବ ତାର ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ସିଂ ପ୍ରକାଶ କରିଥିଲେ । ଏହାପରେ ନୂତନ ବ୍ରିଜ ଓ ବାଇପାସ ସଂଯୋଗୀକରଣ ରାସ୍ତା ସମ୍ପୂର୍ଣ୍ଣ ହେବ ସେଥିପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ନୂତନ ଜିଲ୍ଲାପାଳଙ୍କ ଏହି ଗସ୍ତ ବର୍ତ୍ତମାନ ତାଙ୍କର କାର୍ଯ୍ୟଦକ୍ଷତା ନେଇ ଚର୍ଚ୍ଚା ଜୋର ଧରିଛି ।


**AFFIDAVIT**

By virtue of an affidavit sworn before The Executive Magistrate, Khordha affidavit no.2983 dtd.11.09.2026, I, Mahesh Manadhata S/o-Late Sarbeswar Manadhata, At-Gaudachheli, Po-Balabhadrapur, Ps-Baideswar, Dist-Cuttack, Pin-754009 do hereby declare that, I have changed my name from Maheswar Mandhata to Mahesh Manadhata. Mahesh Manadhata and Maheswar Mandhata both are one & the same person. Henceforth I shall be known as Mahesh Manadhata for all purposes.

Sd/-Mahesh Manadhata


# ବାଜି ରାଉତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ ନ୍ୟାୟମୂର୍ତ୍ତି ଅରିଜିତ ପଶାୟତ



କଟକ,୧୦।୧୦(ନିପ୍ର): ଭାରତର ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ସହିଦ ବାଜି ରାଉତଙ୍କ ସ୍ମୃତି ଓ ତ୍ୟାଗକୁ ଚିରସ୍ମରଣୀୟ କରିବା ଉଦ୍ଦେଶ୍ୟରେ କଟକର ଖାନନଗର ଶ୍ମଶାନ ନିକଟରେ ତାଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି । ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ତଥା ବର୍ତ୍ତମାନ ଏସ୍‌ଆଇଟିର ଉପାଧ୍ୟକ୍ଷ ନ୍ୟାୟମୂର୍ତ୍ତି ଅରିଜିତ୍ ପଶାୟତ ଏହି ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ । କଟକ ମହାନଗର ନିଗମ ପକ୍ଷରୁ ଆୟୋଜିତ ଏହି ଉନ୍ମୋଚନ ଉତ୍ସବ ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଖାନନଗର ଶ୍ମଶାନ ନିକଟରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଉନ୍ମୋଚକ ନ୍ୟାୟମୂର୍ତ୍ତି ଅରିଜିତ୍ ପଶାୟତ, ରାଜ୍ୟସଭା ସାଂସଦ ସୁଲତା ଦେଓ, କଟକ ମହାନଗର ନିଗମର କମିଶନର କିରଣଦୀପ କୌର ସାହୋତା, ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ବିଜୟଲକ୍ଷ୍ମୀ ସାହୁ, ଗାନ୍ଧୀ ପ୍ରଚାର ସମିତିର ବରିଷ୍ଠ ନେତା ଡକ୍ଟର ବିଶ୍ୱଜିତ୍, ବିଜେପିର ରାଜ୍ୟ ସମ୍ପାଦକ ସ୍ମୃତି ପଟ୍ଟନାୟକ, ବୁଦ୍ଧିଜୀବୀ ସତ୍ୟକାମ ମିଶ୍ର, ଡକ୍ଟର ରବିରଞ୍ଜନ ସାହୁ, କମିଟି ଅଧ୍ୟକ୍ଷ ପ୍ରଦୀପ ଖୁଣ୍ଟିଆ, ଗୋପାଳ ବେହେରା, ସିସିଆରର ବରିଷ୍ଠ ନେତା ବିଜୟ ପାଢ଼ିହାରୀ, ଅମରେନ୍ଦୁ ମହାନ୍ତି, ବିଜୁ ଜନତା ଦଳର ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ, କଟକ ମହାନଗର ସାଙ୍ଗଠନିକ ଜିଲ୍ଲା ସଭାପତି ଆଡଭୋକେଟ୍ ସ୍ୱଦେଶ ଦାସ, ଆଡଭୋକେଟ୍ ଚିତ୍ତରଞ୍ଜନ ମହାନ୍ତି ଏବଂ ଡିଏସ୍‌ଓର ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସାମାଜିକ କର୍ମୀ ଉପସ୍ଥିତ ଥିଲେ । ସଭା ଶେଷରେ ଡେପୁଟି ମେୟର ଦମୟନ୍ତୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ରେଭେନ୍ସାରେ ଛାତ୍ର ଆନ୍ଦୋଳନ: ପୋଲିସ-ଛାତ୍ରଛାତ୍ରୀ ଠେଲାପେଲା

## ଭିଡିଓ ଭାଇରାଲ: ସ୍ୱପ୍ନାରାଣୀ ପ୍ରଧାନଙ୍କ ନାମାଙ୍କନ କାଏମ

କଟକ,୧୦।୧୦(ନିପ୍ର): ରେଭେନ୍ସା ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନକୁ ନେଇ ଉତ୍ତେଜନା ଦେଖାଦେଇଛି । ଏଆଇଡିଏସ୍‌ଓ ପକ୍ଷରୁ ସଭାପତି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବା ସ୍ୱପ୍ନାରାଣୀ ପ୍ରଧାନଙ୍କ ନାମାଙ୍କନ ଖାରଜ ହେବା ପରେ ଛାତ୍ରଛାତ୍ରୀମାନେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ଗତକାଲିଠାରୁ ଏହି ଧାରଣା ଜାରି ରହିଥିବା ବେଳେ ସ୍ୱପ୍ନାରାଣୀ ଆମରଣ ଅନଶନରେ ବସିଛନ୍ତି । ଏହି ଆନ୍ଦୋଳନ ମଧ୍ୟରେ ପୋଲିସ ଓ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଚସା ଓ ଠେଲାପେଲା ହୋଇଥିବା ଅଭିଯୋଗ ହୋଇଛି । ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିବାକୁ ଯାଇଥିବା ଜଣେ ପୋଲିସ କର୍ମଚାରୀଙ୍କ ସହ ସେମାନଙ୍କର ବଚସା ହୋଇଥିଲା । ଏହାପରେ ଠେଲାପେଲା ଘଟଣା ଘଟିଥିବା କୁହାଯାଉଛି । ଅନ୍ୟପକ୍ଷରେ, ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ନିକଟକୁ ଯାଇଥିବା ପୋଲିସ କର୍ମଚାରୀ ମଦ୍ୟପାନ କରିଥିବା କିଛି ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଅସନ୍ତୋଷ ଦେଖାଦେଇଥିବା ବେଳେ ଘଟଣା ସମ୍ପର୍କିତ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ତେବେ ପୋଲିସ କର୍ମଚାରୀଙ୍କ ବିରୋଧରେ ହୋଇଥିବା ମଦ୍ୟପାନ ଅଭିଯୋଗ ଏବଂ ଠେଲାପେଲା ଘଟଣାକୁ ନେଇ ପୋଲିସ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ । ଘଟଣାକୁ ନେଇ ବିଶ୍ୱବିଦ୍ୟାଳୟ କିମ୍ବା ପୋଲିସ ପ୍ରଶାସନ ପକ୍ଷରୁ ଆଗକୁ କି ପଦକ୍ଷେପ ନିଆଯାଉଛି, ତାହା ଉପରେ ନଜର ରହିଛି । ତେବେ ପ୍ରାର୍ଥୀପତ୍ରକୁ ନେଇ ହୋଇଥିବା ବିବାଦ ମଧ୍ୟରେ ଶୁକ୍ରବାର ବଡ଼ ଓଲଟପାଲଟ ଦେଖିବାକୁ ମିଳିଛି । ଗତକାଲି ନାମାଙ୍କନ ବେଳେ ରେଭେନ୍ସା କର୍ତ୍ତୃପକ୍ଷ ଏଆଇଡିଏସଓ ପକ୍ଷରୁ ସଭାପତି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବା ସ୍ୱପ୍ନାରାଣୀ ପ୍ରଧାନଙ୍କ ନାମାଙ୍କନକୁ ଖାରଜ କରିଦେଇଥିଲେ । ଯାହାକୁ ନେଇ ସ୍ୱପ୍ନାରାଣୀ ଓ ତାଙ୍କ ସମର୍ଥକମାନେ କୁଳପତିଙ୍କ ଅଫିସ ଆଗରେ ଆମରଣ ଅନଶନରେ ବସିଥିଲେ । କିନ୍ତୁ ଚୂଡ଼ାନ୍ତ ତାଲିକା ପ୍ରକାଶ ସମୟରେ ରେଭେନ୍ସା କର୍ତ୍ତୃପକ୍ଷ ସ୍ୱପ୍ନାରାଣୀ ପ୍ରଧାନଙ୍କ ସଭାପତି ପ୍ରାର୍ଥୀ ଭାବେ ତାଙ୍କ ନାମାଙ୍କନ ପତ୍ରକୁ କାଏମ ରଖିଛନ୍ତି । ରେଭେନ୍ସା କର୍ତ୍ତୃପକ୍ଷଙ୍କ ଏହି ନିଷ୍ପତ୍ତିକୁ ଆନ୍ଦୋଳନରତ ଛାତ୍ରଛାତ୍ରୀ ମାନେ ସ୍ୱାଗତ କରିବା ସହ ଏହି ବିଜୟ ଛାତ୍ରଛାତ୍ରୀ ଶକ୍ତିର ବୋଲି କହିଛନ୍ତି ।

# ନୟାଗଡ଼ର ୪ କଲେଜରେ ଛାତ୍ର ସଂସଦ ନିର୍ବାଚନ ବାତିଲ

ନୟାଗଡ,୧୦।୧୦(ନିପ୍ର): ନୟାଗଡ଼ ଜିଲ୍ଲାର ୪ଟି ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ବାତିଲ ହୋଇଯାଇଛି । ଆଇନଶୃଙ୍ଖଳା ପରିସ୍ଥିତି ଓ ସମ୍ଭାବ୍ୟ ଅଶାନ୍ତିକୁ ଦୃଷ୍ଟିରେ ରଖି ନିର୍ବାଚନ ବାତିଲ କଲା ଜିଲ୍ଲା ପ୍ରଶାସନ । ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ନାମାଙ୍କନପତ୍ର ଦାଖଲ ସମୟରେ ଗଣ୍ଡଗୋଳ ଓ ସଂଘର୍ଷ ଘଟିବା ପରେ ନିଆଯାଇଛି ଏହି ପଦକ୍ଷେପ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଛି ନିର୍ଦ୍ଦେଶନାମା । ବାତିଲ ହୋଇଥିବା ମହାବିଦ୍ୟାଳୟ ମଧ୍ୟରେ ରହିଛି ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ, ଲାଠିପଡ଼ା ମଡେଲ ଡିଗ୍ରୀ ମହାବିଦ୍ୟାଳୟ, ଖଣ୍ଡପଡ଼ା ପଠାଣି ସାମନ୍ତ ଡିଗ୍ରୀ ମହାବିଦ୍ୟାଳୟ ଓ ଭାପୁର ବାଲୁଙ୍କେଶ୍ୱର ଦେବ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ । ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ଯାଏଁ ନିର୍ବାଚନ ସମ୍ପର୍କିତ କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ରହିଛି । ନୟାଗଡ଼ ଜିଲ୍ଲାରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଉତ୍ତେଜନା ପରେ ଜିଲ୍ଲା ପ୍ରଶାସନର ବଡ଼ ନିଷ୍ପତ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଅକ୍ଟୋବର ୯ ତାରିଖରେ ଜାରି ନିର୍ଦ୍ଦେଶନାମା ଅନୁଯାୟୀ, ଜିଲ୍ଲାର ଚାରିଟି ମହାବିଦ୍ୟାଳୟରେ ଚାଲିଥିବା ଛାତ୍ର ସଂସଦ ନିର୍ବାଚନକୁ ତତ୍କାଳ ବାତିଲ କରାଯାଇଛି । ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ନାମାଙ୍କନପତ୍ର ଦାଖଲ ସମୟରେ ଗଣ୍ଡଗୋଳ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା । ଏଥିସହ ନିର୍ବାଚନ ପ୍ରକ୍ରିୟାରେ ବାହ୍ୟ ହସ୍ତକ୍ଷେପ ଓ ଅଶାନ୍ତି ସୃଷ୍ଟିର ଆଶଙ୍କା ଥିବା ନେଇ ପ୍ରଶାସନ ଉଦ୍‌ବେଗ ପ୍ରକାଶ କରିଛି । ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ମହାବିଦ୍ୟାଳୟ ପରିସରରେ ସ୍ୱାଭାବିକ ପରିବେଶ ଫେରାଇ ଆଣିବା ଲକ୍ଷ୍ୟରେ ଏହି ନିଷ୍ପତ୍ତି ହୋଇଛି ।




**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/26-27/E-Tender/53, ତା.07.10.2026ରିଖ

(1) ଟେଣ୍ଡର ସଂ. etenderestatekur-170-2026, ତା.01.10.2026ରିଖ

**ବିବରଣୀ :** ମଞ୍ଚେଶ୍ୱର ସ୍ଥିତ ବରିଷ୍ଠ ସହାୟକ ମଣ୍ଡଳ ଯନ୍ତ୍ରୀ, ରେଳଡବା ମରାମତି କାରଖାନା ପରିସୀମା ଅଧିନସ୍ଥ ମଞ୍ଚେଶ୍ୱର ରେଳବାଇ କୋଲୋନୀରେ ଷ୍ଟାଫ୍ କ୍ୱାର୍ଟରଗୁଡ଼ିକର ବିବିଧ ମରାମତି କାର୍ଯ୍ୟ, ଯେଉଁଥିରେ ଛାତ ଗ୍ରେଡିଙ୍ଗ, କାନ୍ଥ ପ୍ଲାଷ୍ଟର ତଥା ଚଟାଣର ମରାମତି, କବାଟ, ଝରକା, ଭେଣ୍ଟିଲେଟର, ପାଇପ୍‌ଲାଇନର ପୁନଃସ୍ଥାପନ ଓ ସଙ୍କେନ (Sunken) ସ୍ଲାବ୍ କାର୍ଯ୍ୟ, ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଅନ୍ତର୍ଭୁକ୍ତ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 227.15 ଲକ୍ଷ, EMD : ₹ 4,54,300/-

(2) ଟେଣ୍ଡର ସଂ. etenderestatekur-168-2026, ତା.01.10.2026ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ସେଟେଲମେଣ୍ଟ/ମୁଖ୍ୟାଳୟ/ଭୁବନେଶ୍ୱର ପରିସୀମା ଅଧିନସ୍ଥ ଚନ୍ଦ୍ରଶେଖରପୁର ସ୍ଥିତ ରେଳ ପ୍ରେକ୍ଷାଳୟ (Auditorium)ର ବିବିଧ ମରାମତି ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 181.25 ଲକ୍ଷ, EMD : ₹ 3,62,500/-

(3) ଟେଣ୍ଡର ସଂ. eTender-NorthKUR-171-2026, ତା.01.10.2026ରିଖ

**ବିବରଣୀ :** ସହାୟକ ମଣ୍ଡଳ ଯନ୍ତ୍ରୀ (କେନ୍ଦୁଝରଗଡ଼)/ ଖୋର୍ଦ୍ଧା ରୋଡ଼ ପରିସୀମା ଅଧିନରେ 12 ଗୋଟି ଟ୍ରାକ୍ ମେଣ୍ଟେନର ରୁମ ସହ ଟୁଲ ରୁମର ପ୍ରସ୍ତାବିତ ନିର୍ମାଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 290.30 ଲକ୍ଷ, EMD : ₹ 5,80,600/-

ଶେଷ ହେବା ଅବଧି : 12 (ବାର) ମାସ (କ୍ରମ ସଂ. 1 ଓ 3 ପାଇଁ) ଏବଂ 10 (ଦଶ) ମାସ (କ୍ରମ ସଂ. 2 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 23.10.2026, 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-488/R/26-27



Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ